CMYK

- Vol.- 46, Issue No. 69
- Tuesday,9 June 2026
- ମଙ୍ଗଳବାର,୯ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
# THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com





# ମୟୂରଭଞ୍ଜକୁ ୪୩୦ କୋଟି ଭେଟି

## ୬୫୦ ଶଯ୍ୟାର ନୂଆ ଟିଚିଙ୍ଗ୍ ହସ୍ପିଟାଲ ଲୋକାର୍ପିତ

ଭୁବନେଶ୍ୱର,୮।୬: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ମୟୂରଭଞ୍ଜର ବାରିପଦା ଗସ୍ତରେ ଯାଇ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉଦ୍‌ଘାଟନ କରିଛନ୍ତି। ଏହାସହ ୪୩୦.୨୬ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି। ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ, ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କ୍ଷେତ୍ର ସହିତ ଜଡ଼ିତ ୩୯ଟି ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୨୮୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୨୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୧୪୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୧୮ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରାଯାଇଛି। ବିଶେଷ ଭାବେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୮୩ଟି ପାନୀୟ ଜଳ ପ୍ରକଳ୍ପ ଆଜି ଉଦ୍‌ଘାଟିତ ହୋଇଛି, ଯାହା ଦ୍ୱାରା ଏହି ସବୁ ଅଞ୍ଚଳରେ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟା ଦୂର ହେବ ଏବଂ ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ ବ୍ୟାପକ ସୁଧାର ଆସିବ। ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଆଧୁନିକ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଉତ୍ତର ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପମାନଙ୍କ ମଧ୍ୟରୁ ଅନ୍ୟତମ। ଆଧୁନିକ ସୁବିଧା, ଉନ୍ନତ ନିଦାନ ସେବା, ବିଶେଷଜ୍ଞ ଚିକିତ୍ସା ବିଭାଗ, ଗୁରୁତର ଚିକିତ୍ସା ସୁବିଧା, ଜରୁରୀକାଳୀନ ସେବା ଏବଂ ଉନ୍ନତ ଶିକ୍ଷାଦାନ ଭିତ୍ତିଭୂମି ସହିତ ଏହି ହସ୍ପିଟାଲ ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଅନେକ ଗୁଣରେ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଓ ଆଖପାଖ ଅଞ୍ଚଳରେ ବହୁ ସଂଖ୍ୟାରେ ଜନଜାତି ଭାଇ ଭଉଣୀ ବାସ କରୁଥିବାରୁ କମ୍ୟୁନିଟି ହେଲ୍‌ଥ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା, ଜନସ୍ୱାସ୍ଥ୍ୟ ଗବେଷଣା ଏବଂ ଜନଜାତି ବର୍ଗଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଏହି ମେଡିକାଲ କଲେଜ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ ଆଶା ବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧.୩୦ କୋଟି ପରିବାରର ୩.୪୬ କୋଟି ବ୍ୟକ୍ତିଙ୍କୁ ଦେଶର ବିଭିନ୍ନ ନାମିଦାମୀ ସରକାରୀ ଓ ବେସରକାରୀ ହସ୍ପିଟାଲରେ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ବର୍ତ୍ତମାନର ସରକାର ଆସିବାର ମାତ୍ର ୨୦ ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରାଯାଇଛି। ଚଳିତ ବର୍ଷ ଫେବ୍ରୁଆରୀ ମାସରେ ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁଭ ଦିଆଯାଇଥିବା ବେଳେ ଖୁବ୍‌ଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ହେବ। ସେହିପରି ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଗଜପତି, ମାଲକାନଗିରି, ରାୟଗଡାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ସହିତ ନୟାଗଡ ଓ ନୂଆପଡାରେ ୨ଟି ନୂଆ ହୋମିଓପାଥିକ ମେଡିକାଲ କଲେଜ ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ଡାକ୍ତରୀ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସହିତ କଥା ହୋଇଥିଲେ। ସନାତନ ସଂସ୍କୃତିର 'ସେବା ହିଁ ପରମ ଧର୍ମ' ବାର୍ତ୍ତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରକୃତ ଡାକ୍ତରୀ ଶିକ୍ଷା ହେଉଛି ବିଜ୍ଞାନ ଓ କାରୁଣ୍ୟର ଏକ ଅପୂର୍ବ ସମନ୍ୱୟ। ସମାରୋହରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା କରି କହିଛନ୍ତି ଯେ, 'ମୟୂରଭଞ୍ଜ ଜିଲ୍ଲାର ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ହାତଖୋଲି ସାହାଯ୍ୟର ହାତ ବଢ଼େଇଛନ୍ତି। ତାଙ୍କରି ଦୂରଦୃଷ୍ଟି ଓ ନିରନ୍ତର ସହଯୋଗ ଯୋଗୁଁ ହିଁ ଆଜି ମୟୂରଭଞ୍ଜ ବିକାଶର ଏକ ନୂଆ ଶିଖରରେ ପହଞ୍ଚି ପାରିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଇ କହିଛନ୍ତି, ଜିଲ୍ଲାବାସୀଙ୍କୁ ଶ୍ରେଷ୍ଠ ଚିକିତ୍ସା ସେବା ଯୋଗାଇଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ।

## ପ୍ରକାଶ ପାଇଲା ଓଜେଇଇ ପରୀକ୍ଷାଫଳ

ଭୁବନେଶ୍ୱର,୮।୬: ଚଳିତବର୍ଷ ପ୍ରକାଶ ପାଇଲା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ୨୦୨୬ର ଫଳାଫଳ। ରେଜଲ୍ଟ ପୁସ୍ତିକା ଉନ୍ମୋଚନ କଲେ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ। ପରୀକ୍ଷାରେ ମୋଟ ୧ ଲକ୍ଷ ୩ ହଜାର ୪୩୪ ଜଣ ପରୀକ୍ଷାର୍ଥୀ ପଞ୍ଜୀକୃତ କରିଥିଲେ ସେଥିମଧ୍ୟରୁ ୯୨ ହଜାର ୬୨୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ମୋଟ ୮୯.୫୫ ପ୍ରତିଶତ ପରୀକ୍ଷାର୍ଥୀ କମ୍ପ୍ୟୁଟର ଭିତ୍ତିକ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ୪ ମେ'ରୁ ୧୦ ମେ ମାସ ୨୦୨୬ ରେ ହୋଇଥିଲା ଓଜେଇଇ ପରୀକ୍ଷା। ରାଜ୍ୟର ୩୦ ଜିଲ୍ଲାର ୯୩ ସେଣ୍ଟରରେ ହୋଇଥିଲା ପରୀକ୍ଷା । କଲିକତା, ରାଞ୍ଚି ଓ ପାଟନା ଭଳି ସହରରେ ମୋଟ ୬ଟି କେନ୍ଦ୍ର ମଧ୍ୟ ଓଜେଇଇ ପରୀକ୍ଷା ପାଇଁ ରହିଥିଲା । ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ୧୬ ଟି ବୈଷୟିକ ଓ ବୃତ୍ତିଗତ ଶିକ୍ଷାରେ ଯୋଗ ଦେବେ । ଏନେଇ ଚଳିତ ମାସ ତୃତୀୟ ସପ୍ତାହରୁ ଆରମ୍ଭ ହେବ କାଉନସେଲିଂ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପ୍ରକାଶିତ ପରୀକ୍ଷା ଫଳ ଅନୁଯାୟୀ, ବିଭିନ୍ନ ପାଠ୍ୟକ୍ରମରେ ଶୀର୍ଷ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀଙ୍କ ନାମ ତାଲିକା ମଧ୍ୟ ବିଭାଗ ପକ୍ଷରୁ ଜାରି କରାଯାଇଛି । ଏଥିମଧ୍ୟରୁ ବି.ଫାର୍ମରେ ଶୁଭ୍ରାଂଶୁ ସୁତାର, ଏମବିଏରେ ତ୍ରିବିକ୍ରମ ପ୍ରଧାନ, ଏମସିଏରେ ନରେନ ପାତ୍ର ଏବଂ ସାମଗ୍ରିକ ଭାବେ ଏମ.ଟେକ୍‌ରେ ସ୍ୱାଗତ କୁମାର ବେହୁରା ଟପ୍ପର ହୋଇଛନ୍ତି। ପରୀକ୍ଷାର୍ଥୀମାନେ ଅଫିସିଆଲ୍ ୱେବସାଇଟ୍ www.ojee.nic.inରୁ ନିଜର ର୍‍ୟାଙ୍କ କାର୍ଡ ଡାଉନଲୋଡ୍ କରିପାରିବେ ।

## ବିଶାଖା ଷ୍ଟିଲ୍ ପ୍ଲାଣ୍ଟରେ ଅଗ୍ନିକାଣ୍ଡ: ୮ ଶ୍ରମିକ ମୃତ



ବିଶାଖାପଟ୍ଟନମ,୮।୬: ବିଶାଖାପଟ୍ଟନମ ସ୍ଥିତ ବିଶାଖା ଷ୍ଟିଲ୍ ପ୍ଲାଣ୍ଟର ଏସଏମଏସ୍-୨ ବିଭାଗରେ ସୋମବାର ଏକ ଭୟାବହ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୮ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଅନ୍ୟ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଘଟଣା ସମଗ୍ର ଶିଳ୍ପାଞ୍ଚଳରେ ଶୋକ ଓ ଚିନ୍ତାର ପରିବେଶ ସୃଷ୍ଟି କରିଛି। ପ୍ରାଥମିକ ସୂଚନା ଅନୁଯାୟୀ, ଲ୍ୟାଡଲ୍ ମାଧ୍ୟମରେ ପରିବହନ କରାଯାଉଥିବା ଅତ୍ୟଧିକ ଉତ୍ତପ୍ତ ଦ୍ରବୀଭୂତ ଧାତୁ ହଠାତ୍ ବାହାରକୁ ଛିଟି ପଡ଼ିଥିଲା। ମୁହୂର୍ତ୍ତକ ମଧ୍ୟରେ ସମଗ୍ର କାର୍ଯ୍ୟକ୍ଷେତ୍ର ଧୂଆଁ ଓ ଅଗ୍ନିରେ ଆବୃତ ହୋଇଯାଇଥିଲା। ଘଟଣାସ୍ଥଳରେ କାର୍ଯ୍ୟରତ ଶ୍ରମିକମାନେ ନିଜକୁ ରକ୍ଷା କରିବାକୁ ସମୟ ପାଇନଥିବାରୁ ଅନେକେ ଦ୍ରବୀଭୂତ ଧାତୁର ସଂସ୍ପର୍ଶରେ ଆସିଥିଲେ। ଏହି ଦୁର୍ଘଟଣାରେ ୮ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଖବର ସବୁଠାରୁ ବଡ଼ ଦୁଃଖଦ ଘଟଣା ଭାବେ ସାମ୍ନାକୁ ଆସିଛି। ମୃତ ଶ୍ରମିକମାନଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିବା ବେଳେ ସହକର୍ମୀ ଓ ସ୍ଥାନୀୟ ଲୋକମାନେ ମଧ୍ୟ ଏହି ଘଟଣାରେ ମର୍ମାହତ ହୋଇଛନ୍ତି। ଘଟଣାର ଖବର ପାଇବା ପରେ ଅଗ୍ନିଶମ ବିଭାଗ, ପ୍ଲାଣ୍ଟର ସୁରକ୍ଷା ଦଳ ଓ ଉଦ୍ଧାରକାରୀ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ କେତେକଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ଦୁର୍ଘଟଣାର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିଲେ ମଧ୍ୟ ଯାନ୍ତ୍ରିକ ତ୍ରୁଟି କିମ୍ବା ସୁରକ୍ଷା ବ୍ୟବସ୍ଥାରେ ଅବହେଳା ଯୋଗୁଁ ଏହା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ପ୍ଲାଣ୍ଟ କର୍ତ୍ତୃପକ୍ଷ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଉଜ୍ଜ୍ୱଳା ହିତାଧିକାରୀଙ୍କୁ ଝଟ୍‌କା ବର୍ଷକୁ ମିଳିବ ୪ଟି ଏଲ୍‌ପିଜି ସିଲିଣ୍ଡର



ନୂଆଦିଲ୍ଲୀ,୮।୬: ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ମଧ୍ୟରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ଏକ ଶକ୍ତ ଝଟକା ଲାଗିଛି। ଆଗକୁ ସେମାନେ ବର୍ଷକୁ ମାତ୍ର ୪ଟି ଏଲ୍‌ପିଜି ସିଲିଣ୍ଡର ରିହାତି ଦରରେ ପାଇବେ। ପୂର୍ବରୁ ସେମାନଙ୍କୁ ବର୍ଷକୁ ୧୨ଟି ସିଲିଣ୍ଡର ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ସେହି ସଂଖ୍ୟା ୯କୁ ହ୍ରାସ କରାଯାଇଥିଲା। ଏବେ ତାହାକୁ ୪ଟି ସିଲିଣ୍ଡରକୁ ହ୍ରାସ ପାଇଛି। ଯୋଜନାର ହିତାଧିକାରୀଙ୍କ ହାରାହାରି ଗ୍ୟାସ୍ ବ୍ୟବହାରକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ପେଟ୍ରୋଲିୟମ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ପ୍ରବୀଣ ମଲ ଖନୋଜା କହିଛନ୍ତି। ୨୦୧୬ରେ ଆରମ୍ଭ କରାଯାଇଥିବା ଉଜ୍ଜ୍ୱଳା ଯୋଜନାର ହିତାଧିକାରୀମାନଙ୍କୁ ୧୪.୨ କେଜି ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ଉପରେ ୨୦୦ ଟଙ୍କା ରିହାତି ଦେବାକୁ ୨୦୨୨ ମେ'ରେ ସରକାର ନିଷ୍ପତ୍ତି ନେଇଥିଲେ। ୨୦୨୩ ଅକ୍ଟୋବରରେ ରିହାତି ପରିମାଣକୁ ୩୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା।

## ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରର ଜରୁରୀ ଅବତରଣ



ଭୁବନେଶ୍ୱର,୮।୬: କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ଭୁବନେଶ୍ୱର ହୋଇଥିଲା। ଏହି ସମୟରେ ମୟୂରଭଞ୍ଜରୁ ଭୁବନେଶ୍ୱର ଫେରୁଥିଲେ ମୁଖ୍ୟମନ୍ତ୍ରୀ। । ବର୍ଷା ଓ ପବନ ପାଇଁ ଭୁବନେଶ୍ୱରରେ ଲ୍ୟାଣ୍ଡିଂ କରିପାରିଲାନି ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର। ଫଳରେ ପୁରୀ ସମଙ୍ଗ ଅସ୍ଥାୟୀ ବସଷ୍ଟାଣ୍ଡରେ ହେଲିକପ୍ଟର ଜରୁରୀ ଅବତରଣ କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ସହ ଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ପୁରୀ ସର୍କିଟ ହାଉସରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ରହିଥିଲେ। ପୁରୀରୁ କାରରେ ଭୁବନେଶ୍ୱର ମୁଖ୍ୟମନ୍ତ୍ରୀ ଫେରିଥିଲେ । ସୋମବାର ଅପରାହ୍ନରେ ଟ୍ୱିନସିଟିରେ କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଥିଲା। ନିମିଷକ ମଧ୍ୟରେ ଆକାଶ କଳାହାଣ୍ଡିଆ ହୋଇ ଘୋଟି ଆସିଥିଲା। ବର୍ଷା, ପବନ ସହ ବଜ୍ରପାତ ହୋଇଥିଲା।

## ୧୦ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର



ଭୁବନେଶ୍ୱର,୮।୬: ରାଜ୍ୟ କ୍ୟାବିନେଟ୍‌ରେ ସୋମବାର ୧୦ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ବାଜିଛି। ୫ ବିଭାଗର ୧୦ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଖୋର୍ଦ୍ଧାର କାଲିବେଟି ଶିଳ୍ପାଞ୍ଚଳରେ ମହିଳା ଶ୍ରମିକ ହଷ୍ଟେଲ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାର ଟେଣ୍ଡର ପ୍ରକ୍ରିୟାକୁ ଅନୁମୋଦନ କରାଯାଇଛି। ଏହା ୨୧୦ କୋଟି ବ୍ୟୟରେ ନିର୍ମାଣ ହେବ। ୪ ହଜାର ମହିଳା କର୍ମଚାରୀଙ୍କୁ ଏହା ସେବା ଯୋଗାଇବ। ୨ ବର୍ଷରେ ଏହାକୁ କାର୍ଯ୍ୟକ୍ଷମ କରାଯିବ। ସେହିପରି ୫୦୦ କୋଟି ବ୍ୟୟରେ ଜଳତଟ ବିକାଶ ଯୋଜନାକୁ ଅନୁମୋଦନ ମିଳିଛି। ସହରରେ ନଦୀତଟ ଓ ଜଳଭଣ୍ଡାରକୁ ପୁନର୍ଜୀବିତ କରିବା ଲକ୍ଷ୍ୟ ରଖାଯାଇଛି। ହିତାଧିକାରୀଙ୍କୁ ଷ୍ଟାମ୍ପ ଓ ରେଜିଷ୍ଟ୍ରେସନ ଶୁଳ୍କ ଛାଡ଼ କରାଯାଇଛି। ଦୟା-ଗଙ୍ଗୁଆର ସଙ୍ଗମ ସ୍ଥାନରେ ବର୍ଜ୍ୟ ଜଳ ବିଶୋଧନ କେନ୍ଦ୍ର ନିର୍ମାଣ ହେବ। ୫ ବର୍ଷ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଟେଣ୍ଡର ପ୍ରକ୍ରିୟାକୁ ଅନୁମୋଦନ ଦିଆଯାଇଛି। ସେହିପରି ଦୟାନଦୀ ଓ ଗଙ୍ଗୁଆ ନାଳର ପାଣିର ଗୁଣବତ୍ତାକୁ ପୁନରୁଦ୍ଧାର କରିବା ଲକ୍ଷ୍ୟ ରଖାଯାଇଛି। ଏହାସହ ଐତିହାସିକ ଯୋଜନା 'ଆତିଥ୍ୟ ଭିତ୍ତିଭୂମି ପାଇଁ ଭୂମି ବ୍ୟାଙ୍କ'କୁ ମଞ୍ଜୁରୀ ମିଳିଛି। ୫୫୦୦ ଏକର ଜମି ଚିହ୍ନଟ ହୋଇ ପର୍ଯ୍ୟଟନ ଭୂମି ବ୍ୟାଙ୍କରେ ସାମିଲ କରାଯିବ। ଏହି ଯୋଜନାରେ ୫ ବର୍ଷରେ ୧୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସମ୍ବଲପୁରର ଅଯୋଧ୍ୟା ସାଗର ୱେୟାର ମରାମତି ଓ ପୁନରୁଦ୍ଧାର ହେବ। ଏଥିପାଇଁ ୪୪୦ କୋଟି ଟଙ୍କା ଖର୍ଚ୍ଚ ହେବ। ୩୦ ମାସରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୃତ୍ତଙ୍ଗ ପ୍ରକଳ୍ପରେ ନୟାଗଡ଼ ମଞ୍ଜରୀ ଗାଁ ନିକଟରେ ମାଟିବନ୍ଧ ନିର୍ମାଣ ହେବ। ଏଥିପାଇଁ ୧୯୪ କୋଟି ବ୍ୟୟବରାଦ କରାଯାଇଛି। ଶିଳ୍ପ ନୀତି-୨୦୨୨ର ସଂଶୋଧନକୁ କ୍ୟାବିନେଟ ଅନୁମୋଦନ କରାଯାଇଛି।

## ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ମୃତ, ୨ ନିଖୋଜ

ତାଳଚେର,୮।୬: ବ୍ରାହ୍ମଣୀ ନଦୀରେ ଗାଧେଇବା ବେଳେ ବୁଡ଼ି ଗଲେ ତିନି ଜଣ ସାଙ୍ଗ । ଜଣେ ଉଦ୍ଧାର ହୋଇଥିବା ବେଳେ ଦୁଇ ଜଣ ନିଖୋଜ ଥିବା ଜଣାପଡ଼ିଛି। ଉଦ୍ଧାର ହୋଇ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିବା ଯୁବକଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି । ସମସ୍ତ ତିନି ଜଣ ସାଙ୍ଗ ତାଳଚେର ଷ୍ଟେସନ ଅଞ୍ଚଳର ହୋଇଥିବା ଜଣାପଡ଼ିଛି । ମୃତକଜଣକ ଗଣେଶ ଗୋଛାୟତ ହୋଇଥିବା ବେଳେ ନିଖୋଜ ଦୁଇଜଣ ଶକ୍ତି ସାହୁ ଓ ପ୍ରିନ୍ସ ଲୁହାର ହୋଇଥିବା ଜଣାପଡିଛି । ଆଖଣ୍ଡଳମଣି ମନ୍ଦିର ନିକଟ ତୁଠକୁ ସାତ ଜଣ ସାଙ୍ଗ ଗାଧୋଇବାକୁ ଆସିଥିବା ବେଳେ ଗଭୀର ସ୍ରୋତରେ ତିନି ଜଣ ବୁଡ଼ି ଯାଇଥିଲେ । ଘଟଣା ସ୍ଥଳରେ ତାଳଚେର ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛି।

## ବଜ୍ରାଘାତରେ ଦିଅର ଭାଉଜ ମୃତ

ଢେଙ୍କାନାଳ,୮।୬: ବଜ୍ରାଘାତରେ ଦିଅର ଭାଉଜଙ୍କ ମୃତ୍ୟୁ ଘଟିଛି। ହିନ୍ଦୋଳ ବ୍ଲକ୍ ବାଉଁଶ ପୋଖରୀ ପଞ୍ଚାୟତ ବନ୍ଧାଭୂଇଁ ଗ୍ରାମରେ ବଜ୍ରାଘାତ ନେଲା ଏହି ଦୁଇ ଜୀବନ। ମୃତକ ହେଲେ ସୁବାସିନି ସାହୁ ଏବଂ ତାଙ୍କ ଦିଅର ଗଣେଶ୍ୱର ସାହୁ। ସୋମବାର ଅପରାହ୍ନ ପ୍ରାୟ ୪ଟା ବେଳେ ଉଭୟ ଘର ନିକଟରେ ଥିବା ଏକ ଆମ୍ବ ଗଛରୁ ଆମ୍ବ ଗୋଟାଉଥିବା ବେଳେ ବଜ୍ରାଘାତର ଶିକାର ହୋଇଥିଲେ। ଉଭୟ ଦିଅର ଭାଉଜଙ୍କୁ ହିନ୍ଦୋଳ ମେଡିକାଲରେ ଭର୍ତ୍ତି କରିଥିଲେ ଗ୍ରାମବାସୀ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି। ଘଟଣାକୁ ନେଇ ହିନ୍ଦୋଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

### ମିଶନ ଶକ୍ତି ମହିଳାଙ୍କୁ ଟ୍ରେନିଂ ଦେବେ ଆଇଆଇଟି ପ୍ରଫେସର

## ୧୫୦ ଲକ୍ଷପତି ଦିଦିଙ୍କୁ କରାଯିବ କୋଟିପତି



ଭୁବନେଶ୍ୱର,୮।୬: ଟେକ୍ନୋଲୋଜିରେ ପାରଦର୍ଶିତା ଲାଭ କରିବେ ମିଶନ ଶକ୍ତି ମହିଳା। ଆଇଆଇଟି ପ୍ରଫେସର ସେମାନଙ୍କୁ ଟ୍ରେନିଂ ଦେବେ। ଏଥିପାଇଁ ଓଡ଼ିଶା ଜୀବିକା ମିଶନ ଓ ଭୁବନେଶ୍ୱର ଆଇଆଇଟି ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ଜୀବିକା ମିଶନ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ଓ ଆଇଆଇଟି ନିର୍ଦ୍ଦେଶକ ଶ୍ରୀପଦ କରମାକରଙ୍କ ମଧ୍ୟରେ ବୁଝାମଣା ହୋଇଛି। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୩ ବର୍ଷ ମଧ୍ୟରେ ରାଜ୍ୟର ୧୫୦ ଲକ୍ଷପତି ଦିଦିଙ୍କୁ କୋଟିପତି କରିବା ଲକ୍ଷ୍ୟ ରଖାଯାଇଛି। ଭୁବନେଶ୍ୱର ମିଶନ ଶକ୍ତି ଭବନରେ ଆଜି ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ ଜିଲ୍ଲାର ଲକ୍ଷପତି ଦିଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ। ସେହିପରି ପର୍ଯ୍ୟଟନସ୍ଥଳୀରେ ଇଭି ବୋଟ୍ ଚାଲିବା ନେଇ ବଡ଼ ଅପଡେଟ୍ ଦେଇଛନ୍ତି। ସେ କହିଛନ୍ତି ଯେ, ଆସନ୍ତା ୩ ରୁ ୪ ମାସ ଭିତରେ କାଳିଜାଇରେ ଇଭି ବୋଟ୍ ଚଳାଚଳ କରିବ। ଚିଲିକା ସହ ଭିତରକନିକାର ବୋଟକୁ ମଧ୍ୟ ଇଭି ଏବଂ ସୌରଚାଳିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟର ବହୁତ ସ୍ଥାନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ଜଙ୍ଗଲ ଯୋଗୁଁ ଭଲ ହୋଟେଲ ନଥିବାରୁ ହୋମଷ୍ଟେର ବ୍ୟବସ୍ଥା କରାଯାଉଛି। ଗାଁ ଘରେ ପର୍ଯ୍ୟଟକ ଗ୍ରାମୀଣ ଖାଦ୍ୟର ମଜା ନେଇପାରିବେ। ଆଦିବାସୀ ସଂସ୍କୃତି ଦେଖିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଏକ୍ସପେରିଏନ୍ସ ଟୁରିଜିମ ଦେବ ହୋମ ଷ୍ଟେ।

## ମାଓ ଡମ୍ପ ଠାବ, ବନ୍ଧୁକ ସହ ବିସ୍ଫୋରକ ଜବତ



ମାଲକାନଗିରି,୮।୬: ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାର ଦୁର୍ଗମ ଜଙ୍ଗଲରୁ ସୁରକ୍ଷାକର୍ମୀଙ୍କ ମିଳିତ କମ୍ବିଂ ଅପରେସନ୍‌ରେ ପୁଣି ଏକ ମାଓ ଡମ୍ପ ଠାବ ହୋଇଛି। ଏଥିରୁ ବିପୁଳ ପରିମାଣରେ ମାରଣାସ୍ତ୍ର ଜବତ କରାଯାଇଛି। ପୁଲିସଠାରୁ ମିଳିଥିବା ସୂଚନାନୁସାରେ, ଆତ୍ମସମର୍ପଣ କରିଥିବା ନକ୍ସଲମାନେ ପୁଲିସକୁ ନକ୍ସଲ ସଂଗଠନ ଦ୍ୱାରା ଲୁଚାଇ ରଖାଯାଇଥିବା ଅସ୍ତ୍ରଶସ୍ତ୍ର ସଂପର୍କରେ ବିସ୍ତୃତ ରିପୋର୍ଟ ପ୍ରଦାନ କରୁଛନ୍ତି। ଯାହାକୁ ପୁଲିସ ପରବର୍ତ୍ତୀ ସମୟରେ ସର୍ଚ୍ଚ ଅପରେସନ କରି ଜଂଗଲରୁ ମାଓ ଡମ୍ପକୁ ଉଦ୍ଧାର କରୁଛି। ସୁକମା ଜିଲ୍ଲାରୁ ଉଦ୍ଧାର କରାଯାଇଥିବା ସାମଗ୍ରୀ ମଧ୍ୟରୁ ଗୋଟିଏ ଇନସାସ ରାଇଫଲ, ୪୯ଟି ଅଫୁଟା ଗୁଳି, ୧୨ଟି ଏସଏଲଆର ଗୁଳି, ୨୭ଟି ୩୦୩ ଗୁଳି, ୧୬ଟି ଏମଏମ ବନ୍ଧୁକର ଗୁଳି, ୩୦ ମିଟର ବିଦ୍ୟୁତ ତାର, ୩ଟି ଇନ୍ ?ସାସ ମେଗାଜିନ, ୬ଟି ବେତାର ସେଲ, ଗୋଟିଏ ଷ୍ଟିଲ ଡବା ସହ ବହୁ ସାମଗ୍ରୀ ଜବତ କରାଯାଇଛି। ଏହି ହତିଆର ଓ ବିସ୍ଫୋଟକ ସାମଗ୍ରୀକୁ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ନକ୍ସଲ ଲୁଚାଇ ରଖିଥିବା ପୁଲିସ କହିଛି। ତେବେ ଧିରେ ଧିରେ ମାଓବାଦୀଙ୍କର ସମସ୍ତ ଡମ୍ପକୁ ଉଦ୍ଧାରକରି ନକ୍ସଲଙ୍କର ଅଣ୍ଟାକୁ ଭାଙ୍ଗି ଦିଆଯାଉଛି। ନକ୍ସଲ ନିଜର ପତିଆରା ସଂପୂର୍ଣ୍ଣ ହରାଇଥିବା ବେଳେ ପୁଣି ଛିଡା ହେବାକୁ ପ୍ରୟାସ କଲେ ମଧ୍ୟ ସଫଳ ହେବେ ନାହିଁ ବୋଲି ପୁଲିସ କହିଛି।

CMYK

## ଭାରତର ଏକମାତ୍ର ମନ୍ଦିର
# ଯେଉଁଠାରେ ହନୁମାନଙ୍କ ସହିତ ହୋଇଥାଏ ତାଙ୍କ ସ୍ତ୍ରୀଙ୍କ ପୂଜା



ଆମମାନଙ୍କ ମଧ୍ୟରୁ ଅନେକ ଜାଣିଛନ୍ତି କି ହନୁମାନ ହେଉଛନ୍ତି ବାଳ ବ୍ରହ୍ମଚାରୀ । ତେଣୁ ବ୍ରହ୍ମଚାରୀ ପାଳନ କରିଥିବା ଲୋକମାନେ ହନୁମାନଙ୍କୁ ପୂଜା କରିଥାନ୍ତି । କିନ୍ତୁ ଆମେ ଅପଣଙ୍କୁ ଯଦି କହିବୁ ହନୁମାନ କୁମାର ନଥିଲେ, ସେ ବିବାହିତ ଥିଲେ ତେବେ ଆପଣଙ୍କୁ ଏହା ଶୁଣିବା ପରେ ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିପାରେ । ଭାରତର ତେଲେଙ୍ଗାନାରେ ହନୁମାନଙ୍କର ବିବାହିତ ଜୀବନର ପ୍ରଥା ପ୍ରଚଳିତ । ତେଲେଙ୍ଗାନାର ଖମ୍ମାମ୍ ଜିଲ୍ଲାରେ ହନୁମାନ ଏବଂ ତା'ଙ୍କ ଧର୍ମପତ୍ନୀ ସୁବର୍ଚ୍ଚଳାଙ୍କର ଏକ ପୁରାତନ ମନ୍ଦିର ରହିଛି । ପରାସର ସାହିତ୍ୟରେ ମଧ ହନୁମାନଙ୍କର ବିବାହିତ ଜୀବନ ବିଷୟରେ ଲେଖାଯାଇଛି । ଏଠିକାର ଲୋକମାନେ ପ୍ରତି ବର୍ଷ ଜୈଷ୍ଠ ଶୁଭ ଦଶମୀରେ ହନୁମାନଙ୍କର ବିବାହ ଖୁବ୍ ଧୁମଧାମରେ ପାଳନ କରିଥାନ୍ତି । ସତକଥା ହେଉଛି ଅଧିକାଂଶ ଲୋକଙ୍କ ପାଇଁ ଏହା କୌଣସି ଆଶ୍ଚର୍ଯ୍ୟ ଠାରୁ କମ୍ ନୁହେଁ । କାରଣ ହନୁମାନଙ୍କୁ ବାଳ ବ୍ରହ୍ମଚାରୀ କୁହାଯାଇଥାଏ ।

### ଖମ୍ମମ୍ ଜିଲ୍ଲାରେ ରହିଛି ଏହି ମନ୍ଦିର



ତେଲଙ୍ଗନାର ଖମ୍ମମ୍ ଜିଲ୍ଲାରେ ଏହି ମନ୍ଦିରଟିର ସ୍ଥାପନା । ମନ୍ଦିର ସହିତ ଜଡିତ ଏହି ମାନ୍ୟତା ଅଛିକି' ଯେକେହିବି' ଏ ମନ୍ଦିରକୁ ଆସିଥାନ୍ତି ସେମାନଙ୍କର ବୈବାହିକ ଜୀବନ ଭଲରେ କଟିଥାଏ ଏବଂ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ଶେଷ ପର୍ଯ୍ୟନ୍ତ ରହିଥାଏ ।



### ସୂର୍ଯ୍ୟ ଦେବଙ୍କ ପୁତ୍ରୀଙ୍କ ସହିତ ହୋଇଥିଲା ବିବାହ

ପରାସର ସାହିତ୍ୟରୁ ଉଲ୍ଲେଖରେ ଜଣା ପଡିଛିକି' ହନୁମାନ ଅବିବାହିତ ନଥିଲେ ବଂର ବିବାହିତ । ତାଙ୍କର ବିବାହ ସୂର୍ଯ୍ୟ ଦେବଙ୍କ ପୁତ୍ରୀଙ୍କ ସହିତ ହୋଇଥିଲା । ସାହିତ୍ୟ ଅନୁସାରେ ହନୁମାନ ସୂର୍ଯ୍ୟ ଦେବଙ୍କୁ ତାଙ୍କର ଗୁରୁଭାବେ ସ୍ୱୀକାର କରିଥିଲେ । ସୂର୍ଯ୍ୟ ଦେବଙ୍କ ପାଖରେ ୯ଟି ଦିବ୍ୟ ବିଦ୍ୟା ରହିଥିଲା । ଏହି ସବୁ ବିଦ୍ୟାର ଜ୍ଞାନ ହନୁମାନ ପ୍ରାପ୍ତ କରିବା ପାଇଁ ଚାହୁଁଥିଲେ । ୯ ଟି ଜ୍ଞାନ ମଧ୍ୟରୁ ସୂର୍ଯ୍ୟ ଦେବ ହନୁମାନଙ୍କୁ ୫ଟି ବିଦ୍ୟା ଦେଇଦେଇଥିଲେ କିନ୍ତୁ ଅନ୍ୟ ୪ଟି ବିଦ୍ୟା କେବଳ ବିବାହିତ ପୁଅ ମାନେ ହିଁ ଜାଣିପରିବେ । ହନୁମାନ ବ୍ରହ୍ମଚାରୀ ଥିଲେ ତେଣୁ ସୂର୍ଯ୍ୟ ଦେବଙ୍କୁ ଏହି ୪ଟି ବିଦ୍ୟା ଦେବା ପାଇଁ ଅସମର୍ଥ ହୋଇଥିଲେ । ଏହି ସମସ୍ୟାର ନିରାକାରଣ ପାଇଁ ସୂର୍ଯ୍ୟ ଦେବ ହନୁମାନଙ୍କୁ ବିବାହ ପାଇଁ ପରାର୍ଶମ ଦେଲେ । ତେଣୁ ବହୁତ ବୁଝାଇବା ପରେ ହନୁମାନ ବିବାହ ପାଇଁ ରଜି ହୋଇଥିଲେ ।

## ବୈତରଣୀ ନଦୀ କୂଳେକୂଳେ ଶିବଲିଙ୍ଗ ସ୍ଥାପନ



ଗୋନାସିକା ପର୍ବତରୁ ଏକ କୋଶ ଦୂରରେ ବ୍ରହ୍ମା ପ୍ରଥମ ଶିବଲିଙ୍ଗ ସ୍ଥାପନ କଲେ, ଯାହାର ନାମ ବ୍ରହ୍ମେଶ୍ୱର। ତା'ପରେ ପ୍ରତି କୋଣରେ କୁଶଳେଶ୍ୱର, ଅମ୍ବକେଶ୍ୱର, ଗତେଶ୍ୱର, ଲିଙ୍ଗେଶ୍ୱର, ଭୂତେଶ୍ୱର, ବିଲେଶ୍ୱର, ହରନ୍ତେଶ୍ୱର ପ୍ରଭୃତି ଶିବଲିଙ୍ଗ ସ୍ଥାପିତ ହେବାପରେ, ବୈତରଣୀ ବିରଜା କ୍ଷେତ୍ରକୁ ଆସିଲେ। ଏହି ଲିଙ୍ଗଗୁଡ଼ିକ ମଧ୍ୟରେ ଶେଷ ଲିଙ୍ଗ ହେଉଛି ସିଦ୍ଧେଶ୍ୱର। ଏହିଠାରୁ ବ୍ରହ୍ମା, ବୈତରଣୀକୁ ଉତ୍ତରବାହୀ କରି ଦେଇଥିବାରୁ ଆଉ ସେହିଠାରୁ ଶିବଲିଙ୍ଗ ଦେଖିବାକୁ ମିଳେ ନାହିଁ। ବିଶ୍ୱାସ ରହିଛି ଯେ, ଯଦି କେହି ବିରଜାକ୍ଷେତ୍ରର ବାରୁଣୀ ତୀର୍ଥରେ ସ୍ନାନ କରି ପିତୃପୁରୁଷଙ୍କୁ ପିଣ୍ଡଦାନ କରେ, ତେବେ ସେ ଦଶ ପ୍ରକାରର ପାତକରୁ ମୁକ୍ତିପାଏ।

## ସମ୍ମାନର ଅଧିକାରୀ

ରାଜା ଶତ୍ରୁଦମନଙ୍କ ପୁତ୍ର ଅରିଦମନ ଅତ୍ୟନ୍ତ ଅହଂକାରୀ ଥିଲେ । ତାଙ୍କ ଠାରେ କରୁଣା, ଉଦାରତା, ଦୟା, ସେବା, ସହାନୁଭୂତି ଭଳି ଗୁଣର ଅଭାବ ଥିଲା । ରାଜା ମଧ ପୁତ୍ରର ସ୍ୱଭାବକୁ ନେଇ ଚିନ୍ତିତ ଥିଲେ । ତେଣୁ ସେ ଜଣେ ସିଦ୍ଧ ମହାତ୍ମାଙ୍କ ନିକଟକୁ ପୁତ୍ରକୁ ପଠାଇ ଦେଲେ । ମହାତ୍ମାଙ୍କ ନିକଟରେ ରହିଲେ ପୁତ୍ରର ସ୍ୱଭାବ ପରିବର୍ତ୍ତନ ହେବ ବୋଲି ରାଜାଙ୍କର ବିଶ୍ୱାସ ରହିଥିଲା । ଦିନେ ମହାତ୍ମା ରାଜପୁତ୍ର ଅରିଦମନଙ୍କୁ ଏକ ଗଛରୁ ପତ୍ର ତୋଳି ଆଣିବାକୁ କହିଲେ । ଏଥିସହିତ ଆଦେଶ ଦେଲେ ଯେ, ଯେଉଁ ପତ୍ରରେ ପୋକ ଲାଗିନଥିବ କିମ୍ବା ଫିମ୍ପି ନହୋଇଥିବ ତୁମେ ସେଭଳି ପତ୍ର ଆଣିବ । ଅରିଦମନ ଜଙ୍ଗଲକୁ ଗଲେ । ସେ ବହୁ ଗଛରେ ଖୋଜାଖୋଜି କଲେ ବି ଗୋଟିଏ ହେଲେ ଭଲ ପତ୍ର ପାଇଲେ ନାହିଁ । ତେଣୁ ସେ ଫେରିଆସିଲେ । ମହାତ୍ମାଙ୍କୁ ସେ କହିଲେ, ଗୁରୁଦେବ ! ମୁଁ ଅନେକ ଖୋଜିଲି, କିନ୍ତୁ ଗୋଟିଏ ହେଲେ ଭଲ ପତ୍ର ପାଇଲି ନାହିଁ । ସବୁ ପତ୍ର ପୋକ ଲାଗିଯାଇଥିଲା । ମହାତ୍ମା କହିଲେ, ପୁତ୍ର ! ଜୀବନ ମଧ ଏହି ବୃକ୍ଷ ଭଳି । ଜୀବନରୁ ଦୂର୍ଗୁଣ ରୂପୀ ଦୋଷଦୁର୍ବଳତା ତ୍ୟାଗ ନକଲେ ପୋକ ଲାଗିଥିବା ପତ୍ର ବୃକ୍ଷକୁ ନଷ୍ଟ କରିଦେବା ଭଳି ଦୁର୍ଗୁଣ ଜୀବନକୁ ନଷ୍ଟ କରିଦେଇଥାଏ । ଦୋଷ ଦୁର୍ଗୁଣ ତ୍ୟାଗ କଲେ ମନୁଷ୍ୟର ଜୀବନରେ ମଧୁରତା ଫେରିଆସିଥାଏ । ଘୃଣା, ଅହଂକାର, କ୍ରୋଧ, ଲୋଭ, ମୋହ ଆଦି ତ୍ୟାଗ କଲେ ମନୁଷ୍ୟ ଉତ୍ତମଗୁଣର ଅଧିକାରୀ ହୋଇଥାଏ । ଉତ୍ତମ ସ୍ୱଭାବ ସମ୍ପନ୍ନ ମନୁଷ୍ୟ ସମାଜରେ ସର୍ବଦା ସମ୍ମାନ ପ୍ରାପ୍ତ କରିଥାଏ ।



## -ରାମଙ୍କ ସହ ସୀତାଙ୍କ ପ୍ରଥମ ସାକ୍ଷାତ-

ଦେବୀ ସୀତା, କୁମାରୀ ଅବସ୍ଥାରୁ ଯୁବତୀ ହେଲେ। ତାଙ୍କ ରୂପଲାବଣ୍ୟ ଦିନକୁ ଦିନ ବୃଦ୍ଧି ପାଉଥିଲା। ପିତା ଜନକ ଓ ମାତା ସୀତାଙ୍କ ବିବାହ ପାଇଁ କୁଳଗୁରୁଙ୍କ ସହ ପରାମର୍ଶ କଲେ। କୁଳଗୁରୁଙ୍କ ପରାମର୍ଶ ଅନୁସାରେ, ରାଜା ସ୍ୱୟଂବର ସଭାର ଆୟୋଜନ କରି ସମସ୍ତ ରାଜା ଓ ବୀରଙ୍କୁ ନିମନ୍ତ୍ରଣ କଲେ। ରାଜ୍ୟରେ ଡେଙ୍ଗୁରା ଦେଇ ଏ କଥା ଜଣାଇ ଦିଆଗଲା। ପ୍ରଜାବର୍ଗ ଖୁସି ହେଲେ। ମାତ୍ର ସ୍ୱୟଂବରର ସର୍ତ୍ତ ଶିବଧନୁରେ ଗୁଣଦେବା ମନରେ ସଂଶୟ ଆଣୁଥାଏ। ଏ ସମୟରେ ନଗରରେ ପ୍ରବେଶ କରି, ଗୁରୁ ବିଶ୍ୱାମିତ୍ରଙ୍କ ସହିତ ରାମ ଲକ୍ଷ୍ମଣ ନଗରସଜ୍ଜା ପରିଷ୍କାର, ପରିଛନ୍ନତା, ମନ୍ଦିର ଅଟ୍ଟାଳିକା, ପୁଷ୍କରିଣୀ, ପୁଷ୍ପୋଦ୍ୟାନ, ବିପଣୀ ଇତ୍ୟାଦି ଦେଖି ଅତ୍ୟଧିକ ଆନନ୍ଦିତ ହେଲେ। ସତେ ଯେପରି ବିଶ୍ୱାମିତ୍ର ରୂପି ବ୍ରହ୍ମା ନବୀନ ଦୁର୍ବାଦଳ ଶ୍ୟାମଳ, ନବ ଯୌବନ ସମ୍ପନ୍ନ ଶାନ୍ତ, କାନ୍ତ ରୂପୀ ଶ୍ରୀରାମ ବିଷ୍ଣୁ ଓ ତେଜ ଓ ଯଶ ସମ୍ପନ୍ନ ଧନୁର୍ଦ୍ଧାରୀ ଗୌରବର୍ଣ୍ଣ ରୂପି ଲକ୍ଷ୍ମଣ– ଶିବ, ଏ ବିଦେହ ନଗରରେ ସ୍ୱଦେହ ଧାରଣ କରି ସମସ୍ତଙ୍କୁ ଦର୍ଶନ ଦେଇ ଧନ୍ୟ କରିଦେଇଛନ୍ତି। ଋଷି ବିଶ୍ୱାମିତ୍ର ଓ ଅପୂର୍ବ ସୁନ୍ଦର ତେଜୋମୟ ଦୁଇ ରାଜକୁମାରଙ୍କ ଆଗମନ ସମ୍ବାଦ ପାଇ ରାଜର୍ଷି ଜନକ ତାଙ୍କୁ ସାଦର ସ୍ୱାଗତ କଲେ ଓ ଉପଯୁକ୍ତ ଚର୍ଚ୍ଚା କରିବା ସହିତ ରାଜଭବନର ଅତିଥିଶାଳାରେ ରଖାଇଲେ। ଜନକ ଦୁଇ



ରାଜକୁମାରଙ୍କ ପରିଚୟ ଓ ଯଜ୍ଞ ରକ୍ଷାଦି କର୍ମ, ଅସୁର ବିନାଶ, ଅହଲ୍ୟା ଉଦ୍ଧାର ଆଦି ବିଷୟରେ ଜାଣି ଆନନ୍ଦ ତଥା ବିସ୍ମିତ ହୋଇଥିଲେ। ପରଦିନ ପ୍ରଭାତରେ ପ୍ରଭାତ ବନ୍ଦନା ଓ ଗୁରୁଙ୍କ ଚରଣରେ ପ୍ରଣାମ କରି ଗୁରୁଙ୍କ ଆଦେଶରେ ଦେବପୂଜା ପାଇଁ ରାଜ ଉଦ୍ୟାନରୁ ଫୁଲ ତୋଳିବା ପାଇଁ ରାମ ଲକ୍ଷ୍ମଣ ପୁଷ୍ପବାଟିକାକୁ ଗଲେ। ନିଜର ପରିଚୟ ଓ ଉଦ୍ଦେଶ୍ୟ ଜଣାଇ ଉଦ୍ୟାନ ରକ୍ଷକର ଅନୁମତି ନେଇ ପ୍ରବେଶ କଲେ ଓ ଉଦ୍ୟାନରେ ବୁଲି ବୁଲି ରାମ ଲକ୍ଷ୍ମଣ ବିବିଧ ପୁଷ୍ପ ସଂଗ୍ରହ କରିବାରେ ଲାଗିଲେ। ଏହି ସମୟରେ ଜନକ ନନ୍ଦିନୀ ସୀତା ନିଜ ପରିଚାରିକା ସଖୀ ଗହଣରେ, ତାରାଙ୍କ ମେଳରେ ଚନ୍ଦ୍ରମା ସଦୃଶ ସୀତାଙ୍କର ଶୋଭା ଦିଶୁଥାଏ। ଉଦ୍ୟାନରେ ଭ୍ରମଣ ଓ ହାସ୍ୟରସ ବାକ୍ୟାଳାପ ମଧ୍ୟରେ ହଠାତ୍ ସଖୀଗଣ ଦୁଇ ସୁନ୍ଦର ଯୁବା ପୁରୁଷଙ୍କୁ ଦେଖି ସୀତାଙ୍କୁ ଜଣାଇଲେ। ରାମ ସୀତାଙ୍କର ଚାରି ଚକ୍ଷୁର ମିଳନ ହେଲା। ହର୍ଷ, ପୁଲକ ଓ ରୋମାଂଚରେ ଉଭୟଙ୍କର ଗତି ସ୍ଥିର ହୋଇଗଲା। ଚକୋର ସତେ ଚନ୍ଦ୍ରଙ୍କୁ ଦେଖିଲା, ସୂର୍ଯ୍ୟ ଦର୍ଶନରେ ସତେକି କମଳ ପ୍ରସ୍ଫୁଟିତ ହେଲା। ଉଭୟେ ଉଭୟଙ୍କୁ ପ୍ରେମପୂର୍ଣ୍ଣ ଅପଲକ ନେତ୍ରରେ ଚାହିଁ ରହିଲେ। କିଛି ସମୟ ପରେ ସଖୀମାନେ ରାମ ଲକ୍ଷ୍ମଣଙ୍କ ପରିଚୟ ପ୍ରାପ୍ତ ହୋଇ ସୀତାଙ୍କୁ ଜଣାନ୍ତେ, ସୀତା ଲଜ୍ଜା ହରଷରେ ମଥା ପୋତି ସେଠାରୁ ଚାଲିଗଲେ। ରାମଚନ୍ଦ୍ରଙ୍କ ପ୍ରତି ପ୍ରେମଭାବ, ତାଙ୍କୁ ସ୍ୱୟଂବରରେ ପତି ରୂପରେ ପାଇବାର ଲାଳସା, ହୃଦୟରେ ଦୃଢ ଭାବରେ ଜାଗ୍ରତ କରାଇଲା। ଇଷ୍ଟଦେବୀ ମାଆ ଭବାନୀଙ୍କ ନିକଟରୁ ସେ ଆଶିଷ ପ୍ରାର୍ଥନା କଲେ।



## କୁନ୍ତୀ, ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ମୃତ୍ୟୁ ରହସ୍ୟ



**ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ। ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ।**

ମହାଭାରତ ଯୁଦ୍ଧ ସମାପ୍ତି ପରେ ହସ୍ତିନାପୁରର ରାଜା ହେଲେ ଯୁଧିଷ୍ଠିର। ଏହାପରେ କୌରବଙ୍କ ପିତା ଧୃତରାଷ୍ଟ୍ର ଓ ତାଙ୍କ ପତ୍ନୀ ଗାନ୍ଧାରୀ ଏବଂ ପାଣ୍ଡବଙ୍କ ମାଆ କୁନ୍ତୀଙ୍କ ସହ ଜଙ୍ଗଲକୁ ଚାଲିଯିବାକୁ ବାହାରିଥିଲେ। ଯୁଧିଷ୍ଠିରଙ୍କ ଅନୁମତି ପାଇଁ ତିନିଜଣ ତାଙ୍କ ପାଖକୁ ଯାଇଥିଲେ । ହେଲେ ଯୁଧିଷ୍ଠିର ଓ ତାଙ୍କ ଭାଇମାନେ ଜଙ୍ଗଲ ନଯିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କୌରବ ଏବଂ ଧୃତରାଷ୍ଟ୍ରଙ୍କ ପ୍ରତି ଭୀମ ନିଜର ରାଗକୁ ଅଧିକ ସମୟ ପର୍ଯ୍ୟନ୍ତ ନିୟନ୍ତ୍ରଣ କରିପାରିନଥିଲେ। ଭୀମଙ୍କ ମୁହଁରୁ ଏମିତି ଏକ କଥା ବାହାରିଗଲା, ଯାହା ଧୃତରାଷ୍ଟ୍ରଙ୍କୁ ବହୁତ କଷ୍ଟ ଦେଲା । ତେଣୁ ସେ ରାଜମହଲରେ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ଧୃତରାଷ୍ଟ୍ର ତାଙ୍କ ପତ୍ନୀଙ୍କୁ ସାଙ୍ଗରେ ନେଇ ଜଙ୍ଗଲ ଯାତ୍ରା ବାହାରିଲେ। ଏହି ସମୟରେ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ସହ ଯିବା ପାଇଁ ପାଣ୍ଡବଙ୍କ ମାଆ କୁନ୍ତି ମଧ ଜିଦ୍ କରିଥିଲେ। ଜଙ୍ଗଲକୁ ନଯିବା ପାଇଁ ଯୁଧିଷ୍ଠିର ସେମାନଙ୍କୁ ଯେତେ ବୁଝାଇଲେ ବି ସେମାନେ ମାନି ନଥିଲେ। ସେହି ସମୟରେ ବେଦବ୍ୟାସ ରାଜମହଲରେ ପଦାର୍ପଣ କରିଥିଲେ। ସେମାନଙ୍କ ଜଙ୍ଗଲ ଯାତ୍ରା ପାଇଁ ଯୁଧିଷ୍ଠିରଙ୍କୁ ବୁଝାଇ ଦେଇଥିଲେ ବ୍ୟାସଦେବ । ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ। ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ। ରାଜମହଲରେ ବିଳାସପୂର୍ଣ୍ଣ ଭାବେ ରହୁଥିବା ଏହି ତିନିଜଣଙ୍କ ଶରୀର ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲା। ଦିନେ ଜଙ୍ଗଲରେ ଅଚାନକ ନିଆଁ ଲାଗି ଗଲା। ନିଜ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଦୌଡା ଦୌଡି କଲେ। ନିଜ ଜୀବନ ବଞ୍ଚାଇବା ପାଇଁ କୁନ୍ତି, ଗାନ୍ଧାରୀ ଓ ଧୃତରାଷ୍ଟ୍ର ମଧ ଦୌଡିବା ଆରମ୍ଭ କରିଥିଲେ। ହେଲେ ଦୁର୍ବଳ ଶରୀର ପାଇଁ ଅଧିକ ବାଟ ଯାଇପାରିଲେ ନାହିଁ। ଦ୍ରୁତଗତିରେ ନିଆଁ ଜଙ୍ଗଲର ଚାରିଆଡେ ଖେଳିଗଲା । ଆଉ କିଛି ଉପାୟ ନପାଇ ଧୃତରାଷ୍ଟ୍ର , ଗାନ୍ଧାରୀ ଓ କୁନ୍ତି ଧ୍ୟାନରେ ବସିଗଲେ। ଏହି ନିଆଁରେ ତିନିଜଣ ଜଳିପୋଡି ପାଉଁଶ ହୋଇଗଲେ।



## ଗୃହପାଳିତ ପ୍ରାଣୀଙ୍କୁ ଅଂଶୁଘାତରୁ ରକ୍ଷା କରିବାର ଉପାୟ

ବାୟୁ ମଣ୍ଡଳ ଉତ୍ତପ୍ତ ରହିବା ସଙ୍ଗେ ଗରମ ପବନ ବହିବାକୁ ଗ୍ରୀଷ୍ମପ୍ରବାହ ବା ହିଟ୍‌ୱେଭ୍ କୁହାଯାଏ। ଏହା ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଏ। ତା ସହ ସେମାନଙ୍କର ଉତ୍ପାଦନ କ୍ଷମତା ହ୍ରାସ ପାଇଥାଏ। ତେଣୁ ଅଧିକ ତାପମାତ୍ରା ଯୋଗୁଁ ପ୍ରାଣୀଙ୍କୁ ଅଂଶୁଘାତ କବଳରୁ ସୁରକ୍ଷିତ ରଖିବାକୁ ବିଭିନ୍ନ ଉପାୟ ରହିଛି। ଗ୍ରୀଷ୍ମ ପ୍ରବାହରେ ଗାଈଙ୍କ ଶରୀରର ଆଭ୍ୟନ୍ତରୀଣ ତାପମାତ୍ରା ୧୦୩ ରୁ ୧୦୪ ଡିଗ୍ରୀ ଫାରେନହାଇଟ୍ ପର୍ଯ୍ୟନ୍ତ ବଢ଼ିଯାଇଥାଏ। **ଭିଟାମିନ୍ ସି ଉତ୍ସ:** ଅଧିକ ଖରାରେ ଗାଈ ଓ ମଇଁଷିଙ୍କୁ ଚରିବାକୁ ନ ଛାଡି ସକାଳେ କିମ୍ବା ସନ୍ଧ୍ୟାରେ ତାଙ୍କୁ ଦାନା ଦେବା ଦରକାର। ଖରାବେଳେ କଅଁଳ ଘାସ ଦେବା ଦ୍ୱାରା ଏହା ହଜମ ହେବାରେ ସହାୟକ ହୋଇଥାଏ। ଶରୀରର ତାପମାତ୍ରା ଅଧିକ ବଢ଼ି ନ ଥାଏ। ଏହାଛଡ଼ା ଭିଟାମିନ୍ ସିର ବିଭିନ୍ନ ପ୍ରକାର ଔଷଧ ଯଥା- ପାଉଡର ଏବଂ ତରଳକୁ ଗାଈ ଓ ମଇଁଷିକୁ ଦେଇପାରିବେ। ଏହାଦ୍ୱାରା ସେମାନଙ୍କର ଉତ୍ତାପ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଥଣ୍ଡା ପାଣି ଦେବା ସହ ପାଣିକୁ ବାରମ୍ବାର ବଦଳାଇବା ଦ୍ୱାରା ଏହା ଥଣ୍ଡା ରୁହେ।

**ଗାଧୋଇବା ବିକଳ୍ପ:** ହୋଲଷ୍ଟିନ୍ କିମ୍ବା ଜର୍ସି ପ୍ରଜାତି ଗାଈଙ୍କୁ ଖରାବେଳେ ଗାଧୋଇ ଦେଇ ପାରିବେ। ଅଧିକ ଗାଧୋଇବା ଦ୍ୱାରା ଥଣ୍ଡା ଓ ବିଭିନ୍ନ ରୋଗ ହୋଇଥାଏ, ତେଣୁ ସେଥିପ୍ରତି ଧ୍ୟାନ ଦେବେ । ଗୁହାଳକୁ ମଶା, ମାଛି ଦାଉରୁ ସୁରକ୍ଷା ପାଇଁ ସଫା ରଖିବା ଜରୁରି। ଛେଳିଙ୍କୁ ଚରିବାକୁ ଛାଡୁଥିଲେ : ଆମ ରାଜ୍ୟର ଛେଳି, ମେଣ୍ଢା ମୁଖ୍ୟତଃ ଚରିବୁଲି ଖାଦ୍ୟ ସଂଗ୍ରହ କରନ୍ତି। ତେଣୁ ସେମାନଙ୍କୁ ଚରିବାକୁ ନେଉଥିବା ସ୍ଥାନଟି ଛାଇ ହୋଇଥିବା ଦରକାର। ଅଂଶୁଘାତରୁ ସୁରକ୍ଷା ପାଇଁ ଉକ୍ତ ସ୍ଥାନରେ କୁଣ୍ଡରେ ପାଣି ରଖିବା ବନ୍ଦୋବସ୍ତ କରନ୍ତୁ। **ଘରକାରେ ଓହଳାନ୍ତୁ ଓଦା ଅଖା:** କୁକୁଡ଼ା ଓ ବତକଙ୍କୁ ଦିନର ଥଣ୍ଡା ସମୟରେ ଖାଇବାକୁ ଦିଅନ୍ତୁ। ଡାକ୍ତରଙ୍କ ପରାମର୍ଶକ୍ରମେ ଭିଟାମିନ୍ ସି, ଇ ଦ୍ରବଣ ଦେଇ ତାଙ୍କର ହିଟ୍‌ଷ୍ଟ୍ରେସ୍ କମାଇପାରିବେ। କୁକୁଡ଼ା ଘରକୁ ଥଣ୍ଡା ରଖିବାକୁ ଓଦା ଅଖା ଓହଳାଇ ପାରିବେ। କୃମି ଔଷଧ: ଗାଈ, କୁକୁଡା ବା ଛେଳିଙ୍କୁ ଯଦି କୃମି ଔଷଧ ଦେଇନାହାନ୍ତି, ଏହି ସମୟରେ ଦେଇ ଦେବା ଦରକାର। ଏହି ଔଷଧ ଦେଲାପରେ ସେମାନଙ୍କୁ ବାହାରକୁ ଚରିବାକୁ ଛାଡ଼ନ୍ତୁନି।

**ଅଂଶୁଘାତର ଉପଚାର :** ଯଦି ଗାଈ, ମେଣ୍ଢା, ଛେଳି ବା କୁକୁଡ଼ା ହଠାତ୍ ପଡ଼ିଯାଉଛନ୍ତି ବା ଅଂଶୁଘାତର ଶିକାର ହେଉଛନ୍ତି, ତାଙ୍କୁ ସଙ୍ଗେ ସଙ୍ଗେ ଛାଇ ତଥା ଥଣ୍ଡା ସ୍ଥାନକୁ ନେଇ ତାଙ୍କ ଗୋଡ଼, କାନ, ମୁଣ୍ଡ ଉପରେ ଓଦା ଅଖା ବା କପଡ଼ା ପକାଇ ରଖିବେ। ଆବଶ୍ୟକ ହେଲେ, ବରଫ ପାଣି ଦେହରେ ଲଗାଇବା ଦ୍ୱାରା ଶରୀରର ତାପମାତ୍ରା କମିଯାଇଥାଏ। ଚିକିତ୍ସକଙ୍କ ପରାମର୍ଶରେ ଥଣ୍ଡା ସାଲାଇନ୍ ଦିଆଯାଇଥାଏ।

**ସନ୍ତୁଳିତ ଖାଦ୍ୟ ଯୋଗାଣ:** ଗୁହାଳକୁ ଥଣ୍ଡା ରଖିବାକୁ ହାଲୁକା ପାଣି ସିଞ୍ଚି ପାରିବେ। ଗୁହାଳରେ ପଙ୍ଖା ଲଗାନ୍ତୁ। ଛାତ ଉପରେ ନଡ଼ା ଛପର ବିଛାଇ ପାରିବେ।



## କେନ୍ଦ୍ରାପଡ଼ା: ଉପଜିଲ୍ଲାପାଳଙ୍କ ବଦଳି ଦାବିରେ ଓକିଲ ସଂଘର ଦାବିପତ୍ର

କେନ୍ଦ୍ରାପଡ଼ା,(ନିପ୍ର): କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ ବିରୋଧରେ ଆସୁଥିବା ଅଭିଯୋଗକୁ ନେଇ କେନ୍ଦ୍ରାପଡ଼ା ଓକିଲ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଉପଜିଲ୍ଲାପାଳଙ୍କ ଆଚରଣ, କାର୍ଯ୍ୟକଳାପ ଏବଂ ସାଧାରଣ ଲୋକଙ୍କ ପ୍ରତି ବ୍ୟବହାରକୁ ନେଇ ଜିଲ୍ଲାରେ ଅସନ୍ତୋଷ ବୃଦ୍ଧି ପାଉଥିବା ଅଭିଯୋଗ କରିଛି ଓକିଲ ସଂଘ । ସୂଚନା ଅନୁଯାୟୀ, କିଛି ଦିନ ତଳେ ଜଣେ ମହିଳା ଓକିଲଙ୍କୁ 'ହାଉସ୍ ୱାଇଫ୍' ବୋଲି ସମ୍ବୋଧନ କରିବା ଘଟଣାକୁ ନେଇ ଉପଜିଲ୍ଲାପାଳ ବିବାଦରେ ଛନ୍ଦି



ହୋଇଥିଲେ । ଏହା ପରେ ପୁଣି ଦୁର୍ବ୍ୟବହାର ସମ୍ପର୍କିତ ଅଭିଯୋଗ ସାମ୍ନାକୁ ଆସିଥିବାରୁ ଓକିଲ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଓକିଲ ସଂଘ ସଭାପତି କହିଛନ୍ତି ଯେ, ଉପଜିଲ୍ଲାପାଳଙ୍କ କାର୍ଯ୍ୟକଳାପ ଏବଂ ବ୍ୟବହାର ନେଇ ସାଧାରଣ ଲୋକ ଅସନ୍ତୁଷ୍ଟ ରହିଛନ୍ତି । ବିଭିନ୍ନ କାର୍ଯ୍ୟ ପାଇଁ ଲୋକଙ୍କ ଠାରୁ ଅର୍ଥ ମଗାଯାଉଥିବା ନେଇ ମଧ୍ୟ ସେ ଅଭିଯୋଗ ଆଣିଛନ୍ତି । ଏହି ସମସ୍ତ ବିଷୟକୁ ନେଇ ପୂର୍ବରୁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଦୃଶ୍ୟମାନ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଅଭିଯୋଗ କରିଛି ଓକିଲ ସଂଘ । ଓକିଲ ସଂଘ ଚେତାବନୀ ଦେଇ କହିଛି ଯେ, ଆସନ୍ତା ୭ ଦିନ ମଧ୍ୟରେ ଉପଜିଲ୍ଲାପାଳଙ୍କ ଅନ୍ୟତ୍ର ବଦଳି କରାନଗଲେ ସଂଘ ପକ୍ଷରୁ ସ୍ୱତନ୍ତ୍ର ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ।

## କେସିଙ୍ଗା ଏସ୍‌ଆଇଆର ସଚେତନତା

କେସିଙ୍ଗା,(ନିପ୍ର): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)୨୦୨୬ ଯୋଗ୍ୟ ଭୋଟରମାନଙ୍କ ନାମ ଯେମିତି ନ କଟିବ ସେଥିପାଇଁ କଳାହାଣ୍ଡି ଉପ ଜିଲାପାଳଙ୍କ ନିଆରା ପ୍ରୟାସ ଦେଖିବାକୁ ମିଳିଛି । ପ୍ରଭାତ କୁମାର ପରିଡାଙ୍କ ନେତୃତ୍ୱରେ କେସିଙ୍ଗା ସହରର ବଲାଙ୍ଗିର ଛକ ଠାରୁ ଆମ୍ବେଦକର ଛକ ପ୍ରାୟ ଦେଢ଼ କିଲୋମିଟର ସହର ପ୍ରରିକ୍ରମା କରି ଲୋକଙ୍କୁ ଏସଆଇଆର ବିଷୟରେ ସଚେତନତା କରିଥିଲେ । ଏନଏସିରେ ପହଞ୍ଚି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁ, ତହସିଲଦାର ପ୍ରଶାନ୍ତି ପ୍ରଧାନ, ସିଡ଼ିପିଓ ସସ୍ମିତା ମିଶ୍ର, ଏବିଡ଼ିଓ ସିଦ୍ଧେଶ୍ୱର ମେହେର, ଏନ ସିସି ଛାତ୍ର, ସ୍କୁଲ ଛାତ୍ରୀଛାତ୍ର, ମହିଳା ଗୃପ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏ ସଂକ୍ରାନ୍ତରେ ଉପଜିଲାପାଳ ପ୍ରଭାତ ପରିଡ଼ାଙ୍କୁ ପଚାରିବାରୁ କେସିଙ୍ଗା ବ୍ଲକରେ ୭୦ ଭାଗ ଏସଆରଆଇ କାମ ସରଲାଣି ବ୍ଲକ, ଏନଏସିର ସମସ୍ତ କର୍ମକର୍ତ୍ତା ଠିକ୍ ଭାବେ କାମ ଚାଲିଛି ବୋଲି କହିଛନ୍ତି ।

## ୧୯୮୬ ମ୍ୟାଟ୍ରିକ ବ୍ୟାଚର ବନ୍ଧୁ ମିଳନ



କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଧିନସ୍ଥ କମଳେଶ୍ୱର ନୋଡାଲ ବିଦ୍ୟାପୀଠ ବଡ଼ଝାଡ଼ ୧୯୮୬ ମ୍ୟାଟ୍ରିକ ବ୍ୟାଚର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବଙ୍ଗୋପସାଗର ଉପକୂଳରେ ଥିବା ଜୟ ଦୁର୍ଗା ସଂସ୍କୃତ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅଞ୍ଚଳର ପ୍ରସିଦ୍ଧ ଶୈବ ପୀଠ କମଳେଶ୍ୱର ଦେବଙ୍କ ନିକଟରେ ଜଗତ କଲ୍ୟାଣ ଉଦେଶ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା । ପୁରାତନ ଛାତ୍ର ବିଶିଷ୍ଟ ସମାଜସେବୀ ପ୍ରସନ୍ନ କୁମାର ପଣ୍ଡା, ଅବସର ସେନା ଅଧିକାରୀ ବିଦ୍ୟାଧର ଜେନା, ବରିଷ୍ଠ ଶିକ୍ଷକ ଶ୍ୱେତ କୁମାର ଜେନା, ବିଦ୍ୟାଧର ଜେନା, ଯୁବରାଜ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୁରାତନ ଛାତ୍ରଛାତ୍ରୀମାନେ ସେମାନଙ୍କ ପରିବାର ବର୍ଗଙ୍କ ସହିତ ଯୋଗଦେଇ ନିଜ ନିଜର ସ୍କୁଲ ବେଳର ସ୍ମୃତି ତଥା ଅନୁଭୂତି କୁ ମନେ ପକାଇଥିଲେ । ୪୦ ବର୍ଷ ପରେ ଏହି ବନ୍ଧୁ ମିଳନ ଅବସରରେ ପୁରୁଣା ତଥା ଦୀର୍ଘ ଦିନର ସାଥୀ ମାନଙ୍କୁ ପାଖରେ ପାଇ ଅତ୍ୟନ୍ତ ଆନନ୍ଦ ଲାଭ କରିଥିଲେ । ଆଗାମୀ ଦିନରେ ପରସ୍ପର ମଧ୍ୟରେ ସେବା ମନୋଭାବ ରଖିଲେ ଜୀବନ ଆହୁରି ସରସ ସୁନ୍ଦର ହୋଇପାରିବ ବୋଲି ପୁରାତନ ଛାତ୍ର ତଥା ବିଶିଷ୍ଟ ସମାଜସେବୀ ହେମନ୍ତ କୁମାର ଜେନା ପରାମର୍ଶ ଦେଇଥିଲେ ।

## ସାଇକେଲ ଚଲେଇ ସଚେତନ

କାଶୀନଗର(ନିପ୍ର):କାଶୀନଗର ବନ ବିଭାଗ ତରଫରୁ ବାଇ ସାଇକେଲ ଦିବସ ପାଳନ ଅବସରରେ ଏକ ସାଇକେଲ ରାଲି ବାହାର କରି ପରିବେଶ ସୁରକ୍ଷା ସହ ଜଳବାୟୁ ପରିବର୍ତ୍ତନକୁ କିପରି ରୋକା ଯାଇ ପାରିବ ସେଥିପାଇଁ ପରିକ୍ରମା କରି ସଚେତନ କରିଥିଲେ । କାଶୀନଗର ଫୋରେଷ୍ଟର ବଳରାମ ଶବର ସାଇକେଲ ବ୍ୟବହାର ପାଇଁ ସାଇକେଲ ଚଲେଇବା ଓ ଦେହକୁ ସୁସ୍ଥ ରଖିବା ତତସହ ସାଇକେଲ ନିତିଦିନ ବ୍ୟବହାର କରିବା ଏକ ସହଜ ବ୍ୟାୟାମ ବୋଲି ମତ ବ୍ୟକ୍ତ କରିଥିଲେ ।ଏହି ରାଲିରେ ଯୁବ ଗୋଷ୍ଠୀ, ମାଧ୍ୟମ ବୟସ୍କ ଓ ବନାଞ୍ଚଳ କର୍ମଚାରୀ ମାନେ ସାମିଲ ହୋଇ ସଚେତନତା କରିଥିଲେ ।

# ଆକାଶଛୁଆଁ କଞ୍ଚାମାଲ ଦର, ଚିନ୍ତାରେ ଆବାସ ହିତାଧିକାରୀ

ଜୟପୁର,(ହି.ସ.): କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଡେଙ୍ଗପଦର ଗ୍ରାମରେ ଏବେ ଚିନ୍ତାରେ ଆବାସ ହିତାଧିକାରୀ । ସରକାରୀ ଆବାସ ଘର ନିର୍ମାଣ ପାଇଁ ମିଳୁନାହିଁ ଆବଶ୍ୟକ କଞ୍ଚାମାଲ । ବାଲି ଓ ଗୋଡ଼ିର ଦର ଆକାଶଛୁଆଁ ହୋଇଥିବା ବେଳେ ଅଧାରେ ଅଟକି ରହିଛି ଅନେକ ଘର କାମ ।

ଗରିବ ଲୋକଙ୍କ ପାଇଁ ପକ୍କା ଘରର ସ୍ୱପ୍ନ ସାକାର କରିବାକୁ ସରକାର ଆରମ୍ଭ କରିଛନ୍ତି ଆବାସ ଯୋଜନା । କିନ୍ତୁ ବର୍ତ୍ତମାନ କଞ୍ଚାମାଲ ଅଭାବ ଯୋଗୁଁ ସମସ୍ୟାରେ ପଡ଼ିଛନ୍ତି ହିତାଧିକାରୀ । ବୋରିଗୁମ୍ମା ବ୍ଲକର ଡେଙ୍ଗପଦର ଗ୍ରାମରେ ଘର ନିର୍ମାଣ ପାଇଁ ବାଲି ଓ ଗୋଡ଼ି ସହଜରେ ମିଳୁନାହିଁ । ଯେଉଁ ସାମଗ୍ରୀ ଆଗରୁ କମ ଦରରେ ମିଳୁଥିଲା, ଏବେ ସେହି ସାମଗ୍ରୀକୁ ଅଧିକ ଦର ଦେଇ କିଣିବାକୁ ପଡୁଛି । ଫଳରେ ସରକାରୀ ସହାୟତା ରାଶିରେ ଘର କାମ ସମ୍ପୂର୍ଣ୍ଣ କରିବା ହିତାଧିକାରୀଙ୍କ ପାଇଁ କଷ୍ଟକର ହୋଇପଡ଼ିଛି । ବର୍ଷା ଋତୁ ଆସୁଥିବା ବେଳେ ଘର କାମ ସରିବ କି ନାହିଁ ସେନେଇ ଚିନ୍ତାରେ ରହିଛନ୍ତି ପରିବାର । ଏହା ସହିତ କଞ୍ଚାମାଲ ଦର ନିୟନ୍ତ୍ରଣ ଓ ସହଜ ଯୋଗାଣ ପାଇଁ ପ୍ରଶାସନକୁ ଦାବି କରିଛନ୍ତି ଗ୍ରାମବାସୀ । ଅନ୍ୟପଟେ ଏ ସମ୍ପର୍କରେ ଜନ ଶୁଣାଣି ସମୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇବାରୁ ସେ କହିଛନ୍ତି ଯେ, ବର୍ତ୍ତମାନ ଏହି ସମସ୍ୟା ଆମର ଦୃଷ୍ଟିଗୋଚର ହୋଇଛି । କିନ୍ତୁ, ଆଗରୁ ଅଧିକାଂଶ ସ୍ଥାନରେ ବେଆଇନ ବାଲି ଓ ଗୋଡ଼ି ପଥର ଖାଦାନ ବେଆଇନ ଭାବେ ଚାଲିଥିଲା ଯାହା ଉପରେ ପ୍ରଶାସନ ଦୃଢ଼ ଆକ୍ସନ ନେଇଛି । ଆଗାମୀ ଦିନରେ ଯେଉଁ ସବୁ ଜାଗାରେ ଏହି ସବୁ କଞ୍ଚାମାଲ ସୁବିଧାରେ ହିତାଧିକାରୀଙ୍କୁ ମିଳିପାରିବ ତାକୁ ନେଇ ଆଲୋଚନା କରାଯିବ । ଖୁବ ଶୀଘ୍ର ଏ ସବୁର ସମାଧାନ ମଧ୍ୟ କରାଯିବ । କେବଳ ଯୋଜନା ଘୋଷଣା କଲେ ହେବନି, ହିତାଧିକାରୀମାନେ କିପରି ସମୟରେ ଘର କାମ ସମ୍ପୂର୍ଣ୍ଣ କରିପାରିବେ ସେଥିପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ।

## ମାଲୁସାଉନ୍ତା ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମାନ୍ୟତା ପାଇଲା

ଦାମନଯୋଡି,(ନିପ୍ର): ମାଥାଲପୁଟସ୍ଥିତ ପିଏମ୍ ଶ୍ରୀ ମାଲୁସାଉନ୍ତା ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅନ୍ତର୍ଗତ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ଅଭିବୃଦ୍ଧି ପାଇଁ




ଏହା ଏକ ଅଭିନବ ପ୍ରୟାସ । ଏହି ପ୍ରକଳ୍ପ ଅନ୍ତର୍ଗତ ସମଗ୍ର ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ବିଦ୍ୟାଳୟ ମନୋନୀତ ହୋଇଥିବା ବେଳେ କୋରାପୁଟ ଜିଲ୍ଲାର ୧୨ଟି ବିଦ୍ୟାଳୟର ନାମ ଅନ୍ତର୍ଭୁକ୍ତ ହୋଇଛି । ତନ୍ମଧ୍ୟରୁ କୋରାପୁଟ ବ୍ଲକର ମାଲୁସାଉନ୍ତା ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏକ ମାତ୍ର ବିଦ୍ୟାଳୟ ଭାବେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ହେବାର ସୌଭାଗ୍ୟ ଅର୍ଜନ କରିଛି । ଏକ ଭବ୍ୟ ଉତ୍ସବରେ ଜିଲ୍ଲାପରିଷଦ ସଭ୍ୟ ମିହିର କୁଳଦୀପ, ପଟ୍ଟାଙ୍ଗୀ ବିଧାୟକ ପ୍ରତିନିଧି ଷାଣ୍ଡ୍ରା ଶିଶା, ମାଥାଲପୁଟ ସରପଞ୍ଚ ରଞ୍ଜିତା ଗୁରୁନା ଏହି ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେଇଥିଲେ । କୋରାପୁଟ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା ତଥା ପଞ୍ଚସଖା ଶିକ୍ଷା ସେତୁର ସଂଯୋଜକ ଭବେଶ ପତି, ଆଲୁମିନା ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ସାଉ ଉପସ୍ଥିତ ରହି ଉତ୍ସବକୁ ସଫଳ କରିଥିଲେ । ପ୍ରାୟ ୩୦୦ ଅଭିଭାବକ ଓ ଛାତ୍ର ଛାତ୍ରୀ ତଥା ମାନଗଣ୍ୟ ଅତିଥି ଉପସ୍ଥିତ ହୋଇଥିଲେ ।

## ଆଦିବାସୀ କୁଡୁମୀ ସମାଜର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ




କେନ୍ଦୁଝର,(ନିପ୍ର): ଆଦିବାସୀ କୁଡୁମୀ ସମାଜର ଏକ ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ସଦର ବ୍ଲକର ରାମଚନ୍ଦ୍ରପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଦୋଳଗୋବିନ୍ଦ ମହନ୍ତ,ରାଜ୍ୟ ସାଧାରଣ ସମ୍ପାଦକ ମିଳନ ଚନ୍ଦ୍ର ମହନ୍ତ, କେନ୍ଦ୍ର କମିଟିର ସଞ୍ଜୀବ ମହନ୍ତ,ମହାଦେବ ଦୁଙ୍ଗୁରିଆର ଏହି ବୈଠକରେ ଯୋଗ ଦେଇ ୨୦୨୭ ଜନଗଣନାରେ କୁଡୁମୀ ନିଜର ଜାତି, କୁଡୁମୀ ଭାଷା କୁଡ଼ମାଳି ଲେଖିବା ପାଇଁ ଉପଦେଶ ଦେଇଥିଲେ । ଝାଡ଼ଖଣ୍ଡରେ କୁଡମୀ ମାନେ ଆଦିବାସୀର ସୁବିଧା ନେଉଥିବା କହିଥିଲେ କୁଡୁମୀ ଆଉ କୁର୍ମୀ ଅଲଗା ଅଲଗା ଜାତି ବୋଲି କହିଥିଲେ । ଏହି ମିଟିଂରେ ଓଡ଼ିଶାରେ ବସବାସ କରୁଥିବା ସମସ୍ତ ଜିଲ୍ଲାରୁ ଆସି ଯୋଗ ଦେଇଥିବା ସଦସ୍ୟମାନେ ହେଲେ ଗୋପୀନାଥ ମହାନ୍ତ,ନାରାୟଣ ମାହାନ୍ତ,ଯୁଗଳ ମହାନ୍ତ,ଲାଲ ମୋହନ,ମିଶ୍ର ମହାନ୍ତ, ଦେବାନଦ ମହାନ୍ତ,ବୈକୁଣ୍ଠ ମହାନ୍ତ,ମମତା,ସବିତା, ଠାକୁର ମହାନ୍ତ, ତପନ, ଭରତ,,ଫକିର ମହନ୍ତ,ଅହଲ୍ୟା,କୁନ୍ତଳା ମହନ୍ତ,ଅହଲ୍ୟା,କୁନ୍ତଳା,ପ୍ରିୟଙ୍କା, ଯୋଶଦା ମହନ୍ତ ତଥା ସମାଜସେବୀ ଚିତରଞ୍ଜନ ମହାନ୍ତ ଓ ଓଡ଼ିଶାର ବହୁଲୋକ ଯୋଗ ଦେଇଥିଲେ ।

## ଗଳ୍ପ ଲିଖନ କର୍ମଶାଳା ହେଉଛି ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ

ବଡ଼ସାହି (ନିପ୍ର): ବାଣୀପୀଠ ଦ୍ୱାରା ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଅକାଦମୀ ମିଳିତ ଆନୁକୂଲ୍ୟରେ ତିନିଦିନିଆ ରାଜ୍ୟସ୍ତରୀୟ ଶିଶୁଗଳ୍ପ କର୍ମଶାଳା ବଡ଼ସାହି ବିବେକାନନ୍ଦ ବିହାର ଠାରେ ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ




ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନ ଦିବସରେ ପ୍ରଥମେ ଶିଶୁ ଶିବିରାର୍ଥୀ ମାନଙ୍କର ଗଳ୍ପ ଲିଖନ କର୍ମଶାଳା ଓ ପରେ ପରେ ଶିଶୁ ସାହିତ୍ୟିକମାନଙ୍କ ଦ୍ୱାରା ଗଳ୍ପ ଲିଖନ କର୍ମଶାଳା ସବିତା ମହାନ୍ତି, ଜାହ୍ନବୀ ରାଣୀ ଦଣ୍ଡପାଟ, ଶୁଭଜିତ୍ ଶୁଭଙ୍କର ରାଉତ ଓ ବୀଣାପାଣି ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ କର୍ମଶାଳା ନିରୀକ୍ଷକ ଭାବେ ହରିହର ମହାନ୍ତ, ନିରୋଦ ସୁନ୍ଦର ଜେନା, ରତିକାନ୍ତ ବେହେରା ଓ ବେଣୁଧର ଜେନା ଯୋଗଦାନ କରିଥିଲେ । ସମୟର ଚକ୍ର ସଂପାଦକ ସର୍ବେଶ୍ୱର ଜେନାଙ୍କ ସଭାପତିତ୍ୱରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା । ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ଶିଶୁ ସାହିତ୍ୟିକା ପ୍ରମିଳା ପଣ୍ଡା ଯୋଗଦାନ କରି ଗଳ୍ପ ଲିଖନ କର୍ମଶାଳା ହେଉଛି ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ସହିତ ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶର ଏକ କାର୍ଯ୍ୟଧାରା ବୋଲି ମତବ୍ୟକ୍ତ କରିଥିଲେ । ବହିଘରର ସଭାପତି ଗାଳ୍ପିକ ଅଭୟ ଦାସ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ବରେଣ୍ୟ ବକ୍ତା ଭାବେ ଶିଶୁ ସାହିତ୍ୟିକ ଡକ୍ଟର ଅଶ୍ୱନୀ କୁମାର ଶତପଥି ଓ ଆଦରଣୀୟ ଅତିଥି ଭାବେ କଟକ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ସହକାରୀ ରେଜିଷ୍ଟ୍ରାର ଶିଶୁ ସାହିତ୍ୟିକ ତ୍ରିଲୋଚନ ଗୁରୁ ଯୋଗଦାନ କରିଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଶିଶୁ ସାହିତ୍ୟିକା ପ୍ରତିମା ପଣ୍ଡା ଓ ଶିଶୁ ସାହିତ୍ୟିକ ସତ୍ୟବ୍ରତ ମିଶ୍ର ଯୋଗଦାନ କରି ଲୋକଙ୍କ ଭିତରେ ଗଳ୍ପ ଲେଖିବାର ସ୍ପୃହା କମିଆସୁଥିବା ବେଳେ ଶିଶୁ ମାନଙ୍କ ଭିତରେ ଏହି କଳାକୁ ଉଜ୍ଜୀବିତ କରିବା ଏକ ମହାନ କାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ ।

## ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ବିଭିନ୍ନ ସମୟରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଜଣେ ପେଶାଦାର ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ଦୀପକ ନାୟକ ଓରଫ ଟୁଙ୍ଗୁରୁ (୨୫) ଓ ତାଙ୍କ ଘର ସୂର୍ଯ୍ୟନଗର ସିମିଳିସାହି ବସ୍ତିରେ ବୋଲି ଜଣାପଡ଼ିଛି । ଏନେଇ ସେକ୍ ରିୟାଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଘଟଣାର ପ୍ରାୟ ୧୮ ରୁ ୨୦ ଦିନ ପୂର୍ବେ ଅଭିଯୋଗକାରୀଙ୍କ ସାନ ଭାଇ ସେକ୍ ଆୟାଜ (୧୪) ଗ୍ରୋସରୀ ସାମଗ୍ରୀ କିଣିବା ପାଇଁ ସିମିଳି ସାହି ବସ୍ତିକୁ ଯାଇଥିଲେ । ସେହି ସମୟରେ ଅଭିଯୁକ୍ତ ଟୁଙ୍ଗୁରୁ ଓରଫ ଦୀପକ ନାୟକ ତାଙ୍କୁ ଉକ୍ତ ଅଞ୍ଚଳକୁ ଆସିବାର କାରଣ ପଚାରିବା ସହ ଏକ ଘର ଭିତରେ ଦୀର୍ଘ ସମୟ ଧରି ଅଟକ ରଖି ମାଡ଼ ମାରିଥିଲେ । ପରେ ଅଭିଯୋଗକାରୀ ତାଙ୍କ ଭାଇଙ୍କୁ ଉଦ୍ଧାର କରିଥିଲେ ଏବଂ ଏହି ଘଟଣାକୁ ନେଇ ଅଭିଯୁକ୍ତଙ୍କ ସହ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ରବିବାର ସନ୍ଧ୍ୟା ସମୟରେ ଅଭିଯୋଗକାରୀ ସିମିଳି ସାହି ବସ୍ତିର ଶେଷ ମୁଣ୍ଡ ନିକଟରେ ଏକାକୀ ମୋବାଇଲ ଫୋନ ବ୍ୟବହାର କରୁଥିବା ବେଳେ ଅଭିଯୁକ୍ତ ଟୁଙ୍ଗୁରୁ ଓରଫ ଦୀପକ ନାୟକ ତାଙ୍କର ଜଣେ ସହଯୋଗୀଙ୍କ ସହ ଆସି ପଛପଟୁ ଆକ୍ରମଣ କରିଥିଲେ । ଅଭିଯୁକ୍ତ ଏକ ପଥର ସାହାଯ୍ୟରେ ଅଭିଯୋଗକାରୀଙ୍କ ମୁଣ୍ଡକୁ ଆଘାତ କରି ଗୁରୁତର କ୍ଷତି ପହଞ୍ଚାଇବାକୁ ଉଦ୍ୟମ କରିଥିଲେ, ଫଳରେ ତାଙ୍କ ମୁଣ୍ଡରେ ରକ୍ତାକ୍ତ ଆଘାତ ଲାଗିଥିଲା । ଆହତ ଅଭିଯୋଗକାରୀଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ସେ ଥାନାରେ ଏତଲା ଦେଇଥିଲେ । ତଦନ୍ତ ସମୟରେ ଅଭିଯୁକ୍ତ ଟୁଙ୍ଗୁରୁକୁ କାବୁ କରାଯିବା ସହିତ ଘଟଣାରେ ବ୍ୟବହୃତ ହୋଇଥିବା ପଥରକୁ ମଧ୍ୟ ଜବତ କରାଯାଇଥିଲା । ତଦନ୍ତରୁ ଆହୁରି ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀମାନେ ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି କରୁଥିଲେ ଏବଂ ପୂର୍ବରୁ ଅଭିଯୋଗକାରୀଙ୍କ ନାବାଳକ ଭାଇଙ୍କୁ ମଧ୍ୟ ବେଆଇନ ଭାବେ ଅଟକ ରଖି ଆକ୍ରମଣ କରିଥିଲେ । ଅଭିଯୁକ୍ତଙ୍କ ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ପୂର୍ବରୁ ସେ କ୍ୟାପିଟାଲ ଥାନାରେ ମାରପିଟ, ଚୋରି, ଧମକ ଏବଂ ଅନ୍ୟାନ୍ୟ ଦଣ୍ଡନୀୟ ଅପରାଧ ସଂପର୍କିତ ଘଟଣାରେ ମୋଟ ୩ଟି ଅପରାଧିକ ମାମଲାରେ ସଂପୃକ୍ତ ରହିଥିବା ରେକର୍ଡରୁ ଜଣାପଡ଼ିଛି ।

## ରେଢ଼ାଖୋଲ: ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ




ରେଢ଼ାଖୋଲ,(ନିପ୍ର): ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ରେଢ଼ାଖୋଲ ସ୍ଥାନୀୟ ସାପ୍ତାହିକ ବଜାରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶ୍ୱ ପରିବେଶ ଦିବସ ଅବସରରେ ସପ୍ତାହେ ଧରି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଥିବା ବେଳେ କିଭଳି ପରିବେଶକୁ ସୁରକ୍ଷା ଦେବାସହ ଧ୍ୱଂସାବି ପରିବେଶକୁ କିପରି ସୁନ୍ଦର ଭାବେ ଗଢ଼ିବାକୁ ସମସ୍ତେ ଚେଷ୍ଟା କରିବା ସହ ପ୍ରକୃତିକୁ ସୁନ୍ଦର ସରସମୟ କରିବା ନେଇ ସମସ୍ତେ ଦୃଢ଼ ଉକ୍ତି ପ୍ରଦାନ କରିଥିଲେ । ପରେ ପ୍ଲାଷ୍ଟିକର କମ୍ ବ୍ୟବହାର, ଗଛ ଲଗାଇବା, ଜଙ୍ଗଲ କାଟିବା, ଅଧିକ ଯାନବାହାନ ଚଳାଚଳରୁ ନିର୍ଗତ କେମିକାଲ ଗ୍ୟାସ୍, ଯାହା ଅତ୍ୟଧିକ ବ୍ୟବହାର ଯୋଗୁଁ ପରିବେଶ ଉପରେ ଏହାର ପ୍ରଭାବ, ସହ ପରିବେଶକୁ କିଭଳି ସଫାସୁତୁରା ରଖିବା ସହ ନିଜେ ସୁରକ୍ଷିତ ରହିବା ସେନେଇ ସମସ୍ତଙ୍କୁ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମରେ ରେଢ଼ାଖୋଲ ଏନ୍ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା, ଏନ୍ ଏ ସି ଅଧ୍ୟକ୍ଷ ଶିବରାମ ସାହୁ, ଏନ୍ ଏ ସି ସମସ୍ତ କର୍ମକର୍ତ୍ତା ସମେତ ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ମାନଙ୍କ ସହ ସ୍ଥାନୀୟ ଲୋକେ ଯୋଗଦେଇ ଥିଲେ ।

## ବଡଦାଣ୍ଡ ପାଲଟିଛି ମୁକ୍ତ ଆକାଶର ଗୋଦାମ

ପୁରୀ,(ନିପ୍ର): ବଡ଼ ଡାକ୍ତରଖାନା ଛକ ଠାରୁ ସରଧାବାଲି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ କ୍ୟାଭିନି, ଠେଲା ଦୋକାନୀ ପସରା ମେଲେଇ ବ୍ୟବସାୟ କରୁଥିବା ଯୋଗୁଁ ସାଧାରଣ ଚଳପ୍ରଚଳରେ ପ୍ରତିବନ୍ଧକ ସୃଷ୍ଟି ହେଉଛି, ସେହିପରି ବଡ଼ସଙ୍ଖ ଠାରୁ ସରଧାବାଲି ପର୍ଯ୍ୟନ୍ତ ରାସ୍ତାକୁ ରିକ୍‌ସା ଠେଲାଗାଡ଼ି, ଭଙ୍ଗା ଅଟୋ, ଡେକରସେନ ବାଉଁଶ ଗଦାଇ ରଖି ରାସ୍ତା ଅବରୋଧ କରୁଥିଲେ ମଧ୍ୟ ପୌରସଂସ୍ଥା ସମସ୍ତ ବିଷୟ ଜାଣୁଥିଲେ ମଧ୍ୟ ନିରବଦ୍ରଷ୍ଟା ସାଜୁଥିବାର ଅଭିଯୋଗ ହେଉଛି । ସେହିପରି ଠେଲାଗାଡ଼ି ଦୋକାନୀମାନଙ୍କୁ ବେଆଇନ ଭାବେ ବିଦ୍ୟୁତ ସଂଯୋଗ ଦେଇ ଅର୍ଥ ଆଦାୟ କରୁଥିବାର ଅଭିଯୋଗ ଜନସାଧାରଣରେ ହେଉଛି । ପୁରୀ ମହାନଗର ନିଗମ କମିଶନର ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି ।

## ଜିଲ୍ଲା ପରିଷଦ ବୈଠକ: ସିପିଆଇର ପଦଯାତ୍ରା ଓ ଆନ୍ଦୋଳନ ନିଷ୍ପତି

ନିମାପଡ଼ା, (ନି.ପ୍ର.): ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦର ଦାମ୍ ବୃଦ୍ଧି, ତୈଳ ସଂକଟ, ଜାଳେଣୀ ଗ୍ୟାସ କଳା ବଜାର/ ଅଭାବ, ନାରୀ ନିର୍ଯ୍ୟାତନା ବୃଦ୍ଧି ପାଉଥିବା ପ୍ରତିବାଦରେ ସିପିଆଇ ପୁରୀ ଜିଲ୍ଲା ପରିଷଦ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜିଲ୍ଲା ପରିଷଦ ବୈଠକରେ ନିଷ୍ପତି ଗୃହୀତ ହୋଇଛି । ଦଳୀୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ନେତା ଦେବେନ୍ଦ୍ର ସାହୁ ଅଧ୍ୟକ୍ଷତା କରି ବିଭିନ୍ନ ସମସ୍ୟାକୁ ନେଇ ବିଭିନ୍ନ ଗ୍ରାମରେ ପଦଯାତ୍ରା ଅନୁଷ୍ଠିତ ହେବ ଏବଂ ଆସନ୍ତା ଗ୍ରା.ପ. ନିର୍ବାଚନ ସଂପର୍କରେ ପ୍ରସ୍ତୁତି ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ନିବେଦନ କରିଥିଲେ । ରାଜ୍ୟ ସହ ସଂପାଦକ କ୍ଷୀରୋଦ ପ୍ରସାଦ ସିଂଦେଓ, ଆଶିଷ କାନୁନଗୋ, ମହେଶ୍ୱର ରାଉତ, ଜିଲ୍ଲା ସଂପାଦକ କୃଷ୍ଣଚନ୍ଦ୍ର ରାଉତ, ହରିହର ସେନାପତି, ଗୋଲଖ ନାୟକ ପ୍ରମୁଖ ଯୋଗ ଦେଇ ଉଭୟ କେନ୍ଦ୍ର/ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ସମାଲୋଚନା କରି ଗଣ ଆନ୍ଦୋଳନ ସପକ୍ଷରେ ମତ ପ୍ରକାଶ କରିଥିଲେ । ଅଗଷ୍ଟ ମାସରେ ପଦଯାତ୍ରା ଏବଂ ସେପ୍ଟେମ୍ବରରେ ଦିଲ୍ଲୀ ସମାବେଶକୁ ସଫଳ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଜିଲ୍ଲାର ପ୍ରତି ବ୍ଲକ୍‌ରୁ ପ୍ରତିନିଧିମାନେ ଯୋଗ ଦେଇ ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ ।

## ୧୨୩ଟିରୁ ୪୯ ଅଭିଯୋଗର ତ୍ୱରିତ ସମାଧାନ

କଟକ(ନିପ୍ର): ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ନରସିଂହପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୨୩ ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୧୧୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୫ଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୪୯ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ପୁଲିସ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ , ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପସ୍ଥିତ ଥିଲେ ।

## ମହେନ୍ଦ୍ରଗିରି ମେଳାରେ ଯୋଗଦେଲେ ରାଜ୍ୟପାଳ

### ରାଜ୍ୟବାସୀଙ୍କ ସୁଖ-ସମୃଦ୍ଧି ପାଇଁ କଲେ ପ୍ରାର୍ଥନା

ଭୁବନେଶ୍ୱର,(ହି.ସ.): ରାଜ୍ୟପାଳ ଡ. ହରିବାବୁ କମ୍ଭମପଟି ଗଜପତି ଜିଲ୍ଲାସ୍ଥିତ ପବିତ୍ର ମହେନ୍ଦ୍ରଗିରି ପର୍ବତରେ ଆୟୋଜିତ ମହେନ୍ଦ୍ରଗିରି ମେଳାରେ ଯୋଗଦେଇ ପବିତ୍ର ସ୍ନାନ ଓ ମହାଯଜ୍ଞରେ ଅଂଶଗ୍ରହଣ କରି ପୂଜାର୍ଚ୍ଚନା କରିଛନ୍ତି ।

ରାଜ୍ୟପାଳ ଏହି ଧାର୍ମିକ ଆୟୋଜନରେ ସାମିଲ ହେବାକୁ ସୌଭାଗ୍ୟର ବିଷୟ ବୋଲି କହିଛନ୍ତି । ସେ କହିଛନ୍ତି ଯେ, ମହେନ୍ଦ୍ରଗିରି ଓଡ଼ିଶାର ସମୃଦ୍ଧ ଆଧ୍ୟାତ୍ମିକ ପରମ୍ପରା, ସଂସ୍କୃତି ଓ ଐତିହ୍ୟର ପ୍ରତୀକ ଏବଂ ଏହା ଶ୍ରଦ୍ଧାଳୁମାନଙ୍କ ପାଇଁ ଏକ ପ୍ରମୁଖ ଆସ୍ଥା କେନ୍ଦ୍ର ଭାବେ ପରିଚିତ । ମହେନ୍ଦ୍ରଗିରି ମେଳା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସୁଥିବା ଭକ୍ତ ଓ ତୀର୍ଥଯାତ୍ରୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଅବସର । ଏହି ମେଳା କେବଳ ଧାର୍ମିକ ଭାବନାକୁ ସୁଦୃଢ଼ କରେ ନାହିଁ, ବରଂ ରାଜ୍ୟର ସାଂସ୍କୃତିକ ଐତିହ୍ୟକୁ ମଧ୍ୟ ଜୀବନ୍ତ ରଖିଥାଏ । ରାଜ୍ୟପାଳ ଭଗବାନ ପରଶୁରାମଙ୍କ ନିକଟରେ ରାଜ୍ୟ ଓ ଦେଶବାସୀଙ୍କ ଶାନ୍ତି, ସମୃଦ୍ଧି ଏବଂ ସୁଖମୟ ଜୀବନ ପାଇଁ ପ୍ରାର୍ଥନା କହିଛନ୍ତି ।

## ଲଖନପୁରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡା, (ହି.ସ.): ଲଖନପୁର ବ୍ଲକରେ ମିଳିତ ଜନଶୁଣାଣି ଶିବିର ସମାପ୍ତ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଲଖନପୁର ବିଡ଼ିଓ ବିନୟ କୁମାର ପଟେଲ ପ୍ରମୁଖ ସ୍ଥାନୀୟ ଅଞ୍ଚଳ ଗସ୍ତ କରି ଭିତ୍ତିଭୂମି ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ପ୍ରଥମେ କନକତୋରା ଗ୍ରାମପଞ୍ଚାୟତର ଝାରଗାଁ ଗ୍ରାମ ଦେଇ ଯାଇଥିବା ଦୟାଡେରା ଠାରୁ ପ୍ରସିଦ୍ଧ 'ଝରନ' ପର୍ଯ୍ୟଟନ ସ୍ଥଳୀ ପର୍ଯ୍ୟନ୍ତ ବିସ୍ତାରିତ ରାସ୍ତାର ନିର୍ମାଣ ସ୍ଥିତି ଅନୁଧ୍ୟାନ କରିଥିଲେ । ପର୍ଯ୍ୟଟକଙ୍କ ଗମନାଗମନ ସୁବିଧା ପାଇଁ ଏହି ରାସ୍ତାର ଗୁଣବତ୍ତା ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ଏହା ପରେ ଜିଲ୍ଲାପାଳ ଓ ବିଡ଼ିଓ କନକତୋରା ଠାରେ ନିର୍ମାଣଧୀନ ରାଜସ୍ୱ ଡାକବଙ୍ଗଳା କାର୍ଯ୍ୟସ୍ଥଳୀ ପରିଦର୍ଶନ କରିଥିଲେ । ସେଠାରେ ଉପସ୍ଥିତ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା କରି ଡାକବଙ୍ଗଳା ନିର୍ମାଣ ପାଇଁ ଆହୂତ ଟେଣ୍ଡର ପ୍ରକ୍ରିୟାର ଅଗ୍ରଗତି ଏବଂ ବୈଷୟିକ ଦିଗ ଉପରେ ପଚାରି ବୁଝିଥିଲେ । ଏହି ପ୍ରକ୍ରିୟାକୁ ଶୀଘ୍ର ଶେଷ କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ କହିଛନ୍ତି । ଏହି ଗସ୍ତ କ୍ରମରେ ଜିଲ୍ଲାପାଳ କନକତୋରା ସ୍ଥିତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଠାକାର ବ୍ୟବସ୍ଥାର ସମୀକ୍ଷା କରିଥିଲେ । ଜରୁରୀକାଳୀନ ପରିସ୍ଥିତିରେ ସ୍ଥାନୀୟ ଲୋକଙ୍କ ସୁରକ୍ଷା ପାଇଁ ଏହି କେନ୍ଦ୍ରର ପ୍ରସ୍ତୁତି ଏବଂ ଆନୁଷଙ୍ଗିକ ସୁବିଧା ସୁନିଶ୍ଚିତ କରିବାକୁ ସେ ବିଡ଼ିଓ ଶ୍ରୀ ପଟେଲଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରଶାସନର ଏହି କ୍ଷେତ୍ର ପରିଦର୍ଶନ ସମୟରେ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

## ପଂଚାୟତସ୍ତରୀୟ ଗ୍ରାମ୍ୟ ମୁଖ୍ୟ ମିଳିତ ଅଭିଯୋଗ ଶୁଣାଣି

କାଶୀନଗର,(ନିପ୍ର): କାଶୀନଗର ପଞ୍ଚାୟତ ଅଧୀନରେ ଥିବା ଖାଣ୍ଡୱା ପଞ୍ଚାୟତ କାର୍ଯାଳୟ ପରିସରରେ ପଂଚାୟତ ସ୍ତରୀୟ ଗ୍ରାମ୍ୟ ମୁଖ୍ୟ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଛି । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବାଲା ସାଇକ୍ମା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବୁରୁ ଧର ମଲ୍ଲିକ , ଅତିରିକ୍ତ ତହସିଲଦାର କେ.ଦିବ୍ୟରଞ୍ଜନ, ସି ଡ଼ି ପି ଓ କେ. କୋଟେଶ୍ୱରୀ ଦେବୀ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ, ସରପଞ୍ଚ ମଂଚାସୀନ ହୋଇ ଅଭିଯୋଗ ଶୁଣାଣି କରିଥିଲେ । ଆସିଥିବା ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ବିଭଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାଶୀନଗର ବ୍ଲକର ବିଭଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଅନ୍ଧବିଶ୍ୱାସ ନିବାରଣ ସମ୍ପର୍କିତ ସଚେତନତା ଶିବିର

କଟକ(ନିପ୍ର) : ଅଲୌକିକ ଆଚରଣ ସନ୍ଦେହରେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ନିର୍ଯାତନା ଏବଂ ଅନ୍ଧବିଶ୍ୱାସ ଭଳି କୁପ୍ରଥାକୁ ଦୂର କରିବା ଉଦ୍ଦେଶ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକର ମଙ୍ଗରାଜପୁର ଗ୍ରାମରେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି ଶିବିରରେ ବହୁ ସଂଖ୍ୟକ ଗ୍ରାମବାସୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଯୁବକ ଓ ଯୁବତୀମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଗ୍ରାମାଞ୍ଚଳ ପୁଲିସ, ମିନାକ୍ଷୀ ଠାକୁର ଯୋଗଦେଇ ଓଡିଶା ଡାହାଣୀ ଶିକାର ନିରାକରଣ ଆଇନ ୨୦୧୩ ସମ୍ପର୍କରେ ଆଲୋଚନା କରିବା ସହ ଅଲୌକିକ ଆଚରଣ ସନ୍ଦେହରେ କାହାକୁ ନିର୍ଯାତନା ଦେବା, ସାମାଜିକ ବାସନ୍ଦ କରିବା କିମ୍ବା ହିଂସାତ୍ମକ ବ୍ୟବହାର କରିବା ଆଇନଗତ ଅପରାଧ ବୋଲି କହିଥିଲେ । କୌଣସି ଅନୈତିକ କିମ୍ବା ଅପରାଧିକ ଘଟଣା ସମ୍ପର୍କରେ ତୁରନ୍ତ ପୋଲିସ କିମ୍ବା ପ୍ରଶାସନକୁ ଅବଗତ କରିବାକୁ ସେ ଅଂଶଗ୍ରହଣକାରୀଙ୍କୁ ପରାମର୍ଶ ଦେଇଥିଲେ । ଅନ୍ଧବିଶ୍ୱାସ ଏବଂ ସନ୍ଦେହ ସମାଜରେ ଭୟ ଓ ଅଶାନ୍ତି ସୃଷ୍ଟି କରିଥାଏ । ଏହା ଫଳରେ ଅନେକ ନିର୍ଦ୍ଦୋଷ ମହିଳା ଓ ବ୍ୟକ୍ତି ନିର୍ଯାତନାର ଶିକାର ହୋଇଥାନ୍ତି । ଏସବୁ ଭ୍ରାନ୍ତ ଧାରଣା ଏବଂ ବହୁଚରିତ୍ର ସ୍ୱଭାବ ଭଳି ଏକ ମାନସିକ ରୋଗ ।

## ଚାଟାର୍ଡ ଆକାଉଟାଣ୍ଟ କଟକ ଶାଖାର ନ୍ୟାସନାଲ ଟ୍ୟାଲେଣ୍ଟ ସର୍ଚ୍ଚ




କଟକ(ନିପ୍ର): ଇନଷ୍ଟିଚ୍ୟୁଟ ଅଫ୍ ଚାଟାର୍ଡ ଆକାଉଟାଣ୍ଟସ ଅଫ ଇଣ୍ଡିଆର କଟକ ଶାଖା ପକ୍ଷରୁ ନ୍ୟାସନାଲ ଟ୍ୟାଲେଣ୍ଟ ସର୍ଚ୍ଚ ୨୦୨୬-୨୭ ଶାଖା ସ୍ତରିୟ ପ୍ରତିଯୋଗତା ଆୟୋଜିତ ହୋଇଯାଇଛି । ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଆଇସିଏଆଇ ଭବନରେ ସ୍କେଟିଂ, ଚେସ, ପିଚଡେକ ଓ କୁଇଜ ଓ ଦ୍ୱିତୀୟ ପାର୍ଯ୍ୟାୟ ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କ୍ଲବରେ ଏଲୋକ୍ୟୁସନ, ଡିବେଟ୍, ବାଦ୍ୟଯନ୍ତ୍ରଗୀତ ଓ କବିତା ପାଠ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାର ସ୍କେଟିଂରେ ଜାନଭୀ ଅଗ୍ରୱାଲ ବିଜେତା ଏବଂ ଟି. ସ୍ୱରୂପ କୁମାର ପାତ୍ର ରନର୍ସ ଅଫ, ଚେସରେ ସୁଭଜିତ ପ୍ରଧାନ ବିଜେତା ଓ ତନ୍ୱି ବନସାଲ ରନର୍ସ ଅଫ, କୁଇଜରେ ପୁଷ୍କର ଅଗ୍ରୱାଲ ଓ ଜିଗ୍ନେଶ ଗୁପ୍ତା ବିଜୟୀ ହୋଇଥିଲେ । ଡିବେଟରେ ମାନଶା ସାରୋଗୀ ବିଜେତା ଏବଂ ମହମ୍ମଦ ହାସାନ କମାଲ ରନର୍ସ ଅଫ, କବିତା ପାଠରେ ଗୌରବ ଉଦୟପୁରିଆ ବିଜେତା ଏବଂ ତନ୍ୱୀ ଚଣ୍ଡକ ରନର୍ସ ଅଫ ହୋଇଥିଲେ । କଟକ ଶାଖାର ଉପାଧ୍ୟକ୍ଷ ତଥା ଇସାକା କଟକ ଶାଖାର ଅଧ୍ୟକ୍ଷ ସିଏ ମୁସ୍ତାକ ବେଗଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଚାରକ ଭାବେ ସିଏ ସ୍କଞ୍ଚକୁ ସାକିବ, ମିତା ଅଗ୍ରୱାଲ ଓ ପୁନମ ଅଗ୍ରୱାଲ ଯୋଗ ଦେଇଥିଲେ ।

ତିଥି :(ନବମୀ): (ପୂର୍ବଭାଦ୍ର ମୀନ)
ଅମୃତ ବେଳା: ଦିବା ଘ ୭।୩୪ ମଧ୍ୟେ ଘ ୯।୧୦ ଗତେ

## ଆଜିର ଅନୁଚିନ୍ତନ

ସେହି ଭକ୍ତମାନଙ୍କ ପ୍ରତି କୃପା କରିବା ପାଇଁ ସେମାନଙ୍କ ସ୍ୱରୂପରେ ସ୍ଥିତ ମୁଁ ସେମାନଙ୍କ ଅଜ୍ଞାନଜନିତ ଅନ୍ଧକାରକୁ ଦେଦୀପ୍ୟମାନ ଜ୍ଞାନଦୀପ ଦ୍ୱାରା ନଷ୍ଟ କରିଦିଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ଜଳ ହିଁ ଅମୃତ

ଗପ ଭଳି ଲାଗିଲେ ବି ସତ ଯେ ଶୋଷରେ ଆଉଟୁପାଉଟୁ ଲୋକଙ୍କ ପାଣି ବିନା ଜୀବନ ଯିବାର ଅଭାବନୀୟ ଘଟଣା, ଜଣେ କି ଦୁଇ ଜଣ ନୁହେଁ ପୂରା ୫୦ ଜୀବନର ଅନ୍ତ ହେଲା ନିକଟରେ । ଉତ୍ତର ନାଇଜରରେ ସାହାରା ମରୁଭୂମିର ଏକ ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ନେଇ ଯାଉଥିବା ଏକ ଟ୍ରକ୍ ଖରାପ ହୋଇଥିଲା। ମୃତକମାନେ ମାଲୀରେ ଏକ ପର୍ବରେ ଯୋଗଦେଇ ଫେରୁଥିଲେ । ସେମାନଙ୍କ ପାଖରେ ପିଇବା ପାଣି ସରିଯିବାରୁ ଆସାମାକାରୁ ୮୦ କିମି ପଶ୍ଚିମରେ ସେମାନେ ଫସିରହିଲେ। ଉକ୍ତ ସ୍ଥାନ ନାଇଜର ଓ ଆଲଜେରିଆ ମଧ୍ୟରେ ସୀମା ପାର୍ ହେବାର ଏକ ପ୍ରମୁଖ ସ୍ଥାନ ।ଏହି ହୃଦୟବିଦାରକ ଘଟଣାରେ କେବଳ ଦୁଇ ଜଣ ବଞ୍ଚିଲେ ଏବଂ ଆସାମାକା ମରୁଭୂମି ପାର କରି ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଘଟଣା ବିଷୟରେ ସୂଚନା ଦେଲେ। ଆଲୋଚ୍ୟ ୨ ଜଣ ନିକଟସ୍ଥ ଜଳ ଉତ୍ସ ସନ୍ଧାନରେ ୫୦ କିଲୋମିଟରରୁ ଅଧିକ ଚାଲିବା ପରେ ଘଟଣା ସଂପର୍କରେ ବାହାର ଦୁନିଆ ଜାଣିବାକୁ ପାଇଥିଲେ। ଟ୍ରକଟି ମାଲୀ ସହର ତେଲହାଣ୍ଡେକୁ ବାହାରିଥିଲା, କିନ୍ତୁ ନିର୍ଦ୍ଧାରିତ ମାର୍ଗରୁ ଲକ୍ଷ୍ୟଚ୍ୟୁତ ବି ହୋଇଥିଲା। ଟ୍ରକ୍ ଚାଳକ ଓ ଯାତ୍ରୀମାନେ ବାରମ୍ବାର ଗାଡ଼ି ମରାମତି କରିବାକୁ ଚେଷ୍ଟା କରିଥିଲେ ବି ତାହା ବ୍ୟର୍ଥ ହୋଇଥିଲା। ଅଚଳ ଟ୍ରକ୍ ତଳେ ଓ ଆଖପାଖରେ ଅନ୍ୟୂନ ୪୯ ଜଣଙ୍କ ମୃତ ଶରୀର ମିଳିବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉକ୍ତ ଅଞ୍ଚଳକୁ ଯାଇଥିବା ଉଦ୍ଧାରକାରୀ ଟିମ୍ ମୃତକଙ୍କୁ ଏକାଠି ସମାଧି ଦେଇଥିଲେ।

କେବଳ ସେତିକି ନୁହେଁ ସେଠାରୁ ଫେରିବା ସମୟରେ ଉଦ୍ଧାରକାରୀ ଟିମ୍ ଆଉ ଏକ ଅଚଳ ଟ୍ରକ୍ ସଂସ୍ପର୍ଶରେ ଆସିଲେ। ୬୦ରୁ ଅଧିକ ଲୋକ ଟ୍ରକଟିର ବ୍ୟାଟେରି ଫେଲ୍ କାରଣରୁ ମରୁଭୂମିରେ ୩ ଦିନ ଧରି ଫସି ରହିଥିଲେ। ନାଇଜର ସୀମାରୁ ୩୦୦ କିମି ଅଧିକ ଦୂରରେ ସ୍ଥିତ ମାଲୀ ସହର ହାରୋବାରୁ ଏହା ଯାତ୍ରା କରିଥିଲା । ଉଦ୍ଧାରକାରୀ ଟିମ୍ ଯାତ୍ରୀଙ୍କୁ ପାଣି ଦେଲେ ଏବଂ ଗାଡ଼ି ମରାମତିରେ ସାହାଯ୍ୟ କରିବାରୁ ସେମାନେ ପୁଣି ଯାତ୍ରା ଆରମ୍ଭ କଲେ । ଆଲୋଚ୍ୟ ଟ୍ରକଟିର ଲୋକ ଗୁଜରାଣ ମେଣ୍ଟାଇବା ପାଇଁ ୟୁରୋପ ପହଞ୍ଚିବାକୁ ଚେଷ୍ଟା କରୁଥିବା କୁହାଯାଉଛି। ପଶ୍ଚିମ ଆଫ୍ରିକାର ପ୍ରବାସୀଙ୍କ ପାଇଁ ନାଇଜର ମରୁଭୂମି ଏକ ପ୍ରମୁଖ କରିଡର । ଏବଂ ଏହି ମରୁଭୂମିରେ ଯାତ୍ରାଜନିତ ବିପଦକୁ ସେମାନଙ୍କ ବେଖାତିରପଣ ଉଦ୍‌ବେଗର ବିଷୟ।

ଆଲୋଚ୍ୟ ଦୁଇ ଘଟଣା ଦର୍ଶାଇ ଦିଏ ଯେ କୌଣସି ଧାର୍ମିକ ସମାବେଶ ହେଉ କି ଯେ କୌଣସି କାର୍ଯ୍ୟ ପାଇଁ ବାହାରକୁ ଯିବା ପୂର୍ବରୁ ସମ୍ଭାବ୍ୟ ଯାତ୍ରାକାଳରେ କେତେ ପରିମାଣର ପାଣି ଆବଶ୍ୟକ ତାହାକୁ ଦୃଷ୍ଟିରେ ରଖି ସଂଗ୍ରହ ନ କଲେ ବିପଦ ଅବଶ୍ୟମ୍ଭାବୀ। ଦ୍ୱିତୀୟରେ ଯେଉଁ ଯାନରେ ଯାତ୍ରା ହେଉ ନା କାହିଁକି ଯଦି ସେଥିରେ କୌଣସି ଗଡ଼ବଡ଼ ଥାଏ ତାହାର ମରାମତି ବିନା ଯାତ୍ରା ବିପଦକୁ ବରଣ ବହୁ ସମୟରେ ଥାଏ। ତୃତୀୟରେ ପେଟ ପୋଷିବା ପାଇଁ ଗୋଟିଏ ଅଞ୍ଚଳର ଲୋକ ଅନ୍ୟତ୍ର ଯିବା ପୂର୍ବରୁ ଯାତ୍ରାଜନିତ ବେପରୁଆପଣ ସର୍ବଦା ବିପଦ ସାବ୍ୟସ୍ତ କରିଥାଏ। ସର୍ବୋପରି ଦେବଦୂତ ସାଜି ଯେଉଁମାନେ ଏପରି ସ୍ଥଳରେ ପହଞ୍ଚି ସେବା ଦିଅନ୍ତି ସେମାନେ ମାନବ ସମାଜ ପାଇଁ ଉଦାହରଣ ରଖନ୍ତି। ସବୁଠୁ ପ୍ରମୁଖ ଦିଗ ଜଳ,ଜଳ ବିନା ଜୀବନ ଅସାର ତଥା ଅସମ୍ଭବ। ଜଳସୁରକ୍ଷା ସର୍ବଦା ଆଗରେ, ସମଗ୍ର ପୃଥିବୀ ପାଇଁ ଏହା ଅମୃତ। ଏହି ଅମୃତ ବିନା ଜୀବନ ସରିଯାଏ। ଆଲୋଚ୍ୟ ଘଟଣା ପୃଥିବୀକୁ ଜଳ ସୁରକ୍ଷାର ଯେଉଁ ବାର୍ତ୍ତା ଦିଏ ତାହାକୁ ଉପେକ୍ଷା କରିବା ଅର୍ଥ ବିପଦ ହିଁ ବିପଦ ଅବା ପ୍ରାଣଘାତୀ।

# ସ୍କୁଲ ପାଇଁ ନୂଆ ଗାଇଡ୍‌ଲାଇନ୍ : ଶିକ୍ଷା ବ୍ୟବସ୍ଥାରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ

**ସୌଭାଗ୍ୟ ରଂଜନ ମହାନ୍ତି**

ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଅଧିକ ଆଧୁନିକ, ବ୍ୟବହାରିକ ଏବଂ ଶିଶୁ-କେନ୍ଦ୍ରିକ କରିବା ପାଇଁ ସରକାରଙ୍କ ପକ୍ଷରୁ ଏକ ବଡ ନିଷ୍ପତ୍ତି ନିଆଯାଇଛି, ଯାହା ବିଦ୍ୟାଳୟ ଶିକ୍ଷାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। ଶିକ୍ଷା ବର୍ଷ ୨୦୨୬-୨୭ ପାଇଁ ଜାରି ହୋଇଥିବା ଏହି ନୂଆ ଗାଇଡଲାଇନ୍ ଅନୁଯାୟୀ, ଶିଶୁ ବାଟିକାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲର ସମୟ ସାରଣୀରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଜାତୀୟ ଶିକ୍ଷା ନୀତିର ମୂଳ ଲକ୍ଷ୍ୟକୁ ଆଧାର କରି ପ୍ରସ୍ତୁତ ଏହି ନିୟମାବଳୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କ ଉପରୁ ପାଠପଢାର ମାନସିକ ଚାପ କମାଇବା ଏବଂ ସେମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଏକ ମୁକ୍ତ ପରିବେଶ ସୃଷ୍ଟି କରିବା। ପାରମ୍ପରିକ ଶିକ୍ଷା ପଦ୍ଧତିରେ ପିଲାମାନେ କେବଳ ବହିପତ୍ର ଏବଂ ପରୀକ୍ଷା ଭିତରେ ସୀମିତ ରହିଯାଉଥିବାବେଳେ, ଏହି ନୂତନ ବ୍ୟବସ୍ଥା ସେମାନଙ୍କୁ ସୃଜନଶୀଳତା ଏବଂ ପ୍ରାୟୋଗିକ ଜ୍ଞାନ ଆଡକୁ ଆଗେଇ ନେବ। ନୂଆ ଶିକ୍ଷା ନୀତିର ଗାଇଡଲାଇନ୍ ଅନୁସାରେ ଏବେ ବିଷୟ ବସ୍ତୁର ଭାରକୁ ଯଥେଷ୍ଟ ପରିମାଣରେ କମାଇ ଦିଆଯାଇଛି, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ବିଷୟବସ୍ତୁକୁ ମୁଖସ୍ଥ କରିବା ପରିବର୍ତ୍ତେ ସହଜରେ ବୁଝିପାରିବେ ଏବଂ ନିଜ ଦୈନନ୍ଦିନ ଜୀବନରେ ତାର ପ୍ରୟୋଗ କରିପାରିବେ। ଏହି ସଂସ୍କାରର ସବୁଠାରୁ ଆକର୍ଷଣୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ବର୍ଷକୁ ୧୦ଦିନ 'ବ୍ୟାଗ୍ ବିହୀନ ଦିବସ' ବା 'ବ୍ୟାଗଲେସ୍ ଡେ'ର ବ୍ୟବସ୍ଥା। ଏହି ନିର୍ଦ୍ଦିଷ୍ଟ ଦିନଗୁଡିକରେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ଭାରି ବ୍ୟାଗ୍ କିମ୍ବା ବହିପତ୍ର ଆଣିବାକୁ ପଡିବ ନାହିଁ, ବରଂ ସେମାନେ ବିଭିନ୍ନ ପ୍ରକାରର ହାତକାମ, କଳା, ସଂସ୍କୃତି, କ୍ରୀଡା ଏବଂ ବୃତିଗତ କୌଶଳ ଶିକ୍ଷା କରିବାର ସୁଯୋଗ ପାଇବେ। ଶିଶୁ ବାଟିକାର କୋମଳମତି ଶିଶୁମାନଙ୍କ ପାଇଁ ଏହି ନୂଆ ସମୟ ସାରଣୀ ଏବଂ ଶିକ୍ଷାଦାନ ଶୈଳୀ ସେମାନଙ୍କୁ ଖେଳକୁଦ ମାଧ୍ୟମରେ ଶିଖିବାରେ ସାହାଯ୍ୟ କରିବ, ଫଳରେ ବିଦ୍ୟାଳୟ ପ୍ରତି ସେମାନଙ୍କର ଆଗ୍ରହ ବୃଦ୍ଧି ପାଇବ। କେବଳ ଶିଶୁ ବାଟିକା ନୁହେଁ, ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀମାନେ ମଧ୍ୟ ନୂଆ ସମୟ ସାରଣୀ ଅନୁଯାୟୀ ନିଜର ଶାରୀରିକ ଓ ମାନସିକ ବିକାଶ ପାଇଁ ପର୍ଯ୍ୟାପ୍ତ ସମୟ ପାଇପାରିବେ। ଶିକ୍ଷାବିତ୍‌ମାନଙ୍କ ମତରେ, ପିଲାମାନଙ୍କ ପିଠିରୁ ବହି ବ୍ୟାଗର ଓଜନ କମାଇବା ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଦୂର ହେବ ଏବଂ ଶ୍ରେଣୀଗୃହରେ ସେମାନଙ୍କର ଏକାଗ୍ରତା ବୃଦ୍ଧି ପାଇବ।

ଲକ୍ଷ୍ୟ ହେଉଛି ଉତମ ନାଗରିକ ଗଠନ କରିବା ଏବଂ ଏହି ନୂଆ ସରକାରୀ ଗାଇଡଲାଇନ୍ ସେହି ଦିଗରେ ଏକ ଦୃଢ ପଦକ୍ଷେପ। 'ବ୍ୟାଗ୍ ବିହୀନ ଦିବସ' ସମୟରେ ବିଦ୍ୟାଳୟଗୁଡିକରେ ବିଭିନ୍ନ ବ୍ୟାବହାରିକ କାର୍ଯ୍ୟକ୍ରମ ଯେପରିକି ସ୍ଥାନୀୟ ଶିଳ୍ପକଳା, ମୃଣ୍ମୟ ଶିଳ୍ପ, ବଗିଚା କାମ, କମ୍ପ୍ୟୁଟର କୋଡିଂ, ଚିତ୍ରାଙ୍କନ ଏବଂ ସଙ୍ଗୀତ ଆଦି ଶିକ୍ଷା ଦିଆଯିବ, ଯାହା ପିଲାମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସହାୟକ ହେବ । ଶିକ୍ଷା ବର୍ଷ ୨୦୨୬-୨୭ ଠାରୁ ଲାଗୁ ହେବାକୁ ଥିବା ଏହି ନିୟମ ବିଦ୍ୟାଳୟଗୁଡିକର ସାମଗ୍ରିକ ପରିବେଶକୁ ବଦଳାଇ ଦେବ ଏବଂ ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ମଧୁର କରିବ। ଏହି ବ୍ୟବସ୍ଥା ଦ୍ୱାରା ଶିକ୍ଷକମାନେ ମଧ୍ୟ ପାରମ୍ପରିକ ଶିକ୍ଷାଦାନ ଶୈଳୀରୁ ବାହାରି ନୂତନ ଓ ରୋଚକ ପଦ୍ଧତିରେ ପିଲାମାନଙ୍କୁ ପଢାଇବାକୁ ସୁଯୋଗ ପାଇବେ। ସମୟ ସାରଣୀରେ କରାଯାଇଥିବା ସଂସ୍କାର କେବଳ ପାଠପଢା ସମୟକୁ ନିୟନ୍ତ୍ରଣ କରେ ନାହିଁ, ବରଂ ପିଲାମାନଙ୍କର ସୃଜନଶୀଳ ଚିନ୍ତାଧାରା ଏବଂ ନୈତିକ ମୂଲ୍ୟବୋଧର ବିକାଶ ପାଇଁ ସ୍ୱତନ୍ତ୍ର ସମୟ ପ୍ରଦାନ କରିଥାଏ। ଅଭିଭାବକ ମହଲରେ ମଧ୍ୟ ଏହି ନୂଆ ଗାଇଡଲାଇନକୁ ନେଇ ବେଶ୍ ଉତ୍ସାହ ପ୍ରକାଶ ପାଇଛି, କାରଣ ଏହାଦ୍ୱାରା ପିଲାମାନେ କେବଳ ମାର୍କ ରଖିବା ଦୌଡରେ ସାମିଲ ନ ହୋଇ ଜୀବନ ଗଠନର ପ୍ରକୃତ ଶିକ୍ଷା ପାଇପାରିବେ। ବହିପତ୍ରର ବୋଝ କମିବା ଦ୍ୱାରା ପିଲାମାନେ ମାନସିକ ସ୍ତରରେ ମୁକ୍ତି ଅନୁଭବ କରିବେ, ଯାହା ସେମାନଙ୍କ ଶିଖିବା ପ୍ରକ୍ରିୟାକୁ ଅଧିକ ଦ୍ରୁତ ଏବଂ ପ୍ରଭାବଶାଳୀ କରିବ। ସରକାରଙ୍କ ଏହି ସୁଚିନ୍ତିତ ପଦକ୍ଷେପ ଓଡିଶାର ସ୍କୁଲ ଶିକ୍ଷା କ୍ଷେତ୍ରରେ ଏକ ବଡ ଗୁଣାତ୍ମକ ପରିବର୍ତ୍ତନ ଆଣିବ ଏବଂ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତର ଆହ୍ୱାନର ସାମ୍ନା କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ କରିବ। ସମଗ୍ର ଶିକ୍ଷା ବ୍ୟବସ୍ଥାକୁ ଏକ ନୂତନ ଦିଶା ଦେବାରେ ଏହି ନୂଆ ଗାଇଡଲାଇନ୍ ସଫଳ ହେବ ଏବଂ ଏକ ସୁସ୍ଥ, ଶିକ୍ଷିତ ତଥା କୌଶଳପୂର୍ଣ୍ଣ ସମାଜ ଗଠନରେ ଏହା ନିଶ୍ଚିତ ଭାବେର ସହାୟକ ହେବ।

ମୋ-୯୪୩୭୯୯୪୩୭୯

# ଏଲ୍ ନିନୋ ଆଶଙ୍କା; କୃଷକଙ୍କ ହିତକୁ ପ୍ରାଥମିକତା

**"ସ୍ଥାନୀୟ ପରିସ୍ଥିତି, ଉପଲବ୍ଧ ଜଳ ସମ୍ପଦ, ବିହନ ଉପଲବ୍ଧତା ସ୍ଥିତି, ବିହନର ଅଗ୍ରଗତି, ବର୍ଷା ବ୍ୟବଧାନ ଏବଂ ସମସ୍ତ ଜିଲ୍ଲା-ନିର୍ଦ୍ଦିଷ୍ଟ ବିପଦକୁ ସାବଧାନତାର ସହ ବିଚାର କରି ଏପରି ଯୋଜନା ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରାଯିବା ଉଚିତ। ଏହା ଚାଷୀମାନଙ୍କୁ ବ୍ୟବହାରିକ ଏବଂ ସମୟୋଚିତ ସମାଧାନ ପ୍ରଦାନ କରିବାରେ ସାହାଯ୍ୟ କରିବ। ସରକାରଙ୍କ ମୁଖ୍ୟ ଗୁରୁତ୍ୱ କ୍ଷେତ୍ର-ନିର୍ଦ୍ଦିଷ୍ଟ ଏବଂ ଫସଲ-ନିର୍ଦ୍ଦିଷ୍ଟ ରଣନୀତି ଗ୍ରହଣ କରିବା ଉପରେ ରହିଛି। କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ଯେ ଚାଷୀମାନଙ୍କୁ ସମୟୋଚିତ ପରାମର୍ଶ, ବିହନ, ଆବଶ୍ୟକ ସମ୍ବଳ ଏବଂ ଉପଯୁକ୍ତ ବିକଳ୍ପ ଯୋଗାଇ ଦିଆଯିବା ଉଚିତ ।**

କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ, ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ନିକଟରେ ଦିଲ୍ଲୀରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ, ଏଲ ନିନୋର ସମ୍ଭାବ୍ୟ ପ୍ରଭାବ, ଜଳ ଉପଲବ୍ଧତା, ବିହନ ବ୍ୟବସ୍ଥା, ଫସଲ ରଣନୀତି ଏବଂ ବିଭିନ୍ନ ରାଜ୍ୟର ପ୍ରସ୍ତୁତି ସ୍ତର ସମ୍ପର୍କରେ ଏକ ବିସ୍ତୃତ ଏବଂ ବ୍ୟାପକ ସମୀକ୍ଷା କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକରେ, ଶ୍ରୀ ସିଂହ ଚୌହାନ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ସମସ୍ତ ସମ୍ପୃକ୍ତ କେନ୍ଦ୍ରୀୟ ବିଭାଗ ଏବଂ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଗମ୍ଭୀରତା, ଉତ୍ତମ ସମନ୍ୱୟ ଏବଂ ଉପଯୁକ୍ତ ଆଗୁଆ ଯୋଜନା ସହିତ କାର୍ଯ୍ୟ କରିବା ଉଚିତ। ଉଦ୍ଦେଶ୍ୟ ହେଉଛି ଯେ ଯେକୌଣସି ପ୍ରକାରର ପ୍ରତିକୂଳ ପାଗ ପରିସ୍ଥିତିରେ ଚାଷୀମାନେ ସମୟୋଚିତ ପରାମର୍ଶ, ଉପଯୁକ୍ତ ବିହନ, ବିକଳ୍ପ ଫସଲ ସୁବିଧା, ଆର୍ଦ୍ରତା ସଂରକ୍ଷଣ ପାଇଁ ସମର୍ଥନ ଏବଂ ଉପଯୁକ୍ତ ଜଳ ପରିଚାଳନା ସହାୟତା ପାଇବେ। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ସରକାର ସମ୍ପୂର୍ଣ୍ଣ ସତର୍କତାର ସହିତ ପୂର୍ଣ୍ଣ ପ୍ରସ୍ତୁତି କରୁଛନ୍ତି, ତେଣୁ ଚାଷୀମାନେ ଆଦୌ ଭୟଭୀତ ହେବା ଆବଶ୍ୟକ ନାହିଁ। ପ୍ରଥମ ଲକ୍ଷ୍ୟ ହେଉଛି କ୍ଷେତ ଏବଂ ଚାଷୀମାନଙ୍କ ଉପରେ ଯେକୌଣସି ପାଣିପାଗ ସମ୍ପର୍କିତ ଚ୍ୟାଲେଞ୍ଜର ପ୍ରଭାବ ଯଥାସମ୍ଭବ ସର୍ବନିମ୍ନ ରହିବା ନିଶ୍ଚିତ କରିବା।

ନୂଆଦିଲ୍ଲୀର କୃଷି ଭବନରେ କୃଷି ଏବଂ କୃଷକ କଲ୍ୟାଣ ବିଭାଗ ଓ ସମସ୍ତ ସମ୍ପୃକ୍ତ ବିଭାଗ ଦ୍ୱାରା ଅନୁଷ୍ଠିତ ସମୀକ୍ଷା ବୈଠକରେ କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ଯେ କୃଷକମାନଙ୍କ ସ୍ୱାର୍ଥ ଗୁରୁତ୍ୱପୂର୍ଣ୍ଣ। ଏଲ୍ ନିନୋର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ସମସ୍ତ ଆବଶ୍ୟକ ପ୍ରସ୍ତୁତି ସମୟ ମଧ୍ୟରେ ସମାପ୍ତ କରାଯିବା ଉଚିତ। ବୈଠକରେ ପାଣିପାଗ ପୂର୍ବାନୁମାନ, ଜଳ ଉପଲବ୍ଧତା, ଫସଲର ବର୍ତ୍ତମାନର ସ୍ଥିତି, ବିହନ ଏବଂ ଅନ୍ୟାନ୍ୟ କୃଷି ସାମଗ୍ରୀର ବ୍ୟବସ୍ଥା, ରାଜ୍ୟଗୁଡ଼ିକର ପ୍ରସ୍ତୁତି ଏବଂ ଯେକୌଣସି ସମ୍ଭାବ୍ୟ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ କାର୍ଯ୍ୟ ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ବୈଠକରେ ସୂଚନା ଦିଆଯାଇଥିଲା ଯେ ଭାରତ ପାଣିପାଗ ବିଭାଗ ୨୦୨୬ ରେ ଦକ୍ଷିଣ-ପଶ୍ଚିମ ମୌସୁମୀ ସ୍ୱାଭାବିକଠାରୁ କମ୍ ହେବାର ସମ୍ଭାବନା ସୂଚାଇଛି। ଏହା ଆକଳନ କରାଯାଇଛି ଯେ ସାରା ଦେଶରେ ଋତୁକାଳୀନ ବର୍ଷା ଦୀର୍ଘକାଳୀନ ହାରାହାରି ପ୍ରାୟ ୯୦ ପ୍ରତିଶତ ହେବ। ଏହା ମଧ୍ୟ ସୂଚାଇ ଦିଆଯାଇଛି ଯେ ମୌସୁମୀ ଋତୁରେ ଏଲ୍ ନିନୋ ପରିସ୍ଥିତି ସୃଷ୍ଟି ହୋଇପାରେ। ତେଣୁ, କେନ୍ଦ୍ର ସରକାର ପୂର୍ବରୁ ଏହାର ପ୍ରସ୍ତୁତିକୁ ତୀବ୍ର କରିସାରିଛନ୍ତି ଏବଂ ସମସ୍ତ ରାଜ୍ୟକୁ ସତର୍କ ରହିବାକୁ କହିଛନ୍ତି। ଶ୍ରୀ ଚୌହାନ ସ୍ପଷ୍ଟ କରିଛନ୍ତି ଯେ ପାଣିପାଗ ପୂର୍ବାନୁମାନକୁ ସମ୍ପୂର୍ଣ୍ଣ ଗମ୍ଭୀରତାର ସହିତ ଗ୍ରହଣ କରାଯାଉଛି, କିନ୍ତୁ ଚାଷୀମାନେ ଚିନ୍ତିତ ହେବାର କୌଣସି ଆବଶ୍ୟକତା ନାହିଁ। ସେ କହିଛନ୍ତି ଯେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମନ୍ୱିତ ପ୍ରୟାସ, ଉନ୍ନତ ଜଳ ପରିଚାଳନା ପଦ୍ଧତି, ଉନ୍ନତ ପ୍ରଯୁକ୍ତିର ବ୍ୟବହାର, ଜଳସେଚନ ସୁବିଧାର ପ୍ରସାର ଏବଂ ଜଳବାୟୁ-ପ୍ରତିରୋଧୀ କୃଷି ପଦ୍ଧତି ଗ୍ରହଣ ଦ୍ୱାରା ସମ୍ଭାବ୍ୟ ଚ୍ୟାଲେଞ୍ଜର ପ୍ରଭାବକୁ ବହୁ ପରିମାଣରେ ନିୟନ୍ତ୍ରଣ କରାଯାଇପାରିବ।

ବୈଠକରେ ଉପସ୍ଥାପିତ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସକାରାତ୍ମକ ତଥ୍ୟ ହେଉଛି ଯେ ବର୍ତ୍ତମାନ ଦେଶର ଜଳଭଣ୍ଡାରଗୁଡ଼ିକରେ ଜଳସ୍ତର ଯଥେଷ୍ଟ ସନ୍ତୋଷଜନକ ଏବଂ ସାମଗ୍ରିକ ସଂରକ୍ଷଣ ସ୍ଥିତି ସାଧାରଣ ସ୍ତର ଅପେକ୍ଷା ଭଲ। ଉପଲବ୍ଧ ସର୍ବଶେଷ ମୂଲ୍ୟାଙ୍କନ ଅନୁଯାୟୀ, ଏହି ସମୟ ପାଇଁ ଜଳଭଣ୍ଡାର ସଂରକ୍ଷଣ ସାଧାରଣ ସ୍ତରର ୧୨୭.୦୧ ପ୍ରତିଶତ ରହିଛି। ଏହି ପରିସ୍ଥିତି ଖରିଫ ଋତୁରେ ଜଳସେଚନ ଆବଶ୍ୟକତା ପୂରଣ କରିବାରେ ଉଲ୍ଲେଖନୀୟ ସହାୟତା ପ୍ରଦାନ କରିବ ଏବଂ କ୍ଷେତରେ ଆର୍ଦ୍ରତା ଅଭାବର ଆଶଙ୍କାକୁ ଯଥେଷ୍ଟ ହ୍ରାସ କରିବ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ଯେ ଆମ ସମ୍ମୁଖରେ ବର୍ତ୍ତମାନ ଚ୍ୟାଲେଞ୍ଜ କେବଳ ବର୍ଷା ପୂର୍ବାନୁମାନ ସହିତ ଜଡିତ ନୁହେଁ, ବରଂ ଏହା ସହିତ ଭୂମିସ୍ତରୀୟ ପ୍ରସ୍ତୁତି ସହିତ ମଧ୍ୟ ଜଡିତ। ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ଯେଉଁ ରାଜ୍ୟ ଏବଂ ଜିଲ୍ଲାଗୁଡ଼ିକରେ କମ୍ ବର୍ଷା, ଦୀର୍ଘ ଶୁଷ୍କ କାଳୀନ ପରିସ୍ଥିତି କିମ୍ବା ଏଲ୍ ନିନୋର ଆପେକ୍ଷିକ ଭାବରେ ଅଧିକ ପ୍ରଭାବ ପଡ଼ିବାର ସମ୍ଭାବନା ଅଛି, ସେଠାରେ ବିଳମ୍ବ ନ କରି ସ୍ୱତନ୍ତ୍ର ତଦାରଖ, ନିରନ୍ତର ସମୀକ୍ଷା ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ କରାଯିବା ଉଚିତ। ସେ ଦୃଢ଼ ଭାବରେ ଗୁରୁତ୍ୱାରୋପ କରିଛନ୍ତି ଯେ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ଆକସ୍ମିକ ଯୋଜନାଗୁଡ଼ିକୁ ସକ୍ରିୟ କରାଯିବା ଉଚିତ ଏବଂ ଏହି ଯୋଜନାଗୁଡ଼ିକୁ କେବଳ କାଗଜପତ୍ର ଅଭ୍ୟାସ ଭାବରେ ବିବେଚନା କରାଯିବା ଉଚିତ ନୁହେଁ। ସ୍ଥାନୀୟ ପରିସ୍ଥିତି, ଉପଲବ୍ଧ ଜଳ ସମ୍ପଦ, ବିହନ ଉପଲବ୍ଧତା ସ୍ଥିତି, ବିହନର ଅଗ୍ରଗତି, ବର୍ଷା ବ୍ୟବଧାନ ଏବଂ ସମସ୍ତ ଜିଲ୍ଲା-ନିର୍ଦ୍ଦିଷ୍ଟ ବିପଦକୁ ସାବଧାନତାର ସହ ବିଚାର କରି ଏପରି ଯୋଜନା ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରାଯିବା ଉଚିତ। ଏହା ଚାଷୀମାନଙ୍କୁ ବ୍ୟବହାରିକ ଏବଂ ସମୟୋଚିତ ସମାଧାନ ପ୍ରଦାନ କରିବାରେ ସାହାଯ୍ୟ କରିବ।

ସରକାରଙ୍କ ମୁଖ୍ୟ ଗୁରୁତ୍ୱ କ୍ଷେତ୍ର-ନିର୍ଦ୍ଦିଷ୍ଟ ଏବଂ ଫସଲ-ନିର୍ଦ୍ଦିଷ୍ଟ ରଣନୀତି ଗ୍ରହଣ କରିବା ଉପରେ ରହିଛି। କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ଯେ ଚାଷୀମାନଙ୍କୁ ସମୟୋଚିତ ପରାମର୍ଶ, ବିହନ, ଆବଶ୍ୟକୀୟ ସମ୍ବଳ ଏବଂ ଉପଯୁକ୍ତ ବିକଳ୍ପ ଯୋଗାଇ ଦିଆଯିବା ଉଚିତ ଯାହା ଦ୍ୱାରା ଆବଶ୍ୟକ ହେଲେ, ବିକଳ୍ପ ଫସଲ, ବିଳମ୍ବରେ ବୁଣା ପାଇଁ ରଣନୀତି ଏବଂ ମରୁଡ଼ି ପ୍ରତିରୋଧୀ କିସମଗୁଡ଼ିକୁ ତୁରନ୍ତ ଏବଂ ପ୍ରଭାବଶାଳୀ ଭାବରେ ପ୍ରୋତ୍ସାହିତ କରାଯାଇପାରିବ। ବିହନ ଉପଲବ୍ଧତା ପ୍ରସଙ୍ଗରେ ବୈଠକରେ ସୂଚନା ଦିଆଯାଇଥିଲା ଯେ ଆବଶ୍ୟକତା ଅନୁସାରେ ଖରିଫ ଏବଂ ରବି ଋତୁ ପାଇଁ ବିହନର ଉପଲବ୍ଧତା ଯଥେଷ୍ଟ ରହିଛି। ଯେକୌଣସି ଜରୁରୀକାଳୀନ ପରିସ୍ଥିତି ପାଇଁ ଏକ ଜାତୀୟ ବିହନ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ପ୍ରସ୍ତୁତିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯଦି ପ୍ରତିକୂଳ ପାଗ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ପ୍ରଭାବିତ କରେ, ତେବେ ଚାଷୀମାନଙ୍କୁ ତୁରନ୍ତ ବିକଳ୍ପ ବିହନ ଏବଂ ଉପଯୁକ୍ତ କିସମ ଯୋଗାଇ ଦିଆଯାଇପାରିବ। କେନ୍ଦ୍ର ମନ୍ତ୍ରୀ ବିହନର ଗୁଣବତ୍ତା ସହିତ ଏହାର ଉପଲବ୍ଧତା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଯଦି ବିହନଗୁଡ଼ିକ ଖରାପ କିମ୍ବା ଦୁର୍ବଳ ଗୁଣବତ୍ତାର ହୋଇଥାଏ, ତେବେ କମ ବର୍ଷାର ନକାରାତ୍ମକ ପ୍ରଭାବ ଆହୁରି ଗୁରୁତର ହୋଇପାରେ। ତେଣୁ, କେବଳ ପ୍ରମାଣିତ, ଉପଯୁକ୍ତ ଏବଂ ଉପଯୋଗୀ ବିହନ ଚାଷୀଙ୍କ ପାଖରେ ପହଞ୍ଚିବା ନିଶ୍ଚିତ କରିବା ରାଜ୍ୟଗୁଡ଼ିକର ଦାୟିତ୍ୱ। ଆବଶ୍ୟକ ହେଲେ ସ୍ୱଳ୍ପ ଅବଧି ଏବଂ କମ୍ ପାଣି ଆବଶ୍ୟକ କରୁଥିବା କିସମଗୁଡ଼ିକର ବ୍ୟବସ୍ଥା ରଖିବା ଉଚିତ। କ୍ଷେତରେ ଆର୍ଦ୍ରତା ବଜାୟ ରଖିବା, ଜଳ ସଂରକ୍ଷଣ, ଜଳ ଅମଳ, କୃଷି ପୋଖରୀ ନିର୍ମାଣ, ସ୍ଥାନୀୟ ଗଠନର ସୁଦୃଢ଼ୀକରଣ ଏବଂ ସମସ୍ତ ଉପଲବ୍ଧ ସମ୍ବଳର ସର୍ବାଧିକ ବ୍ୟବହାର ପାଇଁ ତୁରନ୍ତ ପଦକ୍ଷେପ ନିଆଯିବା ଉଚିତ। ସେ ଆହୁରି କହିଛନ୍ତି ଯେ ଯଦି ବର୍ଷା ଆଶାଠାରୁ କମ୍ ହୁଏ, ତଥାପି ଆର୍ଦ୍ରତା ସଂରକ୍ଷଣ ଏବଂ ବୈଜ୍ଞାନିକ ଜଳ ପରିଚାଳନାର ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରି ଫସଲକୁ ବହୁ ପରିମାଣରେ ସଞ୍ଚୟ କରାଯାଇପାରିବ।

ଜଳଭଣ୍ଡାରରୁ ଜଳ ବ୍ୟବହାର ସମ୍ପର୍କରେ, ଶିବରାଜ ସିଂହ ଚୌହାନ କହିଛନ୍ତି ଯେ ଯେଉଁଠାରେ ପାଣି ଉପଲବ୍ଧ, ତାହାର ବ୍ୟବହାର ବୈଜ୍ଞାନିକ, ସନ୍ତୁଳିତ ଏବଂ ଉପଯୁକ୍ତ ପ୍ରାଥମିକତା ଉପରେ ଆଧାରିତ ହେବା ଉଚିତ। ସେ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ରାଜ୍ୟଗୁଡ଼ିକୁ ସ୍ପଷ୍ଟ ପରାମର୍ଶ ଦିଆଯିବା ଉଚିତ ଯେ ପାଣି ପ୍ରକୃତରେ କେନାଲ ପ୍ରଣାଳୀର ଶେଷ ଭାଗକୁ ପହଞ୍ଚୁଛି କି ନାହିଁ, କମାଣ୍ଡ ଅଞ୍ଚଳରେ ଜଳ କିପରି ବ୍ୟବହାର କରାଯାଉଛି ଏବଂ ସୀମିତ ଜଳ ଉପଲବ୍ଧତା ସତ୍ତ୍ୱେ ସର୍ବାଧିକ ସଂଖ୍ୟକ ଫସଲ ଓ ସର୍ବାଧିକ ସଂଖ୍ୟକ ଚାଷୀଙ୍କୁ କିପରି ସୁରକ୍ଷା ଦିଆଯାଇପାରିବ ତାହା ଉପରେ ଧ୍ୟାନ ପ୍ରଦାନ କରିବାର ଆବଶ୍ୟକତା ରହିଛି।(ପିଆଇବି)



# କର୍ପୋରେଟ୍‌ମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ!

**ଅସିତ ମହାନ୍ତି**

**"ଏହି ଯୁଦ୍ଧ କେବଳ ଏକ କମ୍ପାନୀର ସମ୍ପତ୍ତି ଉପରେ ନିୟନ୍ତ୍ରଣ ହାସଲ କରିବା ବିଷୟରେ ନୁହେଁ; ଏହା ଭାରତର କର୍ପୋରେଟ୍ ଜଗତର ଏକ ଧାରା ଉପରେ ଆଲୋକପାତ କରେ ଯେଉଁଠାରେ ବଡ଼ ଗୋଷ୍ଠୀଗୁଡ଼ିକ ନିରନ୍ତର ଛୋଟ ଏବଂ ଦୁର୍ବଳ ଖେଳାଳିମାନଙ୍କୁ ଘେରି ରହିଛନ୍ତି। ଏହା ପୁଞ୍ଜିବାଦର ଏକ ପ୍ରକାର ଯେଉଁଥିରେ ପ୍ରତିଯୋଗିତାର ଅର୍ଥ ସମାନ ଖେଳ କ୍ଷେତ୍ର ନୁହେଁ, ବରଂ ଶକ୍ତିଶାଳୀଙ୍କ ଦ୍ୱାରା ପ୍ରାଧାନ୍ୟ। ଆଦାନୀ ଏବଂ ବେଦାନ୍ତ ଉଭୟ ଗୋଷ୍ଠୀ ଭାରତର ଆର୍ଥିକ ନୀତି ସହିତ ଗଭୀର ଭାବରେ ଜଡିତ। ଏହି ଗୋଷ୍ଠୀଗୁଡ଼ିକ ସେମାନଙ୍କର ବିସ୍ତାରକୁ ଇନ୍ଧନ ଦେବା ପାଇଁ ସରକାରୀ ନୀତିର ଶିଥିଳତା, ବ୍ୟାଙ୍କିଂ ବ୍ୟବସ୍ଥାରୁ ବଡ଼ ଋଣର ଉପଲବ୍ଧତା ଏବଂ ରାଜନୈତିକ ଗତିଶୀଳତାକୁ ବ୍ୟବହାର କରନ୍ତି।**

ଭାରତୀୟ ଅର୍ଥନୀତିର ବର୍ତ୍ତମାନର ପର୍ଯ୍ୟାୟରେ, କର୍ପୋରେଟ୍ ପ୍ରତିଯୋଗିତା କେବଳ ବ୍ୟବସାୟିକ ପ୍ରସାରଣ ପର୍ଯ୍ୟନ୍ତ ସୀମିତ ନୁହେଁ; ଏହା ଦେଶର ଆର୍ଥିକ ନୀତି, ସମ୍ବଳ ବଣ୍ଟନ ଏବଂ ସାଧାରଣ ଲୋକଙ୍କ ଜୀବନ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଉଛି। ଜୟପ୍ରକାଶ ଆସୋସିଏଟର ଦେବାଳିଆ ସମ୍ପତ୍ତି ଅଧିଗ୍ରହଣକୁ ନେଇ ଆଦାନୀ ଗ୍ରୁପ୍ ଏବଂ ବେଦାନ୍ତ ଗ୍ରୁପ୍ ମଧ୍ୟରେ ଲଢ଼େଇ ଏହି ବ୍ୟାପକ ଦୃଶ୍ୟପଟର ଏକ ଅଂଶ। ଏହା କୌଣସି ବ୍ୟକ୍ତିଗତ ପ୍ରତିଦ୍ୱନ୍ଦ୍ୱିତା ନୁହେଁ, ବରଂ ସମ୍ବଳ ଏବଂ ସୁଯୋଗ ହାସଲ କରିବା ପାଇଁ ଦୁଇଟି ପ୍ରମୁଖ ଶିଳ୍ପ ସଂସ୍ଥା ମଧ୍ୟରେ ଏକ ପ୍ରତିଯୋଗିତା।

**ଦ୍ୱନ୍ଦ୍ୱର ପୃଷ୍ଠଭୂମି:** ଜୟପ୍ରକାଶ ଆସୋସିଏଟ୍ସ ଥରେ ଭାରତର ଭିତ୍ତିଭୂମି ଏବଂ ସିମେଣ୍ଟ କ୍ଷେତ୍ରରେ ଏକ ପ୍ରମୁଖ ନାମ ଥିଲା। ତଥାପି, ଋଣ ବୋଝ ଏବଂ ପରିଚାଳନା ବିଫଳତା ଏହାକୁ ଦେବାଳିଆ କରାଇଥିଲା। ବର୍ତ୍ତମାନ, ଏହାର ସମ୍ପତ୍ତି ସେମାନଙ୍କର ସାମ୍ରାଜ୍ୟ ବିସ୍ତାର କରିବାକୁ ଚାହୁଁଥିବା କର୍ପୋରେସନଗୁଡ଼ିକ ପାଇଁ ଏକ ଚୁମ୍ବକ। ଶକ୍ତି, ଭିତ୍ତିଭୂମି ଏବଂ ସମ୍ବଳ କ୍ଷେତ୍ରରେ ଦ୍ରୁତ ଗତିରେ ବିସ୍ତାର କରୁଥିବା ଆଦାନୀ ଗ୍ରୁପ୍ ଏବଂ ଖଣି ଏବଂ ଧାତୁ ଶିଳ୍ପରେ ଏକ ବିଶାଳ ବେଦାନ୍ତ ଗ୍ରୁପ୍, ଉଭୟ ଏହି ସୁଯୋଗକୁ ନିଜ ନିଜ ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଦେଖନ୍ତି।

**ବିବାଦର ମୂଳ:** ଜୟପି ଗ୍ରୁପ୍ ର ସମ୍ପତ୍ତି ପାଇଁ ଯୁଦ୍ଧ - ଆଦାନୀ ଏବଂ ବେଦାନ୍ତ ସମସ୍ୟାଗ୍ରସ୍ତ କମ୍ପାନୀ ଜୟପ୍ରକାଶ ଆସୋସିଏଟ୍ସକୁ ଅଧିଗ୍ରହଣ କରିବା ପାଇଁ ପ୍ରତିଯୋଗିତା କରୁଥିଲେ। **ବିଡିଂ ଗଣିତ:** ବେଦାନ୍ତର ବିଡ୍ ୧୭,୦୦୦ କୋଟିରୁ ଅଧିକ ଥିଲା, ଯେତେବେଳେ ଆଦାନୀ ଗ୍ରୁପ୍ ୧୪,୫୩୫ କୋଟି ବିଡ୍ କରିଥିଲା। ରାୟ: ଋଣଦାତା ଏବଂ ଆଦାନୀର ଯୋଜନାକୁ ମଞ୍ଜୁର କରିଛନ୍ତି, କାରଣ ଆଦାନୀର ଦେୟ ଶୀଘ୍ର ଆଶା କରାଯାଉଥିଲା ଏବଂ କାର୍ଯ୍ୟାନ୍ୱୟନରେ ଅଧିକ ନିଶ୍ଚିତତା ଥିଲା। ଆଇନଗତ ଯୁଦ୍ଧ (ସୁପ୍ରିମ କୋର୍ଟ) - ବେଦାନ୍ତ ଏହାର ଅଧିକ ବିଡ୍ ବାଇପାସ୍ ହେବା ଉପରେ ଆପତ୍ତି କରିଥିଲା। ମାମଲା ପ୍ରଥମେ ଏନସିଏଲଏଟି ଏବଂ ପରେ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ବେଦାନ୍ତ ଆଦାନୀଙ୍କ ସମାଧାନ ଯୋଜନା ଉପରେ ସ୍ଥଗିତାଦେଶ ମାଗିଛି। ନୂତନ ମୋଡ଼: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପ୍ରବେଶ କରିଛି - ସୁପ୍ରିମକୋର୍ଟରେ ବିବାଦର ମାତ୍ର ସପ୍ତାହ ପରେ, ଇଡି ବିଦେଶୀ ମୁଦ୍ରା ପରିଚାଳନା ଆଇନ ଉଲ୍ଲଂଘନ ପାଇଁ ଅନେକ ବେଦାନ୍ତ ଗ୍ରୁପ୍ ପରିସରରେ ଚଢାଉ କରିଥିଲା। ଏହି ସମୟ କର୍ପୋରେଟ୍ ନିବେଶକ ଏବଂ ଷ୍ଟକ୍ ମାର୍କେଟ୍ ନିବେଶକଙ୍କ ମଧ୍ୟରେ ଅନୁମାନକୁ ଖୋରାକ ଯୋଗାଇଛି ଯେ ଏହା ଏକ ରଣନୈତିକ ପଦକ୍ଷେପ ହୋଇପାରେ।

**ପ୍ରତିଯୋଗିତାର ପ୍ରକୃତ ଅର୍ଥ:** ଏହି ଯୁଦ୍ଧ କେବଳ ଏକ କମ୍ପାନୀର ସମ୍ପତ୍ତି ଉପରେ ନିୟନ୍ତ୍ରଣ ହାସଲ କରିବା ବିଷୟରେ ନୁହେଁ; ଏହା ଭାରତର କର୍ପୋରେଟ୍ ଜଗତର ଏକ ଧାରା ଉପରେ ଆଲୋକପାତ କରେ ଯେଉଁଠାରେ ବଡ଼ ଗୋଷ୍ଠୀଗୁଡ଼ିକ ନିରନ୍ତର ଛୋଟ ଏବଂ ଦୁର୍ବଳ ଖେଳାଳିମାନଙ୍କୁ ଘେରି ରହିଛନ୍ତି। ଏହା ପୁଞ୍ଜିବାଦର ଏକ ପ୍ରକାର ଯେଉଁଥିରେ ପ୍ରତିଯୋଗିତାର ଅର୍ଥ ସମାନ ଖେଳ କ୍ଷେତ୍ର ନୁହେଁ, ବରଂ ଶକ୍ତିଶାଳୀଙ୍କ ଦ୍ୱାରା ପ୍ରାଧାନ୍ୟ। ଆଦାନୀ ଏବଂ ବେଦାନ୍ତ ଉଭୟ ଗୋଷ୍ଠୀ ଭାରତର ଆର୍ଥିକ ନୀତି ସହିତ ଗଭୀର ଭାବରେ ଜଡିତ। ଏହି ଗୋଷ୍ଠୀଗୁଡ଼ିକ ସେମାନଙ୍କର ବିସ୍ତାରକୁ ଇନ୍ଧନ ଦେବା ପାଇଁ ସରକାରୀ ନୀତିର ଶିଥିଳତା, ବ୍ୟାଙ୍କିଂ ବ୍ୟବସ୍ଥାରୁ ବଡ଼ ଋଣର ଉପଲବ୍ଧତା ଏବଂ ରାଜନୈତିକ ଗତିଶୀଳତାକୁ ବ୍ୟବହାର କରନ୍ତି। ତେଣୁ, ଯେତେବେଳେ ଦୁଇଟି ମହାନ କମ୍ପାନୀ ମୁହାଁମୁହିଁ ହୁଅନ୍ତି, ଏହା କେବଳ ଏକ ବ୍ୟବସାୟିକ ସଂଘର୍ଷ ନୁହେଁ, ବରଂ ଦେଶର ଅର୍ଥନୈତିକ ଦିଗକୁ ମଧ୍ୟ ସୂଚିତ କରେ।

**ସମ୍ଭାବ୍ୟ ଫଳାଫଳ:** ଏହି ସଂଘର୍ଷର ପରିଣାମ ବିଭିନ୍ନ ସ୍ତରରେ ଦେଖାଯାଇପାରେ। ପ୍ରଥମତଃ, କର୍ପୋରେଟ୍ ଶକ୍ତିର କେନ୍ଦ୍ରୀକରଣ ତ୍ୱରାନ୍ୱିତ ହେବ। ଏହି ଅଧିଗ୍ରହଣରେ ଯେଉଁ ଗୋଷ୍ଠୀ ସଫଳ ହେବ, ସେ ତାହାର କ୍ଷେତ୍ରରେ ଆହୁରି ଅଧିକ ପ୍ରାଧାନ୍ୟ ସ୍ଥାପନ କରିବ। ଏହା ପ୍ରତିଯୋଗିତା ହ୍ରାସ କରିବ ଏବଂ ଛୋଟ ବ୍ୟବସାୟ ପାଇଁ ସୁଯୋଗକୁ ଆହୁରି ହ୍ରାସ କରିବ। ଦ୍ୱିତୀୟତଃ, ବ୍ୟାଙ୍କିଂ ଏବଂ ଆର୍ଥିକ ପ୍ରତିଷ୍ଠାନ ଉପରେ ଚାପ ବୃଦ୍ଧି ପାଇବ। ଦେବାଳିଆ କମ୍ପାନୀଗୁଡ଼ିକରୁ ସମ୍ପତ୍ତି ଅଧିଗ୍ରହଣରେ ବ୍ୟାଙ୍କଗୁଡ଼ିକର ଟଙ୍କା ପ୍ରାୟତଃ ବାଜିରେ ଥାଏ। ଯଦି କାରବାରରେ ସ୍ୱଚ୍ଛତାର ଅଭାବ ଥାଏ, ତେବେ ଏହା ଆର୍ଥିକ ସ୍ଥିରତାକୁ ପ୍ରଭାବିତ କରିପାରେ। ତୃତୀୟତଃ, ନୀତିଗତ ପକ୍ଷପାତର ଆଶଙ୍କା ବୃଦ୍ଧି ପାଇବ। ଯେତେବେଳେ ବଡ଼ ନିଗମଗୁଡ଼ିକର ସରକାରଙ୍କ ସହିତ ଘନିଷ୍ଠ ସମ୍ପର୍କ ଥାଏ, ନୀତି ନିର୍ଦ୍ଧାରଣରେ ସେମାନଙ୍କର ପ୍ରଭାବ ବୃଦ୍ଧି ପାଏ। ଏହା ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଅବହେଳା କରେ ଏବଂ ବିକାଶ ମଡେଲ କେବଳ କର୍ପୋରେଟ୍ ଲାଭ ପର୍ଯ୍ୟନ୍ତ ସୀମିତ ହୋଇଯାଏ। ଚତୁର୍ଥ, ନିଯୁକ୍ତି ଏବଂ ସ୍ଥାନୀୟ ଅର୍ଥନୀତି ପ୍ରଭାବିତ ହେବ। ଅଧିଗ୍ରହଣ ପରେ, ନୂତନ ମାଲିକମାନେ ନିଜସ୍ୱ ରଣନୀତି ଅନୁଯାୟୀ କାର୍ଯ୍ୟ କରିବେ। ଏହା କିଛି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବୃଦ୍ଧି କରିପାରେ, କିନ୍ତୁ କେତେକ ସମୟରେ ଖର୍ଚ୍ଚ ହ୍ରାସ କରିବା ପାଇଁ କର୍ମଚାରୀମାନଙ୍କୁ ଛଟେଇ କରିବାକୁ ପଡ଼ିପାରେ।

ପୁଞ୍ଜିପତିମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱର ପରିଣାମ - ପୁଞ୍ଜିପତିମାନଙ୍କ ମଧ୍ୟରେ ଏପରି ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ଶେଷରେ ସାଧାରଣ ଜନତାଙ୍କ ଲାଭ କରେ ନାହିଁ। ଏହି ଦ୍ୱନ୍ଦ୍ୱ ସାଧାରଣ ଅଧିକାର ଏବଂ ସମ୍ବଳର ମୂଲ୍ୟରେ ଘଟେ। ଯେତେବେଳେ ଦୁଇଟି ବଡ଼ କର୍ପୋରେସନ୍ ଏକ ସମ୍ପତ୍ତିର ନିୟନ୍ତ୍ରଣ ପାଇଁ ଲଢ଼ନ୍ତି, ସେତେବେଳେ ପ୍ରକୃତ ପ୍ରଶ୍ନ ହେବା ଉଚିତ ଯେ ସେହି ସମ୍ପତ୍ତିକୁ ସାମାଜିକ ଲାଭ ପାଇଁ କିପରି ବ୍ୟବହାର କରାଯିବ। କିନ୍ତୁ ବାସ୍ତବତା ହେଉଛି ଯେ ଏହି ବ୍ୟବହାର କେବଳ ଲାଭ ପାଇଁ। ଭାରତ ଭଳି ଦେଶରେ, ଯେଉଁଠାରେ ଲକ୍ଷ ଲକ୍ଷ ଲୋକ ନିଯୁକ୍ତି ଏବଂ ମୌଳିକ ସୁବିଧା ପାଇଁ ସଂଘର୍ଷ କରନ୍ତି, ଏହି କର୍ପୋରେଟ୍ ଯୁଦ୍ଧ କେବଳ ସେମାନଙ୍କର ସାମ୍ରାଜ୍ୟ ବିସ୍ତାର କରିବାର ଏକ ମାଧ୍ୟମ। ଜନସାଧାରଣ ଏଥିରୁ ସିଧାସଳଖ ଲାଭ ପାଆନ୍ତି ନାହିଁ, କିନ୍ତୁ ପ୍ରାୟତଃ କ୍ଷତି ସହନ୍ତି - ମୁଦ୍ରାସ୍ଫୀତି ବୃଦ୍ଧି ପାଏ, ସମ୍ବଳ ଅସମାନ ଭାବରେ ବଣ୍ଟନ କରାଯାଏ ଏବଂ ନୀତିଗୁଡ଼ିକ ସାଧାରଣ ଲୋକଙ୍କ ଠାରୁ କ୍ରମଶଃ ଦୂରେଇ ଯାଏ। ଜୟପ୍ରକାଶ ଆସୋସିଏଟ୍ସର ସମ୍ପତ୍ତିକୁ ନେଇ ଆଦାନୀ ଏବଂ ବେଦାନ୍ତ ମଧ୍ୟରେ ଏହି ଯୁଦ୍ଧ ଭାରତୀୟ ପୁଞ୍ଜିବାଦର ଏକ ସତ୍ୟ ଚିତ୍ର। ଏହା ଦର୍ଶାଉଛି ଯେ କର୍ପୋରେସନଗୁଡ଼ିକ ମଧ୍ୟରେ ଆଭ୍ୟନ୍ତରୀଣ ସଂଘର୍ଷ ଶେଷରେ କ୍ଷମତାର କେନ୍ଦ୍ରୀକରଣ, ନୀତିଗତ ପକ୍ଷପାତ ଏବଂ ସାଧାରଣ ସ୍ୱାର୍ଥର ଅବହେଳାର ପରିଣାମ ସ୍ୱରୂପ ହୁଏ।

ଏହି ସଂଘର୍ଷ ଆମକୁ ବିଚାର କରିବାକୁ ବାଧ କରେ ଯେ ବିକାଶର ଅର୍ଥ କେବଳ ବଡ଼ ଘରଗୁଡ଼ିକର ପ୍ରସାରଣ, ନା ଏହା ଲୋକଙ୍କ ଜୀବନଧାରଣ ମାନକୁ ମଧ୍ୟ ଉନ୍ନତ କରିବା ଉଚିତ। ଯଦି ବିକାଶ ମଡେଲ ଲୋକ-କୈନ୍ଦ୍ରିକ ନହୁଏ, ତେବେ କର୍ପୋରେସନଗୁଡ଼ିକ ମଧ୍ୟରେ ଏହି ପ୍ରତିଯୋଗିତା କେବଳ ସେମାନଙ୍କୁ ଲାଭ ଦେବ, ଯେତେବେଳେ ସାଧାରଣ ଲୋକମାନେ ଏହାର ବୋଝ ତଳେ କଷ୍ଟ ଭୋଗିବେ।

ବାସ୍ତବରେ ଯେତେବେଳେ ପୁଞ୍ଜିପତି ମାନଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଯେତେ ପ୍ରଖର ହେବ , ସେତେ ସାଧାରଣ ଜନତାଙ୍କ ଜୀବନରେ ଦୁଃଖ -କଷ୍ଟ ଏବଂ ଯାତନାର ଗତି ବୃଦ୍ଧି ପାଇବା । କାରଣ ଅନ୍ତର୍ଦ୍ୱନ୍ଦ୍ୱ ଅଧିକ ମୁନାଫା , ଅର୍ଥାତ ଲାଭ ବା ସୁପର ପ୍ରଫିଟ ପାଇବାର ଏକ ଯୁଦ୍ଧ । ଯେଉଁ ଘରୋଇ କମ୍ପାନୀ ଯେତେ ଲାଭ କମାଇଥାଏ ତାହାର ସମ୍ପର୍କ ଶ୍ରମିକ ଶୋଷଣ ସହିତ ଜଡିତ ଥାଏ । ଅଧିକ ଲାଭ - ଅର୍ଥାତ ଅଧିକ ଶୋଷଣ । ଏହି ଶୋଷଣ ଆଧାରରେ ପୁଞ୍ଜିପତି ଶ୍ରେଣୀ ନିଜର ପୁଞ୍ଜିକୁ କେବଳ ନିଜ ଦେଶରେ ବିନିଯୋଗ କରନ୍ତି ନାହିଁ ବରଂ ନିଜ ଦେଶ ବାହାରେ ଅର୍ଥାତ ବିଦେଶରେ ବିନିଯୋଗ କରିଥାଏ । ଅର୍ଥାତ ଦେଶୀ ପୁଞ୍ଜିପତିର ଚରିତ୍ର ରାଷ୍ଟ୍ରୀୟ ନ ରହି ଅନ୍ତରାଷ୍ଟ୍ରୀୟରେ ପରିଣତ ହୋଇଥାଏ । ସମ୍ପୂର୍ଣ୍ଣ ଭାବରେ କହିବାକୁ ଗଲେ ଏହି ପୁଞ୍ଜିପତି ଶ୍ରେଣୀ କେବଳ ନିଜ ଦେଶର ଶ୍ରମିକ ଶ୍ରମିକ କୁ ଶୋଷଣ କରେ ନାହିଁ ବରଂ ବିଦେଶର ଶ୍ରମିକ ଶ୍ରେଣୀ ର ଶ୍ରମକୁ ଶୋଷଣ କରିଥାଏ । ଏହି ପ୍ରକ୍ରିୟା ଯେତେ ତୀବ୍ରତର ହେବ ସେତିକି ତୀବ୍ରତର ଶ୍ରମିକ ଶ୍ରେଣୀର ଜୀବନର ମାନ ତଳକୁ ଯିବ। ଏହା ହେଉଛି ପୁଞ୍ଜିବାଦୀ ମାଲିକ ଶ୍ରେଣୀର ସତ୍ୟତା ।

ମୋ- ୯୪୩୭୨୮୮୦୨୮

## ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ ପ୍ରତିବାଦ ଶୋଭାଯାତ୍ରା

ଆସିକା,୮ ।୬ (ନିପ୍ର): ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ନାରୀ ଅଧିକାର ଅଭିଯାନ ପ୍ରତିବାଦ ସଭା ଗହଂଗୁ ଗ୍ରାମର ଆଳୀୟ ସମାଜ ତୋଟା ଶିବ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟକ ମଞ୍ଜୁଳା ସ୍ୱାଇଁ, ବିଜେଡି ର ସାଂସଦ ପାର୍ଥି ରଂଜିତା ସାହୁ,ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳାଇ, ପୂର୍ବତନ ବିଜେଡି ଜିଲ୍ଲା ସଭାପତି ସୁବାସ ମହାରଣା,ନଗର ମହିଳା ସଭାପତି ରଶ୍ମିତା ସେନାପତିଙ୍କ ସଭାପତିତ୍ୱ ରେ ବ୍ଲକ ସଭାପତି ବିଦ୍ୟାନ୍ତ ଚର୍ଚ୍ଚି, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ଗଞ୍ଜାମ ଜିଲ୍ଲା ବିଜୁ ଯୁବ ଜନତା ଦଳର ସଭାପତି ନଚିକେତା ସ୍ୱାଇଁ, ହରିଡ଼ାପଦର ସରପଞ୍ଚ ଜୟନ୍ତୀ ବେହେରା, ମନୋଜ କୁମାର ପରିଡା, ସମିତି ସଭ୍ୟ ରୁନୁ ବାଳା ସାହୁ, ଅନିଲ ନାହାକ, ରବୀନ୍ଦ୍ର ସାମଲ, ଭବାନୀ ଶଙ୍କର ମଲ୍ଲିକ, ଜୟସେନ ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ମନୋଜ କୁମାର ଦୋରା,ସନ୍ତୋଷ ନାହାକ, ଗୌରହରି ବେହେରା,ସମିତି ସଭ୍ୟ ତ୍ରିନାଥ ବେହେରା,ଅମିତ



ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ରାଜ୍ୟରେ ଭାଜପା ସରକାର ଆସିଲା ପରଠାରୁ ଓଡିଶା ରେ ତଥା ଗଞ୍ଜାମ ଜିଲ୍ଲା ରେ ନାରୀ ନିର୍ଯ୍ୟାତନା, ବଳତ୍କାର, ଯୌନ ଶୋଷଣ, ନାରୀ ମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି । ଆସିକା ନିର୍ବାଚନ ମଣ୍ଡଳୀର ଗହଙ୍ଗୁ ଶିବ ମନ୍ଦିର ଠାରୁ ବିଜେଡି ଦଳ ପକ୍ଷରୁ ନାରି ଆଭିଯାନ ରାଲି ଅନୁଷ୍ଠିତ ହୋଇଛି । ଶହ ଶହ ମହିଳା , ସରପଞ୍ଚ ଓ ନେତୃ ସ୍ଥାନୀୟ ମହିଳା ଓ ଯୁବ ଛାତ୍ର ଛାତ୍ରୀ ଓ ବିଜୁ ପ୍ରେମୀ ଏକତ୍ରିତ ହୋଇ ଏକ ରାଲିରେ ସାମିଲ ହୋଇଥିଲେ । ନାରୀ ଅଧିକାର ପାଇଁ ନାନା ସ୍ଲୋଗାନ ଦେବା ସହ ଏହି ବିଲ ପାରିତ ନ କରିବା ପାଇଁ ବିଜେପି ସରକାର କୁଚକ୍ରାନ୍ତ କରିଛି ବୋଲି ସିଧାସଳଖ ଆରୋପ କରିଛି ବିଜେଡି । ଆଜି ଏହି ସମ୍ମିଳନୀ ପାଖାପାଖି ଏକ ହଜାର ଲୋକ ଉପସ୍ଥିତ ରହିଥିଲେ ।

## କର୍ମଚାରୀ ଅଭାବରୁ 'ଗାଁକୁ ଫେରିବ ତହସିଲ' ଭାପୁର ବ୍ଲକରେ ଧୂଆଁବାଣ

ଭାପୁର,୮ ।୬ (ନିପ୍ର); ରାଜ୍ୟ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ଗାଁକୁ ଫେରିବ ତହସିଲ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଧୂଆଁବାଣ ସଦୃଶ୍ୟ ହୋଇଛି । ଏହି କାର୍ଯ୍ୟକ୍ରମର ସୁଫଳ ଭାପୁର ତହସିଲ ଅନ୍ତର୍ଗତ ଜନସାଧାରଣ ପାଉନଥିବାରୁ ଅସନ୍ତୋଷ ଦେଖାଦେଇଛି ପରନ୍ତୁ, ଜମିଜମା ସଂକ୍ରାନ୍ତୀୟ ବିଭିନ୍ନ ସମସ୍ୟା ଗୁଡିକର ସମାଧାନ ପାଇଁ ଜନସାଧାରଣ ଭାପୁର ତହସିଲ କାର୍ଯ୍ୟାଳୟକୁ ଧାଇଁଧାଇଁ ନୟାନ୍ତ ହେଉଛନ୍ତି ପଛେ ମାସମାସ ଧରି କାର୍ଯ୍ୟ ସମାଧାନ ହୋଇପାରୁନାହିଁ । ଭାପୁର ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ଅଭାବରୁ ଜନସାଧାରଣଙ୍କ ନିଜର ମୌଳିକ ସମସ୍ୟା ସମାଧାନ ପାଇଁ ବିଳମ୍ବ ହେଉଥିବା ଜଣାପଡିଛି ଫଳରେ, ସେମାନଙ୍କ ସମସ୍ୟା ଗୁଡିକ ଦିନ ପରେ ଦିନ ଗଡି ଚାଲିଛି ।ଜନସାଧାରଣ ୭୦୦/୮୦୦ ଟଙ୍କା ଦାଖଲ କରି ତହସିଲ ପୋର୍ଟାଲ ରେ ସମସ୍ୟା ସମାଧାନ ପାଇଁ ଆବେଦନ କରିଲେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ । ଲୋକଙ୍କ କାର୍ଯ୍ୟ କୁ ତ୍ୱରାନ୍ୱିତ କରିବା ପାଇଁ କର୍ମଚାରୀ ନ ଥିବାରୁ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଭଳି କି କର୍ମଚାରୀମାନେ ତହସିଲ କାର୍ଯ୍ୟାଳୟକୁ ଜନସାଧାରଣ ମାନଙ୍କୁ ନ ଆସିବା ପାଇଁ ବାରଣ କରୁଥିବା ନଜିର ରହିଛି ।ଇତିମଧ୍ୟରେ, ହେଡ଼କ୍ଲର୍କଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିବାରୁ ଭାପୁର ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି ତେଣୁ,ରାଜ୍ୟ ସରକାର ଭାପୁର ତହସିଲ ରେ ପୂର୍ଣ୍ଣମାତ୍ରାରେ କର୍ମଚାରୀ ରଖିବାକୁ ସାଧାରଣରେ ଦାବି ହୋଇଛି ।

## ବାଲସି ଗ୍ରାମ ହେଲା ମଦମୁକ୍ତ

### ଯୁବପିଢ଼ିଙ୍କ ମଧ୍ୟରେ ଦେଖାଦେଲା ସକାରାତ୍ମକ ପରିବର୍ତ୍ତନ

କେସିଙ୍ଗା,୮ ।୬ (ନିପ୍ର): କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଗ୍ରାମ ମଦମୁକ୍ତ ହେବା ପରେ ଗ୍ରାମର ସାମାଜିକ ପରିବେଶରେ ଲକ୍ଷଣୀୟ ସୁଧାର ଦେଖିବାକୁ ମିଳିଛି । ବିଶେଷକରି ଯୁବପିଢ଼ି ଓ ମଦ୍ୟପାନ କରୁଥିବା ବ୍ୟକ୍ତିମାନଙ୍କ ଆଚରଣରେ ପରିବର୍ତ୍ତନ ଆସିଥିବାରୁ ଗ୍ରାମବାସୀମାନେ ଖୁସି ପ୍ରକାଶ କରିଛନ୍ତି । ପୂର୍ବରୁ ଗ୍ରାମର କିଛି ଯୁବକ ଅତ୍ୟଧିକ ମଦ୍ୟପାନ କରି ରାତି ବେଳେ ରାସ୍ତାଘାଟରେ ବୁଲାବୁଲି କରୁଥିଲେ । ଅନେକ ସମୟରେ ସେମାନେ ରାତି ୧୨ଟାରୁ ୧ଟା ପର୍ଯ୍ୟନ୍ତ ଉଚ୍ଚ ସ୍ୱରରେ ପାଟିତୁଣ୍ଡ କରି ଗ୍ରାମର ଶାନ୍ତି ଓ ଶୃଙ୍ଖଳାକୁ ବ୍ୟାହତ କରୁଥିଲେ । ଏହା ଫଳରେ ବୃଦ୍ଧ, ମହିଳା ଓ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଅନେକ ପରିବାରରେ ଅଶାନ୍ତି ସୃଷ୍ଟି ହେଉଥିବା ସହ ଯୁବପିଢ଼ିଙ୍କ ଭବିଷ୍ୟତ ନେଇ ଅଭିଭାବକମାନେ ଚିନ୍ତିତ ଥିଲେ । ତେବେ ଗ୍ରାମବାସୀ, ସଚେତନ ନାଗରିକ ଯୁବ ସଂଗଠନମାନଙ୍କ ମିଳିତ ପ୍ରୟାସରେ ବାଲସି ଗ୍ରାମକୁ ମଦମୁକ୍ତ କରିବା ଦିଗରେ ପଦକ୍ଷେପ ନିଆଯାଇଥିଲା । ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ, ବୈଠକ ଓ ପରାମର୍ଶ ଶିବିର ଆୟୋଜନ କରାଯାଇ ମଦ୍ୟପାନର କୁପ୍ରଭାବ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା । ଏହାର ସକାରାତ୍ମକ ପ୍ରଭାବ ଧୀରେ ଧୀରେ ଦେଖିବାକୁ ମିଳିଥିଲା । ବର୍ତ୍ତମାନ ଗ୍ରାମରେ ମଦ୍ୟପାନ ଉପରେ ଅନେକାଂଶରେ ନିୟନ୍ତ୍ରଣ ଆସିଥିବାରୁ ଯୁବକମାନଙ୍କ ମଧ୍ୟରେ ଶୃଙ୍ଖଳା ଓ ଦାୟିତ୍ୱବୋଧ ବୃଦ୍ଧି ପାଇଛି । ପୂର୍ବରୁ ବେଲଗାମ ଭାବରେ ଚଳାଚଳ କରୁଥିବା ଅନେକ ଯୁବକ ବର୍ତ୍ତମାନ ନିଜ ଶିକ୍ଷା, କାର୍ଯ୍ୟ ଓ ସାମାଜିକ କାର୍ଯ୍ୟକଳାପ ଉପରେ ଧ୍ୟାନ ଦେଉଛନ୍ତି । ରାତ୍ରି ସମୟରେ ଗ୍ରାମର ପରିବେଶ ଶାନ୍ତ ଓ ସୁରକ୍ଷିତ ହୋଇପାରିଛି । ଗ୍ରାମର ବରିଷ୍ଠ ବ୍ୟକ୍ତିମାନଙ୍କ କହିବା ଅନୁଯାୟୀ, ମଦମୁକ୍ତ ଅଭିଯାନ ଫଳରେ ପରିବାରିକ କଳହ କମିଛି ଏବଂ ସାମାଜିକ ସମ୍ପ୍ରୀତି ବୃଦ୍ଧି ପାଇଛି । ମହିଳାମାନେ ମଧ୍ୟ ଏହି ପଦକ୍ଷେପକୁ ସ୍ୱାଗତ କରି ଏହାକୁ ଗ୍ରାମର ବିକାଶ ଓ ସୁସ୍ଥ ସମାଜ ଗଠନ ପାଇଁ ଏକ ଉଦାହରଣ ବୋଲି କହିଛନ୍ତି । ବାଲସି ଗ୍ରାମର ଏହି ସଫଳ ପ୍ରୟାସ ଅନ୍ୟ ଗ୍ରାମମାନଙ୍କ ପାଇଁ ମଧ୍ୟ ପ୍ରେରଣାଦାୟକ ହୋଇପାରେ । ସମସ୍ତଙ୍କ ସହଯୋଗ ଓ ସଚେତନତା ଦ୍ୱାରା ଏକ ସୁସ୍ଥ, ଶୃଙ୍ଖଳିତ ଓ ନିଶାମୁକ୍ତ ସମାଜ ଗଠନ ସମ୍ଭବ ବୋଲି ବାଲସି ଗ୍ରାମ ପ୍ରମାଣ କରିଛି ।

## ଚିତ୍ରକୂଟ ଏକାଡେମୀର ସ୍ୱତନ୍ତ୍ର ଉତ୍ସବ

### ବିଶିଷ୍ଟ ବ୍ୟକ୍ତିତ୍ୱ ଓ କୃତୀ ଛାତ୍ର ସମ୍ବର୍ଦ୍ଧିତ

ନିରାକାରପୁର,୮ ।୬ (ନିପ୍ର): ଖୋର୍ଦ୍ଧା ଜିଲ୍ଲା କାଶୀପୁର ଚିତ୍ରକୂଟ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ପ୍ରସିଦ୍ଧ ମା' ଭୈରବୀ ପୀଠ ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିତ୍ୱ ଏବଂ ପ୍ରତିଭାବାନ କୃତୀ ଛାତ୍ରଙ୍କୁ ଚିତ୍ରକୂଟ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଅନୁଷ୍ଠିତ ସଭାରେ ଅନୁଷ୍ଠାନର ଶୁଭେଚ୍ଛୁ ନିରଞ୍ଜନ ଦଳେଇ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ୱାର୍ଡ ମେମ୍ବର ନକୁଳ ସାହୁ ଏବଂ ବିଶିଷ୍ଟ ଶିକ୍ଷକ ପତିତ ପାବନ ବଳିଆରସିଂ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ କୈଳାଶ ଦଳେଇ ମଧ୍ୟ ଏହି ଅବସରରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।ଏହି ସ୍ୱତନ୍ତ୍ର ଅବସରରେ ସାମାଜିକ ସଂଗଠନ 'ସହଯୋଗ'ର ଆବାହକ ତଥା ଜଣାଶୁଣା ଯୁବ ସମାଜସେବୀ ହିମାଂଶୁ ଭୂଷଣ ଚମ୍ପତିରାୟଙ୍କୁ ତାଙ୍କର ନିରଳସ ସମାଜସେବା ଓ ଜନହିତକର କାର୍ଯ୍ୟ ପାଇଁ ଅନୁଷ୍ଠାନ ପକ୍ଷରୁ ସମ୍ମାନଜନକ 'ମାନପତ୍ର' ଓ ଉପାୟନ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ତାଙ୍କ ସହିତ ନବୋଦୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରୀକ୍ଷାରେ ଟପ୍ପର ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଥିବା କୃତୀ ଛାତ୍ର ସାଇ ପ୍ରତ୍ୟୁଷ ବେହେରାଙ୍କୁ ତାଙ୍କର ଅସାଧାରଣ ସାଫଲ୍ୟ ପାଇଁ ଏବଂ ଶିକ୍ଷକତା କ୍ଷେତ୍ରରୁ ଅବସର ନେଇଥିବା ପ୍ରିୟ ଶିକ୍ଷୟିତ୍ରୀ ସୋନୁପ୍ରିୟା ପେଣ୍ଡୋଇଙ୍କୁ ତାଙ୍କର ଶିକ୍ଷାଦାନ ଓ ସେବା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇବେଳେ ପ୍ରତିଷ୍ଠାତା ସଦସ୍ୟ ଦୋଳଗୋବିନ୍ଦ ପ୍ରଧାନ ଓ ଶ୍ରୀକାନ୍ତ ନାୟକ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ ।

# କଲ୍ୟାଣୀ ଚେକଡ୍ୟାମ ୧୦ ବର୍ଷ ବିତିଲା : ନିର୍ମାଣ ହେଉନି କେନାଲ

## କ୍ଷେତକୁ ପହଞ୍ଚି ପାରୁନି ପାଣି, ଅମଳ ହେଉନି ଆଶାନୁରୂପ ଫସଲ

ରାୟଗଡା-୮/୬(ନି:ପ୍ର): ଚାଷୀ ହତାଶ । ଜମିକୁ ମିଳୁନି ପାଣି ।ରାଜ୍ୟ ସରକାର ଚାଷୀଙ୍କ ଜମିକୁ ସୁବିଧାରେ ଜଳ ଯୋଗାଣ କରିବା ପାଇଁ ୧୦ ବର୍ଷ ପୂର୍ବେ କଳାହାଣ୍ଡି ଏବଂ ରାୟଗଡା ସୀମାନ୍ତରେ କଲ୍ୟାଣୀ ଚେକ ଡ୍ୟାମ ନିର୍ମାଣ କରିଥିବା ଅଞ୍ଚଳର ଚାଷୀମାନେ କହୁଥିବା ବେଳେ କେନାଲ କିନ୍ତୁ ନିର୍ମାଣ ହେଇପାରୁନାହିଁ ବୋଲି ଚାଷୀ ସମୁଦାୟ କ୍ଷୋଭର ସହ କହିଛନ୍ତି । କେନାଲ ଯୋଗେ ପାଣି ଜମିକୁ ପହଞ୍ଚିପାରୁ ନଥିବାରୁ ଫସଲ ହାନି ହେବା ସହ ଆମ ସଂସାର ଚଳେଇବା କଷ୍ଟସାଧ ହେଇଯାଉଛି । କାରଣ ଅମଳ ହ୍ରାସ ହେବା ଯୋଗୁଁ ଉପାର୍ଜନ କ୍ଷମତା କମୁଛି । କେନାଲ ନିର୍ମାଣ କରାଯାଉନଥିବାରୁ ଚାଷୀ ପ୍ରବୃଧ କ୍ଷତି ସହିବାରେ ଲାଗିଛନ୍ତି । ଏକ ଦଶନ୍ଧି ବିତିଗଲା ପରେ ମଧ୍ୟ ସମ୍ପୃକ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁନି । କଳାହାଣ୍ଡି ଜିଲ୍ଲାର ବିଜାପୁର ପଞ୍ଚାୟତ ସ୍ଥିତ କାଳକୂପା ସମୀପବର୍ତ୍ତୀ ସ୍ଥାନରେ ଦୁଇ କୋଟି ଟଙ୍କା ବ୍ୟୟରେ ୨୦୧୪ ମସିହାରେ ରାୟଗଡା କ୍ଷୁଦ୍ର ଜଳସେଚନ ବିଭାଗ ନିର୍ମାଣ କରାଯାଇଥିଲା । ଗତ ସାଧାରଣ ନିର୍ବାଚନ ଆଗରୁ କେନାଲ ନିର୍ମାଣ କାର୍ଯ୍ୟ କରିବା ପାଇଁ ସରକାର ଗତ ୨୪ ମସିହା ଜାନୁଆରୀ ମାସରେ ରଖି ଆଭାସୀ ମାଧ୍ୟମରେ କେନାଲ ଉଦ୍‌ଘାଟନ କରିଥିଲେ । କିନ୍ତୁ ଆଜି ନେତାଙ୍କ ପ୍ରତିଶ୍ରୁତି ପାଣିର ଗାର ସଦୃଶ୍ୟ, ସ୍ଥାଣୁ ପାଲଟି ଯାଇଛନ୍ତି ନେତା, ବିଭାଗୀୟ ନିଷ୍କ୍ରିୟତା ପଦାରେ ପଡିଛି । ସରକାରୀ ଅବହେଳା ଚାଷୀଙ୍କ ପାଇଁ କାଳ ସାଜିଛି । ବର୍ଷ ବର୍ଷ ବିତି ଯାଇଥିଲେ ମଧ୍ୟ କେନାଲ ନିର୍ମାଣ କାର୍ଯ୍ୟ ନା ଗନ୍ଧ ନାହିଁ । ଏହି ବ୍ଲକରେ ଠିକାଦାରଙ୍କ ଦବଦବା । ନେତାଙ୍କ ପ୍ରଭାବ ଥିଲା ଭଳିଆ ଲାଗୁନାହିଁ ବୋଲି ଚାଷୀ ନେତା କହୁଛନ୍ତି । କିଛି ନୀତି ନିୟମ ପ୍ରକାରେ



ହେଉନଥିବାରୀ ଚାଷୀ ନେତାଙ୍କ ଉପରୁ ଭରଷା ହଟିଯାଉଥିବା ଚର୍ଚ୍ଚା ହେଉଛି । ଦୀର୍ଘ ତିନି ବର୍ଷ ହେଲା କେନାଲ ନିର୍ମାଣ କାର୍ଯ୍ୟ ହେଇପାରୁନଥିବାରୁ, ହଜାର ହଜାର ଏକର ଚାଷଜମି ଧାନ ଚାଷରୁ ବଞ୍ଚିତ ରହୁଛି । କେନାଲ କାର୍ଯ୍ୟ ଆରମ୍ଭ ହେଇନଥିବାରୁ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଚାଷୀ ମହଲରେ ଆଲୋଚନା ହେଉଛି । ଦୁଇ ବର୍ଷରୁ ଅଧିକ ହେବ ପାଇପ ଗୁଡିକ ଆସି ଛତାପଦର ଛକ ନିକଟରେ ପଡ଼ିରହିଛି । ନିର୍ମାଣ ହୋଇଥିବା ଚେକଡ୍ୟାମଟି ୨୦୧୪ ମସିହାରେ ନିର୍ମାଣ ହୋଇଥିଲେ ମଧ୍ୟ ୨୦୧୭ ମସିହା ପ୍ରଳୟଙ୍କରୀ ବନ୍ୟାରେ ଭାଙ୍ଗିରୁଜି ଯାଇଥିଲାବେଳେ ଏହାକୁ ପୁଣି ୧କୋଟି ଟଙ୍କା ବ୍ୟୟ କରାଯାଇ ଏହାର ମରାମତି କାର୍ଯ୍ୟ କରାଯାଇଥିବା ବେଳେ କେନାଲ ବ୍ୟବସ୍ଥା କରାଯାଇ ନଥିଲା । କଳାହାଣ୍ଡିର କିଛି ଅଞ୍ଚଳରେ କେନାଲ ମାଧ୍ୟମରେ ଜଳସେଚିତ ହେଉଛି । କିନ୍ତୁ ରାୟଗଡ଼ ଜିଲ୍ଲାର ଜଲ୍ୟାନସିଂଘପୁର ବ୍ଲକର ସିଙ୍ଗାରି, ଓ ଧମ୍ୟୁନିପଙ୍ଗା ପଞ୍ଚାୟତରେ ପ୍ରାୟ ୨୦୦୦ ହଜାର ଏକର ଜମିକୁ ପ୍ରାଥମିକତା ଦିଆଯାଇଥିଲା । କେନାଲ ନିର୍ମାଣ ପାଇଁ ସ୍ଥାନୀୟ ଲୋକ ପ୍ରତିନିଧି ଓ ନେତାଙ୍କ ଆନ୍ତରିକତା ନ ରହିବା ସହ ସରକାରୀ ଅଧିକାରୀଙ୍କ ମଧ୍ୟ ଇଚ୍ଛାଶକ୍ତିର ଅଭାବ ଦେଖିବାକୁ ମିଳିଛି । ଏହି କେନାଲ ଭୂତଳ ଦେଇ ପାଇପ ମାଧ୍ୟମରେ ଜଳ ଯୋଗାଣ ପାଇଁ ପୂର୍ବତନ ସରକାର ଓସିସି ଠିକା ସଂସ୍ଥାକୁ ଟେଣ୍ଡର ଜରିଆରେ ପ୍ରଦାନ କରିଥିଲେ ହେଲେ ଇତି ମଧ୍ୟରେ ଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ ସମ୍ପୃକ୍ତ ଠିକା ସଂସ୍ଥା ଚୁପ ହୋଇ ବସିରହିଥିବା ଚାଷୀମାନଙ୍କୁ ଆଶ୍ଚର୍ଯ୍ୟ କରିଛି । ଗୋଟିଏ ପଟେ କ୍ଷୁଦ୍ର ଜଳସେଚନ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ କରିବାର ଦାୟିତ୍ୱ ତୁଲାଉନଥିବା ଇଛା ନଥିଲା ଭଳି ଲାଗୁଥିବା ବେଳେ ଅନ୍ୟ ପଟେ ଠିକା ସଂସ୍ଥା କାର୍ଯ୍ୟରେ ବିଳମ୍ବ ଘଟଉଥିବାରୁ ଅଞ୍ଚଳର ନେତାମାନଙ୍କ ବୈମାତୃକ ମନୋଭାବ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି, ଅନ୍ୟଦିଗରେ ଦେଖିବାକୁ ଗଲେ କେନାଲ ନିର୍ମାଣ କାର୍ଯ୍ୟ ହେବା ନାମ ନେଉନି । ବର୍ତ୍ତମାନ ଚାଷ କାର୍ଯ୍ୟ ସାରି ଚାଷୀ ପୁଣି ଚାଷ କାର୍ଯ୍ୟ ଆରମ୍ଭ କରିବା ପାଇଁ ତର ତର ହେଲେଣି । ହେଲେ କେନାଲ କାର୍ଯ୍ୟ ହେଉନାହିଁ । ଏହାକୁ ଏକ ଦୁର୍ଭାଗ୍ୟ ବୋଲି ବିବେଚନା କରାଯାଉଥିବା ଆଲୋଚନା ହେଉଛି । ଏଣୁ ଜିଲ୍ଲା ପ୍ରଶାସନ । ଚାଷୀଙ୍କ ହିତ ଦୃଷ୍ଟିରୁ ଉକ୍ତ କେନାଲ ନିର୍ମାଣ କାର୍ଯ୍ୟ ଆରମ୍ଭକରି ଶୀଘ୍ର ଶେଷ କଲେ ଚାଷୀକୁଳ ଉପକକୃ ହେଇପାରନ୍ତେ ବୋଲି ମତ ପ୍ରକାଶ ପାଇଛି ।

## ସ୍ୱାଧୀନତା ସଂଗ୍ରାମୀଙ୍କୁ ଅସମ୍ମାନ: ଚିଠି ଲେଖି ଡାକିଲେ, ମଞ୍ଚରେ ବସାଇବାକୁ ଭୁଲିଗଲେ !

ଧାମନଗର,୮ ।୬ (ନିପ୍ର): ଯେଉଁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ପାଇଁ ଆଜି ଦେଶ ସ୍ୱାଧୀନ, ସେହି ବୀର ସନ୍ତାନଙ୍କୁ ସ୍ଥାନୀୟ ପ୍ରଶାସନ ଏବଂ ରାଜନୈତିକ ନେତାମାନେ କିଭଳି ଅସମ୍ମାନ କରିପାରନ୍ତି, ତାର ଏକ ଜ୍ୱଳନ୍ତ ଉଦାହରଣ ଆଜି ଧାମନଗର ବ୍ଲକ ବୟାଙ୍ଗଡିହି ପଞ୍ଚାୟତରେ ଦେଖିବାକୁ ମିଳିଛି । ରାଜ୍ୟ ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ଶିଳାନ୍ୟାସ ଉତ୍ସବ ଅବସରରେ ଜଣେ ପ୍ରତିଷ୍ଠିତ ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ ଅତିଥି ଭାବେ ଡାକି ମଞ୍ଚ ତଳେ ଅପମାନିତ କରାଯାଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ୨୦୪ଟି 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି କ୍ରମରେ ଧାମନଗର ବ୍ଲକର ବୟାଙ୍ଗଡିହି ଉତ୍କଳମଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହି ଆଦର୍ଶ ବିଦ୍ୟାଳୟ ଭାବେ ଘୋଷଣା କରାଯାଇ ସ୍ଥାନୀୟ ସ୍ତରରେ ଏକ ଶିଳାନ୍ୟାସ ଉତ୍ସବର ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେବା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିଠି ସଂଖ୍ୟା ୬୭ ଜରିଆରେ ସ୍ଥାନୀୟ ଅଞ୍ଚଳର ଗର୍ବ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କୁ ନିମନ୍ତ୍ରଣ କରିଥିଲେ । ସରକାରୀ ଆହ୍ୱାନକୁ ସମ୍ମାନ ଜଣାଇ ସଂଗ୍ରାମୀ ବ୍ରଜକିଶୋର ନିର୍ଦ୍ଧାରିତ ସମୟରେ ସଭାସ୍ଥଳରେ ପହଞ୍ଚିଥିଲେ । ମାତ୍ର ସେତେବେଳକୁ ମଞ୍ଚ ଉପରେ ବିଇଓ ପ୍ରଫୁଲ୍ଲ ସାହୁ, ଏବିଇଓ ସତ୍ୟସୁନ୍ଦର ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଅବସରପ୍ରାପ୍ତ ଶିକ୍ଷକ ଭାଗବତ ପାତ୍ର, ସମାଜସେବୀ ସୁବ୍ରତ ସାମଲ ଏବଂ ସ୍ଥାନୀୟ ସରପଞ୍ଚଙ୍କ ପରିବାର ଲୋକେ ଆସନ ଗ୍ରହଣ କରି ସାରିଥିଲେ । ଆଶ୍ଚର୍ଯ୍ୟର ବିଷୟ, ସଭାସ୍ଥଳରେ ପହଞ୍ଚିଥିବା ଅତିଥି ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋରଙ୍କ ପାଇଁ ମଞ୍ଚରେ କୌଣସି ଆସନ ଖାଲି ନଥିଲା କି କେହି ଜଣେ ହେଲେ ସରକାରୀ ବା ରାଜନୈତିକ ବ୍ୟକ୍ତି ତାଙ୍କୁ ସମ୍ମାନର ସହ ମଞ୍ଚକୁ ଡାକିବା ଉଚିତ୍ ମଣିନଥିଲେ । କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଜାତୀୟ ସଙ୍ଗୀତ ଏବଂ ରାଜ୍ୟ ସଙ୍ଗୀତ ଗାନ କରାଯାଇଥିଲା । ଦେଶାତ୍ମବୋଧର ଭାବନାରେ ଉଦ୍‌ବୁଦ୍ଧ ସଂଗ୍ରାମୀ ବ୍ରଜକିଶୋର ଜଣେ ସାଧାରଣ ଲୋକଙ୍କ ଭଳି ମଞ୍ଚ ତଳେ ଛିଡ଼ାହୋଇ ସଙ୍ଗୀତ ଗାନ କରିଥିଲେ, କିନ୍ତୁ ଅଭିମାନୀ ମଞ୍ଚାସୀନ ବ୍ୟକ୍ତିବିଶେଷଙ୍କ ଆଖି ତାଙ୍କ ଉପରେ ପଡ଼ିନଥିଲା । ଏହି ସମ୍ବେଦନଶୀଳ ଦୃଶ୍ୟକୁ ସେଠାରେ ଉପସ୍ଥିତ ଜଣେ ସ୍ଥାନୀୟ ସାମ୍ବାଦିକ ନିଜ କ୍ୟାମେରାରେ କଏଦ କରି ସୋସିଆଲ ମିଡିଆରେ ଭିଡିଓ ପୋଷ୍ଟ କରିବା ପରେ ସଭାସ୍ଥଳରେ ହଟଚମଟ ସୃଷ୍ଟି ହୋଇଥିଲା । ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହେବା ଏବଂ ସାମ୍ବାଦିକଙ୍କ ହସ୍ତକ୍ଷେପ ପରେ ଚେତା ଫେରିଥିଲା ପ୍ରଶାସନର । ମଞ୍ଚରେ ଥିବା ବ୍ୟକ୍ତିମାନେ ତରବରିଆ ଭାବେ ତାଙ୍କୁ ମଞ୍ଚକୁ ଡାକିବାକୁ ଚେଷ୍ଟା କରିଥିଲେ, ମାତ୍ର ସେଠାରେ ମଧ୍ୟ ଅଜ୍ଞତାର ସୀମା ପାର୍ ହୋଇଥିଲା । ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କୁ ମଞ୍ଚରୁ ଡାକିବା ବେଳେ 'ସ୍ୱାଧୀନତା ସଂଗ୍ରାମୀ ଗଣେଶ୍ୱର ରାଉତ ମଞ୍ଚକୁ ଆସନ୍ତୁ' ବୋଲି ଭୁଲ୍ ନାଁରେ ସମ୍ବୋଧନ କରାଯାଇଥିଲା, ଯାହା ସେମାନଙ୍କର ସଂଗ୍ରାମୀଙ୍କ ପ୍ରତି ଥିବା ଆନ୍ତରିକତା ଓ ସମ୍ମାନବୋଧର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି ।

ବୟାଙ୍ଗଡିହି ଗାଁର ବ୍ରଜକିଶୋର ରାଉତ ଜଣେ ନାମୀ ସ୍ୱାଧୀନତା ସଂଗ୍ରାମୀ । ଗତ ୨୦୨୦ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଅବସରରେ 'ସ୍ୱତନ୍ତ୍ରତା ସୈନିକ ସମ୍ମାନ ଯୋଜନା'ରେ ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ତତ୍କାଳୀନ ଭଦ୍ରକ ଜିଲ୍ଲାପାଳ ଜ୍ଞାନ ରଞ୍ଜନ ଦାସ ଓ ବିଡିଓ ଦୁର୍ଗାଚରଣ ମୁର୍ମୁ ନିଜେ ବ୍ରଜକିଶୋରଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ମାନିତ କରିଥିଲେ ।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କୁଚିଣ୍ଡା,୮ ।୬ (ନିପ୍ର); ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ସାମ୍ବାଦିକ ଭବନ ଠାରେ ସମ୍ବଲପୁର ଲାଇଫ କେୟାର ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସ୍ତ୍ରୀ ଓ ପ୍ରସୂତି ବିଭାଗ, ଅସ୍ଥି ଶଲ୍ୟ, ଶଲ୍ୟ ଓ ଭେଷଜ ଆଦି ଚିକିତ୍ସା କରାଯାଇଥିଲା । ଏଥିରେ ଆନେସ୍ଥେସିଆ ଡାକ୍ତର ପ୍ରଭାସ ଦେବତା, ଶଲ୍ୟ ଚିକିତ୍ସକ ତପନ କର୍ମାକର, ଅସ୍ଥିଶଲ୍ୟ ବିଶେଷଜ୍ଞ ସୁମିତ କୌଶିକ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଶିବାନୀ ବୈଦ୍ୟ ପ୍ରମୁଖ ଡାକ୍ତର ମାନେ ଚିକିତ୍ସା କରିଥିଲେ । ଏହି ଶିବିରକୁ କୃଷ୍ଣ ସୁଦାମା ପାଣିଗ୍ରାହୀ, ବିଜ୍ଞାନ ମିର୍ଦ୍ଧା, ଲିଙ୍କନ ସାହୁ ପରିଚାଳନା କରିଥିବା ବେଳେ, ସମାଜସେବୀ କାର୍ତ୍ତିକ ମିସ୍ତ୍ରୀ ସହଯୋଗ କରିଥିଲେ । ଏହି ଶିବିରରେ କୁଚିଣ୍ଡା ଅଞ୍ଚଳର ଶତାଧିକ ରୋଗୀ ଚିକିତ୍ସିତ ହୋଇଥିଲେ ।

## ଉତ୍କଳ ସମ୍ମିଳନୀ ଶାଖା ଉଦ୍‌ଘାଟିତ

ନିରାକାରପୁର,୮ ।୬ (ନିପ୍ର): ରାଜ୍ୟ କେନ୍ଦ୍ରୀୟ କମିଟିର ଅନୁମୋଦନ କ୍ରମେ ନିରାକାରପୁର ରେ ଡ଼କ୍ଟର ପୂର୍ଣ୍ଣ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀ ଶାଖା ଖୋଲା ହେଲା । ଏହି ସଭାରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା, ରାଜ୍ୟ ସମ୍ପାଦକ ଆଡ଼ଭୋକେଟ ଦିଲ୍ଲୀପ ଦାସଶର୍ମା, ରାଜ୍ୟ ଉପସଭାପତି ଅଧକ୍ଷ ଡକ୍ଟର ସୁରେନ୍ଦ୍ର ମିଶ୍ର, ଖୋର୍ଦ୍ଧା ଜିଲ୍ଲା ସଭାପତି ଆଡ଼ଭୋକେଟ ଶକ୍ତି ଶଙ୍କର ମିଶ୍ର ଉପସ୍ଥିତ ରହି ଉତ୍କଳ ସମ୍ମିଳନୀ ଶାଖା ଉଦଘାଟନ କରିଥିଲେ ।

ନାରାୟଣ ଶତପଥୀ, କାଶୀନାଥ ପାଣିଗ୍ରାହୀ, ହିମାଂଶୁ ଭୂଷଣ ଚମ୍ପତିରାୟ, ଶଙ୍କର୍ଷଣ ପ୍ରଧାନ, ସୁରେଖା ଦାଶ, ଗୋବିନ୍ଦ ବିଷୋୟୀ, ଚିତ୍ତରଞ୍ଜନ ମାର୍ଥା, ବୈନେତେୟ ନାରାୟଣ ଦାଶ ଏବଂ ପଦିଆ କାଣ୍ଡି ଙ୍କୁ ସଭ୍ୟ ଭାବରେ ଗ୍ରହଣ କରାଗଲା । ଉତ୍କଳ ସମ୍ମିଳନୀ ର କାର୍ଯ୍ୟ କ୍ରମ ବିଷୟରେ ସଭାପତି, ସମ୍ପାଦକ, ଉପସଭାପତି, ଖୋର୍ଦ୍ଧା ଜିଲ୍ଲା ସଭାପତି ବିଷଦ ଭାବରେ ମାର୍ଗ ଦର୍ଶନ କରାଇଲେ ।

### ବୋଲଗଡ଼ରେ ବ୍ଲକସ୍ତରୀୟ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

## ରାଷ୍ଟ୍ରର ନିର୍ମାଣରେ ତାଙ୍କର ପ୍ରୟାସ ଅନେକଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ହେଉ

ବୋଲଗଡ,୮ ।୬ (ନିପ୍ର); ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଓ ବେଗୁନିଆ ଶିକ୍ଷା ବ୍ଲକର ୨୦୨୬ ମାଟ୍ରିକ ଓ ଯୁକ୍ତ ଦୁଇ ବିଜ୍ଞାନ ଓ କଳା ପରୀକ୍ଷାରେ ପାରଦର୍ଶୀତା ହାସଲ କରିଥିବା ଛାତ୍ର ଛାତ୍ରୀମାନଙ୍କୁ ନେଇ ରବିବାର ପୂଜ୍ୟପୂଜା ସଂସଦ ଭୀମପଡ଼ା ଆନୁକୂଲ୍ୟରେ ବୋଲଗଡ଼ ଡାକବଙ୍ଗଳାଠାରେ ବ୍ଲକ ସ୍ତରୀୟ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଏହି କାର୍ଯ୍ୟକ୍ରମରେ ଅଧିବକ୍ତା ସଂଘ ଖୋର୍ଦ୍ଧା ଜିଲ୍ଲାର ସଭାପତି ଲୋତକ ବିନ୍ଦୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଅଧକ୍ଷ ଦେବାଶିଷ ପୃଷ୍ଟି ଓ ସମ୍ମାନିତ ଅତିଥି ଭାବରେ ଅଧିକାର ଆଇଟିଆଇ କଲେଜ ପ୍ରିନ୍ସିପଲ ଇଂ. କର୍ପୂର ସାହୁ,ବୋଲଗଡ ସରସ୍ୱତୀ ଶିଶୁ




ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁ, ମାଣିକକ୍ଷଗୋଡ଼କ୍ଷ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ସମ୍ପାଦକ ସହଦେବ ସୁବୁଦ୍ଧି,ବେଗୁନିଆ ବ୍ଲକ ପୂର୍ବତନ କୃଷି ଅଧିକାରୀ ରତିକାନ୍ତ ପଟ୍ଟନାୟକ,ମରଦାବାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବେହେରା ଓ ସହକାରୀ ଶିକ୍ଷକ ଜନ୍ମେଜୟ ମାଝୀ ପ୍ରମୁଖ ଯୋଗଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ । ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟ ଅଧ୍ୟାପକ ଗାନ୍ଧୀ କୁମାର ସାହୁ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । କଠିନ ପରିଶ୍ରମ ଦ୍ୱାରା ସଫଳତା ହାସଲ କରିହୁଏ, ବୋଲି ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ଶ୍ରୀ ପୃଷ୍ଟି ପରାମର୍ଶ ଦେଇଥିଲେ ଲ ମେଧାବୀ ଛାତ୍ରଛାତ୍ରୀମାନେ ଆମ ଅଞ୍ଚଳର ଗର୍ବ ଓ ଗୌରବର ପ୍ରତୀକ ବୋଲି ମତ ରଖିବା ସହିତ ରାଷ୍ଟ୍ରର ନିର୍ମାଣରେ ତାଙ୍କର ପ୍ରୟାସ ଆଗାମୀ ଦିନରେ ଅନେକଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ହେଉ, ବୋଲି ଅଧିବକ୍ତା ସଂଘ ଖୋର୍ଦ୍ଧା ଜିଲ୍ଲାର ସଭାପତି ଲୋତକ ବିନ୍ଦୁ ପଟ୍ଟନାୟକ ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇ ଆଶ୍ରିବାଦ ପ୍ରଦାନ କରିଥିଲେ । ପୂଜ୍ୟ ପୂଜା ସଂସଦର ସମ୍ପାଦକ ବିନୋଦ ମହାରଣା, ସହ ସମ୍ପାଦକ ଲକ୍ଷ୍ମୀଧର ବଳିୟାର ସିଂ, ସାଂସ୍କୃତିକ ସମ୍ପାଦକ ଅଭିମନ୍ୟୁ ପଟ୍ଟନାୟକ , ଉପସଭାପତି ଜଗବନ୍ଧୁ ମୁଦୁଲିଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା ।

## ପେଟ୍ରୋଲ-ଡିଜେଲ ସଞ୍ଚୟ ସହ ଫିଟନେସର ବାର୍ତ୍ତା : ଛତ୍ରପୁରରେ 'ସଣ୍ଡେ ଅନ ସାଇକଲ' କାର୍ଯ୍ୟକ୍ରମ

ରମ୍ଭା,୮ ।୬ (ନିପ୍ର):ଦେଶବ୍ୟାପୀ ବୃଦ୍ଧି ପାଉଥିବା ପେଟ୍ରୋଲ ଓ ଡିଜେଲ ବ୍ୟବହାର, ଇନ୍ଧନ ସଞ୍ଚୟର ଆବଶ୍ୟକତା ଏବଂ ଫିଟ୍ ଇଣ୍ଡିଆ ମିଶନ ଅଧୀନରେ ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଗଞ୍ଜାମ ଥାନା ଅନ୍ତର୍ଗତ ଛତ୍ରପୁର ଓଏସଏପି ଅଷ୍ଟମ ବାଟାଲିୟନ ପକ୍ଷରୁ 'ସଣ୍ଡେ ଅନ ସାଇକଲ' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଅଷ୍ଟମ ବାଟାଲିୟନର ଦୁର୍ଗପତି ସାରଦା ପ୍ରସାଦ ଦାସଙ୍କ ନେତୃତ୍ୱରେ ସିପାହୀ, ହାବିଲଦାର ଓ କର୍ମଚାରୀମାନେ ବାଟାଲିୟନ ପରିସରରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ଏକ ବୃହତ ସାଇକଲ ରାଲିରେ ଅଂଶଗ୍ରହଣ କରିଥିଲେ । ରାଲି ମାଧ୍ୟମରେ ନିୟମିତ ବ୍ୟାୟାମ, ସାଇକଲ ବ୍ୟବହାର ଏବଂ ସୁସ୍ଥ ଜୀବନଶୈଳୀ ଅପଣାଇବା ପାଇଁ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ଦୁର୍ଗପତି ଶ୍ରୀ ଦାସ କହିଥିଲେ ଯେ, ବର୍ତ୍ତମାନ ସମୟରେ ପେଟ୍ରୋଲ ଓ ଡିଜେଲ ଉପରେ ବଢୁଥିବା ନିର୍ଭରଶୀଳତା, ଇନ୍ଧନ ବ୍ୟୟ ଏବଂ ପରିବେଶ ପ୍ରଦୂଷଣ ଚିନ୍ତାର ବିଷୟ ପାଲଟିଛି । ଏପରି ସ୍ଥିତିରେ ଛୋଟ ଦୂରତା ପାଇଁ ସାଇକଲ ବ୍ୟବହାର କରିବା ଦ୍ୱାରା ଇନ୍ଧନ ସଞ୍ଚୟ ସହ ଶାରୀରିକ ସୁସ୍ଥତା ଏବଂ ପରିବେଶ ସୁରକ୍ଷାକୁ ମଧ୍ୟ ପ୍ରୋତ୍ସାହନ ମିଳିବ । "ସୁସ୍ଥ ଶରୀର ହିଁ ସୁସ୍ଥ ସମାଜର ମୂଳ ଆଧାର । ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଅତି କମରେ ଅଧା ଘଣ୍ଟା ଶାରୀରିକ କାର୍ଯ୍ୟକଳାପ କରିବା ଉଚିତ," ବୋଲି ସେ ସାମାଜିକ ବାର୍ତ୍ତା ଦେଇଥିଲେ । କାର୍ଯ୍ୟକ୍ରମରେ ବାଟାଲିୟନର ଉପ-ଦୁର୍ଗପତି ଯଶୋବନ୍ତ ସେଠୀ, ସହ-ଦୁର୍ଗପତି ପବିତ୍ର ମୋହନ ମୁଣ୍ଡା, ସୁବେଦାର ଯୁଧିଷ୍ଠିର ରେଡ୍ଡୀ, ପ୍ରସନ୍ନ ସୁବୁଦ୍ଧି, କେ.କେ. ନାୟକଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସେହିପରି ହାବିଲଦାର ସଂଘର ସଭାପତି ଯଶୋବନ୍ତ ସ୍ୱାଇଁ, ସମ୍ପାଦକ ଜଗନ୍ନାଥ ସେଠୀ, ସୁଶାନ୍ତ ସେଠୀ ପ୍ରମୁଖ ମଧ୍ୟ ଯୋଗଦେଇଥିଲେ । ବାଟାଲିୟନର ସମସ୍ତ ହାବିଲଦାର, କର୍ମଚାରୀ ଓ ସିପାହୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ



କରିଥିଲେ । "ସଣ୍ଡେ ଅନ ସାଇକଲ" କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା ଏବଂ ପେଟ୍ରୋଲ-ଡିଜେଲ ସଞ୍ଚୟର ବାର୍ତ୍ତା ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଯାଇଥିଲା । ଏହି ପଦକ୍ଷେପ ଏକ ସୁସ୍ଥ, ସଚେତନ ଓ ପରିବେଶ-ବନ୍ଧବ ସମାଜ ଗଠନ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ ପାଇଛି ।

# ଫିଲିପାଇନ୍ସରେ ଭୂକମ୍ପ: ୩୨ ମୃତ



ମାନିଲା,୮।୬: ଦକ୍ଷିଣ ଫିଲିପାଇନ୍ସର ମିଣ୍ଡାନାଓ ଦ୍ୱୀପ ଉପକୂଳରେ ସ୍ଥାନୀୟ ସମୟ ସୋମବାର ସକାଳ ୭ଟା ୩୭ ମିନିଟରେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୩୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୭.୮ ରହିଥିଲା। ଭୂକମ୍ପ ପରେ ଫିଲିପାଇନ୍ସ, ଇଣ୍ଡୋନେସିଆ, ଜାପାନ ଓ ଅଷ୍ଟ୍ରେଲିଆରେ ସୁନାମି ଆଲର୍ଟ ଜାରି କରାଯାଇଥିଲା। କିଛି ଘଣ୍ଟା ପରେ ଏହି ଚେତାବନୀ ହଟେଇ ଦିଆଯାଇଥିଲା। ଭୂକମ୍ପ ଯୋଗୁଁ ଫିଲିପାଇନ୍ସରେ ବହୁ କୋଠା ଭୁଶୁଡ଼ି ପଡ଼ିଥିଲା। ମିଣ୍ଡାନାଓ ଫିଲିପାଇନ୍ସର ଦ୍ୱିତୀୟ ବୃହତ୍ତମ ଦ୍ୱୀପ, ଏଠାରେ ୨୬ ନିୟୁତ ଲୋକ ବସବାସ କରନ୍ତି। ତେବେ ମୃତକଙ୍କ ଠିକ୍ ସଂଖ୍ୟା ଫିଲିପାଇନ୍ସର ଜାତୀୟ ବିପର୍ଯ୍ୟୟ ଏଜେନ୍ସି ଆଗାମୀ ଦିନରେ ପ୍ରକାଶ କରିବେ ବୋଲି କୁହାଯାଇଛି। ଉପକୂଳବର୍ତ୍ତୀ ପ୍ରଦେଶ ସାରଙ୍ଗାନିରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଭୂମିକମ୍ପ ପରେ ଆସିଥିବା ଝଟ୍କା ଯୋଗୁ ଭୂସ୍ଖଳନ ଘଟି ଲୋକଙ୍କ ଜାବନ ଯାଇଥିଲା। ଭୂମିକମ୍ପ ଯୋଗୁ ଜେନେରାଲ ସାଣ୍ଟୋସ୍ ସହର ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ବନ୍ଦର ସହରରେ ୭ ଲକ୍ଷରୁ ଅଧିକ ଲୋକ ବସବାସ କରୁଥିବାବେଳେ ଏଠାରେ ୧୦ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ୨୨ ଜଣ ଲୋକ ନିଖୋଜ ଅଛନ୍ତି। ଭୂକମ୍ପ ପରବର୍ତ୍ତୀ ସମୟରେ ୧୩୦ରୁ ଅଧିକ ଝଟ୍କା ରେକର୍ଡ କରାଯାଇଥିଲା, ଯାହାର ତୀବ୍ରତା ୧.୩ ରୁ ୬.୭ ପର୍ଯ୍ୟନ୍ତ ଥିଲା। ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍ ଜୁନିଅର ଭୂକମ୍ପ ପ୍ରଭାବିତ ଅଞ୍ଚଳରେ ସ୍କୁଲ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସେନସେକ୍ସରେ ୭୧୯ ପଏଣ୍ଟ ହ୍ରାସ

ମୁମ୍ବାଇ,୮।୬: ଇରାନ ଯୁଦ୍ଧକୁ ନେଇ ପୁଣି ଅନିଶ୍ଚିତତା ଦେଖାଦେବା ପରେ ଦେଶର ଦୁଇ ଷ୍ଟକ୍ ବଜାରରେ ଆଜି କାରବାର ପ୍ରଭାବିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନସେକ୍ସ ୭୧୯ ପଏଣ୍ଟ ହ୍ରାସ ପାଇ ୭୩,୫୨୪ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ମଧ୍ୟ ୨୪୪ ପଏଣ୍ଟ ହ୍ରାସ ପାଇ ୨୩,୧୨୩ ପଏଣ୍ଟରେ ବନ୍ଦ ହୋଇଛି। ଆଜି ନିବେଶକମାନେ ସୂଚନା ପ୍ରଯୁକ୍ତି, ରିଅଲ ଇଷ୍ଟେଟ୍ ଓ ଧାତବ କ୍ଷେତ୍ର କମ୍ପାନିଗୁଡ଼ିକର ସେୟାର ଅଧିକ ବିକ୍ରି କରିଥିଲେ। ମ୍ୟାକ୍ସ ହେଲଥକେୟାର, ପାୱାରଗ୍ରିଡ୍ ଓ ଏୟାରଟେଲ୍ ସେୟାର ମୂଲ୍ୟରେ ଆଜି ଅଧିକ ବୃଦ୍ଧି ହୋଇଥିଲା। ୱିପ୍ରୋ, ଜିଓ ଫିନ୍ ଓ ଜୋମାଟୋ ସେୟାର ମୂଲ୍ୟ ହ୍ରାସ ପାଇଥିଲା। ଗତ ଏପ୍ରିଲରେ ଯୁଦ୍ଧବିରତି ଘୋଷଣା ହେବା ପରଠାରୁ ପ୍ରଥମ ଥର ପାଇଁ ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଆକ୍ରମଣ ହୋଇଛି। ଇସ୍ରାଏଲ୍ ପକ୍ଷରୁ ପଶ୍ଚିମ ଓ ମଧ୍ୟ ଇରାନ ଉପରେ ଆକ୍ରମଣ କରାଯାଇଥିଲା। ସେହି ଖବର ପ୍ରକାଶ ପାଇବା ପରେ ଅଶୋଧିତ ତୈଳ ଦରରେ ବୃଦ୍ଧି ହୋଇଥିଲା। ଏଥି ସହିତ ଷ୍ଟକ୍ ବଜାର ଅସ୍ଥିର ହୋଇପଡ଼ିଥିଲା।

## ଏବେ ଯାଞ୍ଚ ପାଇଁ ସିବିଆଇକୁ ନେବାକୁ ପଡିବନି ଅନୁମତି

କୋଲକାତା,୮।୬: ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ପୂର୍ବରୁ ଯେକୌଣସି ତଦନ୍ତ ପାଇଁ ସରକାରୀ ଅନୁମତି ଆବଶ୍ୟକ ଥିଲା। ଏଥର ବିଜେପି ସରକାର ତୃଣମୂଳ କଂଗ୍ରେସ ଶାସନ ସମୟରେ ନିଆଯାଇଥିବା ନିଷ୍ପତ୍ତିକୁ ବଦଳାଇ ଦେଇଛି। କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିକୁ ତଦନ୍ତ ପାଇଁ ସାଧାରଣ ଅନୁମତି ପ୍ରଦାନ କରାଯାଇଛି। ଶୁଭେନ୍ଦୁ ଅଧିକାରୀଙ୍କ ସରକାର ପଶ୍ଚିମବଙ୍ଗରେ ସିବିଆଇ ତଦନ୍ତ ପାଇଁ ପୂର୍ଣ୍ଣ ଅନୁମତି କିମ୍ବା 'ସାଧାରଣ ସମ୍ମତି' ପ୍ରଦାନ କରିଛନ୍ତି। ହୋମ୍ ଆଣ୍ଡ ହିଲ୍ ଆଫେୟାର୍ସ ବିଭାଗ ପକ୍ଷରୁ ୮ ଜୁନ୍ ୨୦୨୬ ରେ ଜାରି ନୋଟିଫିକେସନ୍ ଅନୁସାରେ, ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିସମେଣ୍ଟ (ଡିଏସ୍ପିଇ) ଆକ୍ଟ,,୧୯୪୬ ଅନୁସାରେ, ସିବିଆଇକୁ ରାଜ୍ୟରେ କେନ୍ଦ୍ର ସରକାରଙ୍କ କର୍ମଚାରୀ, କେନ୍ଦ୍ର ସାର୍ବଜନୀନ ଉପକ୍ରମ (ପିଏସୟୁ)ର କର୍ମଚାରୀ ଓ ତାଙ୍କ ସହ ଜଡିତ ମାମଲାର ଯାଞ୍ଚ କରିବାର ଅନୁମତି ଦିଆଯାଇଛି। ଏହି ନୋଟିଫିକେସନର ସିଧା ଅର୍ଥ ଏହା ଯେ,ପଶ୍ଚିମବଙ୍ଗ ସରକାର ସିବିଆଇକୁ ରାଜ୍ୟରେ କିଛି ମାମଲାର ଯାଞ୍ଚ କରିବା ପାଇଁ ପୁଣିଥରେ ସାଧାରଣ ସହମତି ଦେଇଛନ୍ତି। କିନ୍ତୁ ଏହି ଛାଡ ସମ୍ପୂର୍ଣ୍ଣ ଭାବରେ ବିନା ସର୍ତ୍ତରେ ନୁହେଁ। ଏହି ଅଧିକାର ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ୧୯୪୬ର ଧାରା ୬ ଅନୁସାରେ, ଦିଆଯାଇଛି। ନୋଟିଫିକେସନ୍ ୮ ଜୁନ୍ ୨୦୨୬ କୁ ତୁରନ୍ତ ଲାଗୁ ହେଉଛି।

## ଆକାଶ ମାର୍ଗରୁ ଭାରତର ଗୁଇନ୍ଦାଗିରି କରୁଛି ପାକିସ୍ତାନ
## ୧୬ ମାସରେ ୬ଟି ଉପଗ୍ରହ ଉତ୍କ୍ଷେପଣ

ନୂଆଦିଲ୍ଲୀ,୮।୬: 'ଅପରେସନ ସିନ୍ଦୂର' ପରେ ଭାରତ ଓ ପାକିସ୍ତାନ ଯୁଦ୍ଧବିରତି ଘୋଷଣା କରିଥିଲେ। ଏହି ବର୍ଷକରୁ ଅଧିକ ସମୟ ଭିତରେ ଗୁଳିଗୋଳାର ଶବ୍ଦ ମଧ୍ୟ ନିରବୀ ଯାଇଥିଲେ ମଧ୍ୟ ଭାରତର ପଡ଼ୋଶୀ ଦେଶ ପାକିସ୍ତାନ ଭାରତ ଉପରେ ଆକାଶ ମାର୍ଗରୁ କଡ଼ା ନଜର ରଖିଛି। 'ଦ ପ୍ରିଣ୍ଟ' ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଗତ ୧୬ ମାସ ମଧ୍ୟରେ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ୬ଟି ଗୁପ୍ତଚରୀ ଉଦ୍ଦେଶ୍ୟରେ ବ୍ୟବହୃତ ଉପଗ୍ରହ ଉତ୍କ୍ଷେପଣ କରି ଆକାଶମାର୍ଗରୁ ଭାରତ ଉପରେ ନଜର ରଖିଛି । ଜାନୁଆରୀ ୨୦୨୫ ରୁ ଜୁନ୍ ୨୦୨୬ ମଧ୍ୟରେ, ପାକିସ୍ତାନ ଛଅଟି ପୃଥିବୀ-ପର୍ଯ୍ୟବେକ୍ଷଣ ଉପଗ୍ରହ ଉତ୍କ୍ଷେପଣ କରିଥିଲା ଓ ଏସବୁକୁ ଏପରି କକ୍ଷପଥରେ ଅବସ୍ଥାପିତ କରାଯାଇଛି। ଯେପରି ଭାରତ ଉପରେ ନଜର ରଖିପାରିବ। ଏହି ଉପଗ୍ରହଗୁଡ଼ିକ ପ୍ରତି ଦୁଇ ଦିନରେ ଅତି କମରେ ଥରେ ଭାରତୀୟ କ୍ଷେତ୍ରର ମ୍ୟାପ୍ କରୁଛନ୍ତି। ସ୍ପେଶ୍ ଟେକ୍ନୋଲଜି ମାମଲାରେ ପାକିସ୍ତାନ ଭାରତ ମୁକାବିଲା ଖୁବ୍ ଦୁର୍ବଳ। ଭାରତ ଯେଉଁଠି ଚନ୍ଦ୍ର ଓ ମଙ୍ଗଳ ମିଶନ ଉପରେ ଗୁରୁତ୍ୱ ଦେଉଛି, ପାକିସ୍ତାନ ସେଠାରେ ଉପଗ୍ରହ କେବଳ ଭାରତ ଉପରେ ନଜର ରଖିବାକୁ ନିୟୋଜିତ କରୁଛି। ପାକିସ୍ତାନ ଏହି ମାମଲାରେ ଚୀନର ସହାୟତା ନେଉଛି।

## ଗରିବ କଲ୍ୟାଣ ଯୋଜନାର ୧୨ ବର୍ଷ ପୂରଣ
# ସଶକ୍ତିକରଣ ଦିଗରେ ଏକ ସାମୂହିକ ପ୍ରୟାସ: ମୋଦି



ନୂଆଦିଲ୍ଲୀ,୮।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାର ୧୨ତମ ବାର୍ଷିକୀ ଉପଲକ୍ଷେ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଏବଂ ଏହା ସାଧାରଣ ଲୋକଙ୍କ ପାଖରେ କିପରି ପହଞ୍ଚୁଛି ତାହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦି ଅନ୍ତ୍ୟୋଦୟ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ, ଆୟୁଷ୍ମାନ ଭାରତ ଏବଂ ଅନ୍ୟାନ୍ୟ ପଦକ୍ଷେପର ପ୍ରମୁଖ ସଫଳତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ଏହି ସମସ୍ତ ଯୋଜନା ଆରମ୍ଭ କରିବାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସମ୍ମାନ ଏବଂ ସୁଯୋଗ ପ୍ରଦାନ କରିବା। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଗତ ୧୨ ବର୍ଷ ମଧ୍ୟରେ ଭାରତ ଅନେକ ବଡ଼ ପରିବର୍ତ୍ତନ ଦେଖିଛି, ଏବଂ ଏହି ପରିବର୍ତ୍ତନର ମୂଳରେ ଗରିବ ତଥା ଅବହେଳିତଙ୍କ କଲ୍ୟାଣ ରହିଛି। ଆମେ ସର୍ବଦା 'ଅନ୍ତ୍ୟୋଦୟ'ଦ୍ୱାରା ଅନୁପ୍ରାଣିତ ହୋଇଛୁ ଏବଂ ଆମର ପ୍ରୟାସ ସର୍ବଦା ଏହା ସୁନିଶ୍ଚିତ କରିବା ଯେ ବିକାଶର ଲାଭ ଦଶନ୍ଧି ଧରି ପଛରେ ପଡ଼ି ରହିଥିବା ଲୋକଙ୍କ ପାଖରେ ପହଞ୍ଚିବ।ଜନଧନ ଆକାଉଣ୍ଟ ଏବଂ ସିଧାସଳଖ ଲାଭ ସ୍ଥାନାନ୍ତର ଠାରୁ ଆରମ୍ଭ କରି ସ୍ୱଚ୍ଛ ଭାରତ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ, ଆୟୁଷ୍ମାନ ଭାରତ ଏବଂ ଅନ୍ୟାନ୍ୟ ଯୋଜନା ପର୍ଯ୍ୟନ୍ତ, ପ୍ରତ୍ୟେକ ପଦକ୍ଷେପ ଲୋକଙ୍କୁ ମର୍ଯ୍ୟାଦା ଏବଂ ସୁଯୋଗ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।ସେ ପ୍ରଯୁକ୍ତିର ଭୂମିକା ଉପରେ ମଧ୍ୟ ଗୁରୁତ୍ୱାରୋପ କରି ସମାଜର ଗରିବ ବର୍ଗଙ୍କ ପାଇଁ ସରକାରୀ ଯୋଜନା ଅଧୀନରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର କାର୍ଯ୍ୟକାରୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କହିଛନ୍ତି। ଏହା ଦ୍ୱାରା ବାଟମାରଣା ହ୍ରାସ ପାଇଛି, ଦକ୍ଷତାରେ ଯଥେଷ୍ଟ ଉନ୍ନତି ଆସିଛି ଏବଂ ସରକାରଙ୍କ ଉପରେ ଲୋକଙ୍କ ବିଶ୍ୱାସ ବୃଦ୍ଧି ପାଇଛି। ଏହା ମଧ୍ୟ ଉତ୍ସାହଜନକ ଯେ, ଗରିବଙ୍କ ଜୀବନର ଗୁଣବତ୍ତା ଉନ୍ନତ କରିବାରେ ପ୍ରଯୁକ୍ତିବିଦ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଡିବିଟି ଏବଂ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ, ସହାୟତା ସିଧାସଳଖ ଏବଂ ସ୍ୱଚ୍ଛ ଭାବରେ ଲୋକମାନଙ୍କ ପାଖରେ ପହଞ୍ଚିପାରୁଛି। ଏହା ଲିକେଜ୍ ହ୍ରାସ କରିଛି, ଦକ୍ଷତା ବୃଦ୍ଧି କରିଛି ଏବଂ ଶାସନ ପ୍ରତି ବିଶ୍ୱାସକୁ ମଜବୁତ କରିଛି। ଏହିପରି, ଗରିବଙ୍କ କଲ୍ୟାଣକୁ ଆଗକୁ ବଢ଼ାଇବାର ଯାତ୍ରା ମାନବ ସଶକ୍ତିକରଣ ଏବଂ ବିକଶିତ ଭାରତର ଆମର ସ୍ୱପ୍ନକୁ ସାକାର କରିବା ପାଇଁ ଏକ ସାମୂହିକ ଆନ୍ଦୋଳନରେ ପରିଣତ ହୋଇଛି।

## ଇଣ୍ଡି ମେଣ୍ଟର ବୈଠକ; ଏକାଠି ହେଲେ ୨୩ଟି ଦଳ
# ବିଜେପି ମୁକ୍ତ ଭାରତ ସଂକଳ୍ପ ସହ ଏକତା ଶପଥ ନେଲେ ବିରୋଧୀ




ନୂଆଦିଲ୍ଲୀ,୮।୬: ବିଜେପିମୁକ୍ତ ଭାରତ ପାଇଁ ଇଣ୍ଡିଆ ମେଣ୍ଟର ସଂକଳ୍ପ । ଏନଡିଏର ମୁକାବିଲା ପାଇଁ ଇଣ୍ଡିଆ ମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଭବିଷ୍ୟତ ରଣନୀତି ନେଇ ବିଚାରବିମର୍ଶ କରାଯାଇଛି । ବୈଠକରେ ୨୩ଟି ଦଳର ନେତା ଯୋଗଦେଇଥିବା ବେଳେ ବିରୋଧୀ ମେଣ୍ଟର ଦୁଇ ପ୍ରମୁଖ ସହଯୋଗୀ ଆମ ଆଦ୍ମୀ ପାର୍ଟି ଓ ଡିଏମକେ ଯୋଗଦେଇ ନଥିଲେ । ଦୁଇଦଳର ଅନୁପସ୍ଥିତି ନେଇ ନାନା ପ୍ରଶ୍ନ ଉଠିଛି । ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ପରେ ଏକାଠି ହୋଇଥିଲେ ଇଣ୍ଡିଆ ମେଣ୍ଟର ଅଂଶୀଦାର ଦଳ । ନୂଆଦିଲ୍ଲୀରେ ଆୟୋଜିତ ବୈଠକରେ ୨୩ଟି ଦଳର ୨୭ ଜଣ ନେତା ଯୋଗଦେଇ ଆଗାମୀ ଦିନ ପାଇଁ ଭବିଷ୍ୟତର ରଣନୀତି ଧାର୍ଯ୍ୟ କରିଛନ୍ତି । ଶିବସେନା ୟୁବିଟି ଗୋଷ୍ଠୀର ସଭାପତି ଉଦ୍ଧବ ଠାକରେ ଭର୍ଚୁଆଲରେ ଯୋଗଦେଇଥିଲେ । ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପିମୁକ୍ତ ଭାରତ ଓ ଏନଡିଏର ମୁକାବିଲା ପାଇଁ ନେତାମାନେ ବିସ୍ତୃତ ଆଲୋଚନା କରିଛନ୍ତି । ବୈଠକରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖାଡ଼ଗେ, ମମତା ବାନାର୍ଜୀ, ତେଜସ୍ୱୀ ଯାଦବ, ଅଖିଳେଶ ଯାଦବ, ସୁପ୍ରିୟା ସୁଲେ, ଓମାର ଅବଦୁଲ୍ଲା, ମେହବୁବା ମୁଫତି ପ୍ରମୁଖ ଯୋଗଦେଇଥିଲେ । କିନ୍ତୁ ଦୂରେଇ ରହିଥିଲେ ଆମ୍ ଆଦମୀ ପାର୍ଟି ଏବଂ ଡିଏମକେ । ଏହାକୁ ନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି । ତେବେ ବିରୋଧୀ ଏକାଠି ଥିବା ଦର୍ଶାଇବାକୁ ଇଣ୍ଡିଆ ମେଣ୍ଟର ହେଭିୱେଟ୍ ନେତାମାନେ ଏକତାର ଶପଥ ନେଇ ବୈଠକସ୍ଥଳ କନଷ୍ଟିଚ୍ୟୁସନ କ୍ଲବ୍ ଅଭିମୁଖେ ଶୋଭାଯାତ୍ରାରେ ଯାଇଥିଲେ । ବିଭିନ୍ନ ପ୍ରସଙ୍ଗରେ ଇଣ୍ଡିଆ ମେଣ୍ଟ ଭିତରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ମତଭେଦ ଦୂର କରିବା ଓ ଆଗାମୀ ଦିନରେ ବିଭିନ୍ନ ରାଜ୍ୟ ବିଧାନସଭା ଓ ୨୦୨୯ ଲୋକସଭା ନିର୍ବାଚନ ପାଇଁ ମିଳିତ ରଣନୀତି ପ୍ରସ୍ତୁତ କରିବା ବୈଠକ ମୂଳ ଲକ୍ଷ୍ୟ ଥିଲା । ତେବେ ଏହା କେତେ ଦୂର ସଫଳ ହେଉଛି, ତା' ଉପରେ ସମସ୍ତଙ୍କ ନଜର ରହିଛି ।

## ଟିଏମସିରେ ରାଜନୈତିକ ସଙ୍କଟ
# ଏନଡିଏକୁ ସମର୍ଥନ ଜଣାଇ ବାଚସ୍ପତିଙ୍କୁ ଚିଠି ଲେଖିଲେ ୨୦ ସାଂସଦ



ନୂଆଦିଲ୍ଲୀ,୮।୬: ଆଜି ତୃଣମୂଳ କଂଗ୍ରେସର ଆଭ୍ୟନ୍ତରୀଣ ସଙ୍କଟ ଆହୁରି ଘନୀଭୂତ ହୋଇଛି। ଯେତେବେଳେ ଦଳର ବରିଷ୍ଠ ସାଂସଦ କାକୋଲି ଘୋଷ ଦସ୍ତିଦାର ଦାବି କଲେ ଯେ, ଏହାର ପ୍ରାୟ ୨୦ ଜଣ ସାଂସଦ କେନ୍ଦ୍ରରେ କ୍ଷମତାସୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ)କୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେ କହିଛନ୍ତି ଯେ, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଏହି ନିଷ୍ପତ୍ତି ବିଷୟରେ ଅବଗତ କରାଯାଇଛି। ଲୋକସଭାରେ ତୃଣମୂଳର ୨୮ ଜଣ ଏବଂ ରାଜ୍ୟସଭାରେ ୧୨ ଜଣ ସଦସ୍ୟ ଅଛନ୍ତି । କାକୋଲି ଘୋଷ ଦସ୍ତିଦାର କହିଛନ୍ତି ଯେ, କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ମେଣ୍ଟକୁ ସମର୍ଥନ କରିବାକୁ ଗୋଷ୍ଠୀର ଇଚ୍ଛା ବିଷୟରେ ଲୋକସଭା ବାଚସ୍ପତିଙ୍କୁ ଏକ ଚିଠି ପଠାଯାଇଛି । ସେ କହିଛନ୍ତି, 'ମୋ ସମେତ ପ୍ରାୟ ୨୦ ଜଣ ତୃଣମୂଳ ସାଂସଦ ଏନଡିଏକୁ ସମର୍ଥନ କରିବା ନିଷ୍ପତ୍ତି ବିଷୟରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଏକ ଚିଠି ଲେଖିଛନ୍ତି ।' କାକୋଲି ଦାବି କରିଛନ୍ତି ଯେ, ସେ ଲୋକସଭାରେ ଦଳର ମୁଖ୍ୟ ସଚେତକ ଅଛନ୍ତି । ସେ କହିଛନ୍ତି ଯେ, ଏହି ନିଷ୍ପତ୍ତି ସାଥୀ ସାଂସଦମାନଙ୍କ ସହିତ ପରାମର୍ଶ କରିବା ପରେ ନିଆଯାଇଛି । ତେବେ ଭୂପେନ୍ଦ୍ର ଯାଦବଙ୍କ ବାସଭବନରେ ଅନେକ ଟିଏମସି ନେତାଙ୍କୁ ଦେଖିବାକୁ ମିଳିଛି। ସୋମବାର ତୃଣମୂଳ କଂଗ୍ରେସ (ଟିଏମସି) ଭିତରେ ନୂତନ ରାଜନୈତିକ ଅସ୍ଥିରତା ସୃଷ୍ଟି ହୋଇଛି, ଯେତେବେଳେ ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ବାସଭବନରେ ଅନେକ ଦଳୀୟ ନେତାଙ୍କୁ ଦେଖିବାକୁ ମିଳିଥିଲା । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମଧ୍ୟ ବୈଠକରେ ଉପସ୍ଥିତ ଥିବା ଜଣାପଡ଼ିଛି ।

## ପଶ୍ଚିମ ଏସିଆରେ ପୁଣି ବିଗୁଡ଼ିଛି ସ୍ଥିତି
# ଇରାନ ଛାଡ଼ିବାକୁ ନାଗରିକଙ୍କୁ କହିଲା ଭାରତ

ନୂଆଦିଲ୍ଲୀ,୮।୬: ପଶ୍ଚିମ ଏସିଆରେ ପୁଣି ଥରେ ଭୟଙ୍କର ଯୁଦ୍ଧ ସ୍ଥିତି ଦେଖାଯାଇଛି । ସୋମବାର ଇରାନ ଓ ଇସ୍ରାଏଲ ପରସ୍ପର ଉପରେ ପୁଣି ଥରେ ଆକ୍ରମଣ କରିଛନ୍ତି। ମଧ୍ୟପ୍ରାଚ୍ୟରେ ସ୍ଥିତି ବିଗୁଡ଼ି ଥିବାରୁ ସୋମବାର ତେହେରାନରେ ଥିବା ଭାରତୀୟ ଦୂତାବାସ ଏକ ଜରୁରୀ ପରାମର୍ଶ ଜାରି କରି ଭାରତୀୟ ନାଗରିକମାନଙ୍କୁ ଇରାନ ଯାତ୍ରା ଏଡାଇବାକୁ ଓ ଦେଶରେ ପୂର୍ବରୁ ଥିବା ଲୋକମାନଙ୍କୁ ଉପଲବ୍ଧ ପରିବହନ ବିକଳ୍ପ ମାଧ୍ୟମରେ ଶୀଘ୍ର ସେଠାରୁ ଚାଲିଆସିବାକୁ କହିଛି। ପଶ୍ଚିମ ଏସିଆରେ ଦ୍ରୁତ ଗତିରେ ବିଗୁଡୁଥିବା ସୁରକ୍ଷା ପରିସ୍ଥିତି ଓ ଗତ ୨୪ ଘଣ୍ଟା ମଧ୍ୟରେ ଦେଖାଦେଇଥିବା ସ୍ଥିତି ପରେ ଭାରତ ପକ୍ଷରୁ ନାଗରିକଙ୍କୁ ଏହି ପରାମର୍ଶ ଜାରି କରାଯାଇଛି। ଯୁଦ୍ଧବିରତି ସତ୍ତ୍ୱେ ଗତ କିଛି ଦିନ ହେଲା କ୍ଷେପଣାସ୍ତ୍ର ବିନିମୟ, ରଣନୈତିକ ଲକ୍ଷ୍ୟସ୍ଥଳ ଉପରେ ବିମାନ ଆକ୍ରମଣ ଓ ଇସ୍ରାଏଲ ଓ ଇରାନ ପରସ୍ପର ଉପରେ ଆକ୍ରମଣ ଯୋଗୁ ଇରାନ ସ୍ଥିତ ଭାରତୀୟ ଦୂତାବାସ ସମସ୍ତ ଭାରତୀୟଙ୍କୁ ଇରାନ ଯାତ୍ରା ନକରିବାକୁ ପରାମର୍ଶ ଦେଇଛି। ଯେଉଁ ଭାରତୀୟ ନାଗରିକ ଇରାନରେ ଅଛନ୍ତି ସେମାନଙ୍କୁ କୌଣସି ପ୍ରକାର ତୁରନ୍ତ ସେଠାରୁ ଚାଲି ଆସିବାକୁ କୁହାଯାଇଛି। ଫେବ୍ରୁଆରି ୨୮ରେ ଇରାନ-ଆମେରିକା ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଭାରତ ପକ୍ଷରୁ ଏହାର ନାଗରିକଙ୍କ ପାଇଁ ଅନେକ ଥର ପରାମର୍ଶ ଜାରି କରାଯାଇଛି। ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ଚାଲିଥିବା ସମୟରେ ରବିବାର ରାତିରେ ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରିଛି। ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣ ଜବାବରେ ଏହି ଆକ୍ରମଣ କରାଯାଇଥିବା ବୋଲି ଇରାନ କହିଛି।

## ରନୱେରେ ପିଟି ହେଲା ବିମାନ: ୨ ପାଇଲଟ ମୃତ

ନୂଆଦିଲ୍ଲୀ, ୮ ।୬: କାରିବିଆନ୍ ଦେଶ ଡୋମିନିକାନ୍ ରିପବ୍ଲିକରୁ ଏକ ଅତ୍ୟନ୍ତ ସ୍ତବ୍ଧ କରିଦେବା ଭଳି ଖବର ସାମ୍ନାକୁ ଆସିଛି । ଏଠାରେ ଏକ ପ୍ରାଇଭେଟ୍ ଜେଟ୍ ଅବତରଣ ସମୟରେ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଛି । ରନୱେରେ ବିମାନଟି ପିଟି ହେବା ମାତ୍ରେ ଏହା ଏକ ବିରାଟ ନିଆଁର ଗୋଲାରେ ପରିଣତ ହୋଇଯାଇଥିଲା । ଏହି କାଳରୂପୀ ଦୁର୍ଘଟଣାରେ ବିମାନର ମୁଖ୍ୟ ପାଇଲଟ୍ ଏବଂ କୋ-ପାଇଲଟଙ୍କ ଘଟଣାସ୍ଥଳରେ ହିଁ ଶୋଚନୀୟ ମୃତ୍ୟୁ ଘଟିଛି । ଏହି ଭୟାବହ ଦୃଶ୍ୟର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ଭାରତୀୟ ତୈଳ ଜାହାଜ ଉପରେ ଆକ୍ରମଣ
# ସମସ୍ତ ୨୪ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ସ୍ଥାନାନ୍ତର

ନୂଆଦିଲ୍ଲୀ,୮।୬: ହର୍ମୁଜ୍ ପ୍ରଣାଳୀ ନିକଟରେ ଏକ ତେଲ ଟ୍ୟାଙ୍କରରେ ଅଗ୍ନିକାଣ୍ଡ ଘଟିବା ପରେ ସେଥିରେ ଥିବା ସମସ୍ତ ୨୪ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଛି। ଜାହାଜ ଚଳାଚଳ ନିର୍ଦ୍ଦେଶାଳୟ ଅନୁଯାୟୀ, ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ୍ ପ୍ରଣାଳୀ ନିକଟରେ ଜଳରେ ଟ୍ୟାଙ୍କରଟି ଯାତ୍ରା କରୁଥିବା ସମୟରେ ଏହି ଘଟଣା ଘଟିଥିଲା। ଗତ କିଛି ମାସ ମଧ୍ୟରେ ଏହି ଅଞ୍ଚଳରେ ଅନେକ ଜାହାଜ ଉପରେ ଆକ୍ରମଣ ହୋଇଛି। ଏହି ଆକ୍ରମଣ ଆମେରିକୀୟ ନୌସେନା ଦ୍ୱାରା କରାଯାଇଥିବା ବିଶ୍ୱାସ କରାଯାଉଛି, ଯଦିଓ ଏହା ସରକାରୀ ଭାବରେ ନିଶ୍ଚିତ ହୋଇନାହିଁ। ଅଧିକାରୀ ମାନେ କହିଛନ୍ତି ଯେ, ଜାହାଜରେ ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କ୍ରୁ ସଦସ୍ୟଙ୍କୁ ସ୍ଥାନାନ୍ତର କରାଯାଇଥିଲା।

## ପୁଣି ମଧ୍ୟପ୍ରାଚ୍ୟରେ ଘମାଘୋଟ ଯୁଦ୍ଧ
# ପରସ୍ପରକୁ ମିସାଇଲ ମାଡ଼ କଲେ ଇରାନ ଓ ଇସ୍ରାଏଲ



ନୂଆଦିଲ୍ଲୀ,୮।୬: ପୁଣି ଅଶାନ୍ତ ହୋଇ ଉଠିଛି ମଧ୍ୟପ୍ରାଚ୍ୟ। ପରସ୍ପରକୁ ମିସାଇଲ ମାଡ଼ କରିଛନ୍ତି ଇରାନ ଓ ଇସ୍ରାଏଲ। ତେହରାନର ମିସାଇଲ ଆକ୍ରମଣର ଜବାବ ଦେବାକୁ ଯାଇ ଆଜି ଇସ୍ରାଏଲ ପକ୍ଷରୁ କେନ୍ଦ୍ରୀୟ ଓ ପଶ୍ଚିମ ଇରାନରେ ଆକ୍ରମଣ କରାଯାଇଛି। ଇରାନ ଓ ଆମେରିକା ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଚାଲିଥିବା ବେଳେ ଏପରି ଘଟଣା ପୂରା ସ୍ଥିତିକୁ ବିଗାଡ଼ି ଦେଇଛି। ଇରାନ ଗଣମାଧ୍ୟମ ଅନୁଯାୟୀ, ତେହରାନରେ ୨ଟି ବିସ୍ଫୋରଣ ହୋଇଥିବା ବେଳେ ଇସଫାହାନ, କରାଜ ଓ ତାବ୍ରିଜରେ ଗୋଟିଏ ଲେଖାଏଁ ବିସ୍ଫୋରଣ ଘଟିଛି। ଏହାପରେ ଇସ୍ରାଏଲ ସେନା ଦାବି କରିଛି ଯେ ସେମାନେ ଇରାନର ମହଶହରରେ ଥିବା ଗୋଟିଏ ପେଟ୍ରୋଲକେମିକାଲ ପ୍ଲାଣ୍ଟକୁ ମିସାଇଲ ମାଡ଼ରେ ଧ୍ୱଂସ କରି ଦେଇଛନ୍ତି। ଏହାର ଜବାବରେ ଇରାନର ରେଭ୍ୟୁଲେସନାରୀ ଗାର୍ଡ ପକ୍ଷରୁ ନେଭାଟିମ ଓ ତେଲ ନୋଫରେ ଥିବା ଇସ୍ରାଏଲ ଏୟାବେସକୁ ଟାର୍ଗେଟ କରାଯାଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ଇରାନ ପକ୍ଷରୁ ଇମାମ ଖୋମେଇନି ଅର୍ନ୍ତଜାତୀୟ ଏୟାରପୋର୍ଟର ଆଖପାଖ ଅଞ୍ଚଳରେ ବାୟୁସୀମାକୁ ସିଲ କରିଦିଆଯାଇଛି। ଏଥିଯୋଗୁ ଅନ୍ତର୍ଜାତୀୟ ବିମାନବନ୍ଦରେ ସେବା ବନ୍ଦ ହୋଇଛି। ଏବେ ଇରାନ ପକ୍ଷରୁ ଗଲ୍ଫରେ ଥିବା ସମସ୍ତ ଆମେରିକୀୟ ବେସ୍ ଉପରେ ଆକ୍ରମଣ କରିବାକୁ ଯୋଜନା କରାଯାଉଛି। ଏହାକୁ ନେଇ ମଧ୍ୟପ୍ରାଚ୍ୟ ସ୍ଥିତି ଅସମ୍ଭାଳ ହୋଇଯାଇଛି। ଏପ୍ରିଲ ମାସ ପରେ ଇରାନ ଓ ଇସ୍ରାଏଲ ପରସ୍ପରକୁ ପ୍ରଥମଥର ପାଇଁ ମିସାଇଲ ମାଡ଼ କରିଛନ୍ତି। ଏପ୍ରିଲ ୮ରେ ଆମେରିକା ଯୁଦ୍ଧ ବିରତି ଲାଗୁ କରିବା ପରେ ସ୍ଥିତିରେ ସୁଧାର ଆସିଥିଲା। ହେଲେ ଦିନକ ତଳେ ଇସ୍ରାଏଲ ପକ୍ଷରୁ ବିରୁଟ ଉପକଣ୍ଠରେ ହମଲା କରାଯାଇଥିଲା। ଆମେରିକାର ତାଗିଦ ସତ୍ତ୍ୱେ ଇସ୍ରାଏଲ ଏପରି ପଦକ୍ଷେପ ନେଇଥିଲା। ଇସ୍ରାଏଲ ସେନା ବିରୁଟରେ ହମଲା କରିବାରୁ ତେଲ ଅଭିଭକୁ ଟାର୍ଗେଟ କରିଥିଲା ଇରାନ। ତେବେ ଏଥିରେ କୌଣସି କ୍ଷୟକ୍ଷତିର ରିପୋର୍ଟ ଆସି ନଥିଲା। ଇରାନ ରବିବାର ମିସାଲ ମାଡ଼ କରିଥିବାରୁ ସୋମବାର ଭୋରରୁ ଇସ୍ରାଏଲ ଏହାର ଜବାବ ଦେଇଛି। ଫଳରେ ପୁଣି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି।

## ଇରାନ-ଇସ୍ରାଏଲକୁ ଟ୍ରମ୍ପଙ୍କ କଡ଼ା ଚେତାବନୀ
# ତୁରନ୍ତ ବନ୍ଦ ଗର ଗୁଳିବିନିମୟ



ପରସ୍ପର ଉପରେ ଗୁଳି ଚଳାଇବା ବନ୍ଦ କରିବା ଉଚିତ୍। ଆମେରିକୀୟ ଗଣମାଧ୍ୟମ ରିପୋର୍ଟ କରିଛି ଯେ ରବିବାର ଇରାନ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିବା ପରେ, ଟ୍ରମ୍ପ ନେତାନ୍ୟାହୁଙ୍କ ସହ କଥା ହୋଇ ନିଶ୍ଚିତ କରିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ନୂତନ ଉତ୍ତେଜନା ଶାନ୍ତି ଚୁକ୍ତିକୁ ପ୍ରଭାବିତ କରିବ ନାହିଁ। ଟ୍ରମ୍ପ ମଧ୍ୟ ଇରାନକୁ ଆଲୋଚନା ଟେବୁଲକୁ ଫେରିବାକୁ ଅନୁରୋଧ କରିଛନ୍ତି।

ନୂଆଦିଲ୍ଲୀ, ୮।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟପ୍ରାଚ୍ୟରେ ଶାନ୍ତି ପାଇଁ ଇସ୍ରାଏଲ ଏବଂ ଇରାନକୁ ଆକ୍ରମଣ ବନ୍ଦ କରିବାକୁ ଆହ୍ୱାନ କରିଛନ୍ତି। ଟ୍ରମ୍ପ ଟ୍ରୁଥ ସୋସିଆଲରେ ପୋଷ୍ଟ କରି ଲେଖିଛନ୍ତି ଯେ ଇସ୍ରାଏଲ ଏବଂ ଇରାନ ତୁରନ୍ତ

### ସହାୟତା ନାଁରେ ହୋଟେଲରେ ଯୁବତୀଙ୍କୁ ଦୁଷ୍କର୍ମ

# ଜିରୋ ଏଫ୍ଆଇଆରରେ ଆକ୍ସନ୍ ନେଲା ଧଉଳି ପୋଲିସ

ଭୁବନେଶ୍ୱର(ନିପ୍ର): ଜଣେ ଯୁବତୀଙ୍କୁ ଚାକିରି ଦେବାର ପ୍ରତିଶ୍ରୁତି ଦେଇ ତାଙ୍କ ସହ ପରିଚୟ ବଢ଼ାଇ ପରବର୍ତ୍ତୀ ସମୟରେ ତାଙ୍କୁ ପୋଲିସର ଭୟ ଦେଖାଇ ବଳାତ୍କାର କରିବା ମାମଲାରେ ଧଉଳି ଥାନା ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣଙ୍କ ହେଉଛନ୍ତି, ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଅଞ୍ଚଳର ହିମାଂଶୁ ସାମଲ ଓରଫ ଜିତୁ (୩୬) । ତାଙ୍କ ଠାରୁ ପୋଲିସ ୨ଟି ମୋବାଇଲ ଫୋନ ଏବଂ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି । ଜିତୁ ନିୟମିତ ଭାବେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ବୁଲି ଚାକିରି ଆଶାୟୀ ଯୁବକ ଯୁବତୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ କରୁଥିବା ନେଇ ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ଏନେଇ ପୋଲିସ ଅନ୍ୟଏକ ମାମଲା କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୋମବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତେବେ ଯୁବତୀ ଜଣଙ୍କୁ ଅଭିଯୁକ୍ତ ଜିତୁ ପିପିଲି ଅଞ୍ଚଳକୁ ନେଇ ସେଠାରେ ଥିବା ଏକ ହୋଟେଲରେ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା । କିନ୍ତୁ ଯେହେତୁ ଯୁବତୀ ଜଣଙ୍କ ଧଉଳି ଅଞ୍ଚଳରେ ଥିବା ଏକ ହଷ୍ଟେଲରେ ରହୁଥିଲେ ମଧ୍ୟ ଘଟଣା ଘଟିବା ପରେ ସେ ଧଉଳି ଥାନାକୁ ଆସି ଅଭିଯୋଗ କରିଥିଲେ, ତେଣୁ ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୋଲିସ ଧଉଳି ପୋଲିସ ଜିରୋ ଏଫଆଇଆର ଆଧାରରେ ମାମଲା ରୁଜୁ କରି ଜିତୁକୁ ଗିରଫ କରିଥିବା ଡିସିପି ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଭୁବନେଶ୍ୱରର ଜଣେ ୨୩ ବର୍ଷୀୟା ଯୁବତୀ ଚାକିରି ଖୋଜୁଥିବା ବେଳେ ଏକ ଠକେଇର ଶିକାର ହୋଇଥିଲେ । ଚାକିରି ଦେବା ନାଁରେ ଜଣେ ବ୍ୟକ୍ତି ତାଙ୍କଠାରୁ ୩୦ ହଜାର ଟଙ୍କା ନେଇଥିଲେ । ଏହି ଘଟଣାରେ ଅସୁବିଧାରେ ପଡ଼ିଥିବା ଯୁବତୀ ଓ ତାଙ୍କ ମା' ସହାୟତା ପାଇଁ ଜିତୁ ସାମଲଙ୍କ ସହ ଯୋଗାଯୋଗ କରିଥିଲେ । ଅଭିଯୋଗ ଅନୁସାରେ, ଜିତୁ ଏହି ପରିସ୍ଥିତିର ସୁଯୋଗ ନେଇ ନିଜକୁ ପୋଲିସ ଅଧିକାରୀ ପରି ପରିଚୟ ଦେଇ ଯୁବତୀ ଓ ତାଙ୍କ ପରିବାରକୁ ଭୟଭୀତ କରିଥିଲେ । ପରେ ସମସ୍ୟାର ସମାଧାନ କରିଦେବେ ବୋଲି ବିଶ୍ୱାସ ଦେଇ ଯୁବତୀଙ୍କୁ ପିପିଲି ନେଇଥିଲେ । ସେଠାରେ ଥାନାକୁ ନେବା ବଦଳରେ ଏକ ହୋଟେଲରେ ରଖିଥିଲେ । ରାତିରେ ଯୁବତୀଙ୍କ ଇଚ୍ଛା ବିରୋଧରେ ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଘଟଣା ପରଦିନ କାହାକୁ ନ କହିବା ପାଇଁ ଧମକ ମଧ୍ୟ ଦେଇଥିଲେ ଅଭିଯୁକ୍ତ । ଏନେଇ ପୀଡ଼ିତା ଧଉଳି ଥାନାରେ ଅଭିଯୋଗ କରିବା ପରେ ପୁଲିସ ତୁରନ୍ତ ଆକ୍ସନ ମୋଡକୁ ଆସିଥିଲା । ଘଟଣାଟି ପିପିଲି ଥାନା ଅଞ୍ଚଳରେ ଘଟିଥିଲେ ମଧ୍ୟ ମାମଲାର ଗୁରୁତ୍ୱ ଓ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଧଉଳି ପୁଲିସ ଜିରୋ ଏଫଆଇଆର ଆଧାରରେ ମାମଲା ରୁଜୁ କରିଥିଲା । ପରେ ଫେରାର ହେବାକୁ ଉଦ୍ୟମ କରୁଥିବା ଅଭିଯୁକ୍ତକୁ ଧଉଳି ଥାନା ପୋଲିସ ଗିରଫ କରିଛି । ଅଭିଯୁକ୍ତକୁ ହେପାଜତକୁ ନିଆଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଜାରି ରହିଛି । ଏହି ଘଟଣା ପୁଣିଥରେ ଦେଖାଇଛି ଯେ, ସହାୟତା ଓ ବିଶ୍ୱାସର ନାଁରେ କିପରି କିଛି ଅସାମାଜିକ ବ୍ୟକ୍ତି ଲୋକଙ୍କ ଦୁର୍ବଳତାର ସୁଯୋଗ ନେଇ ଅପରାଧ ଘଟାଉଛନ୍ତି । ପୁଲିସର ତ୍ୱରିତ ପଦକ୍ଷେପ ଫଳରେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ତଦନ୍ତ ଜାରି ରହିଛି । ଏହି ଦୁଷ୍କର୍ମ ଘଟଣାରେ ଆଉ କେଉଁମାନଙ୍କ ସଂପୃକ୍ତି ରହିଛି କି ନାହିଁ ତାର ଖୋଳତାଡ କରୁଛି ଧଉଳି ଥାନା ପୋଲିସ ।

**ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ**

### ଜଙ୍ଗଲରେ ଟ୍ରାପ୍ କ୍ୟାମେରା ଯୋଗୁଁ ଧରାପଡିଲେ ଶିକାରୀ

# ୨ ଦେଶୀ ବନ୍ଧୁକ ସହ ୬ ଅଭିଯୁକ୍ତ ଶିକାରୀ ଗିରଫ



କୁଚିଣ୍ଡା(ନିପ୍ର): ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବଡ଼ରମା ବନ୍ୟପ୍ରାଣୀ ଅଭୟାରଣ୍ୟରେ ଶିକାର ରୋକିବା ପାଇଁ ଟ୍ରାପ୍ କ୍ୟାମେରା ଲଗାଯାଇଥିଲା । ସେଥିରୁ କିଛି କ୍ୟାମେରା ଚୋରି ହୋଇଯାଇଥିଲା । ଏହାର ତଦନ୍ତ କରିବା ସମୟରେ ଏକ ବଡ଼ ଧରଣର ଶିକାରୀ ଦଳକୁ ଗିରଫ କରାଯାଇଛି । ଅଭୟାରଣ୍ୟ ଭିତରେ ଖଞ୍ଜାଯାଇଥିବା ଏହି ଗୁପ୍ତ କ୍ୟାମେରାରେ କିଛି ଅଭିଯୁକ୍ତ ବନ୍ୟ ଜନ୍ତୁର ମୃତଦେହ ଏବଂ ଦେଶୀ ବନ୍ଧୁକ ସହ ଚଲାବୁଲା କରୁଥିବାର ଦୃଶ୍ୟ କଏଦ ହୋଇଥିଲା । ଏହାପରେ ବାମରା ବନ୍ୟପ୍ରାଣୀ ବନଖଣ୍ଡର ଡିଏଫଓ ବିକ୍ରମଦେବ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ଆଲୋକ କୁମାର ଷଡ଼ଙ୍ଗୀ ଓ ବଡ଼ରମା ବନ୍ୟପ୍ରାଣୀ ରେଞ୍ଜ ଅଫିସର ଗିରିଧାରୀ ପ୍ରଧାନଙ୍କ ନେତୃତ୍ୱରେ ଟ୍ରାପ କ୍ୟାମେରା ଯାଞ୍ଚ ପରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଥିଲା । ପରିଚୟ ସ୍ପଷ୍ଟ ହେବା ପରେ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ଏହି କ୍ରମରେ ଆଜି ବଡ଼ରମା ବନ୍ୟପ୍ରାଣୀ ରେଞ୍ଜ ଅଫିସର ଓ ତାଙ୍କ କର୍ମଚାରୀମାନେ ଏକ ମିଳିତ ଚଢ଼ାଉ କରି ବଡ଼ରମା ଅଭୟାରଣ୍ୟ ଅନ୍ତର୍ଗତ ଓଡ଼ସିଂ ଏବଂ ଲାଇଝର ଗ୍ରାମରୁ ୯ ଜଣ ବ୍ୟକ୍ତିଙ୍କୁ ଧରି ଆଣି ପଚରା ଉଚୁରା କରିଥିଲେ । ଏଥିମଧ୍ୟରୁ ୩ ଜଣଙ୍କୁ ଘଟଣାରେ ସଂଶ୍ଲିଷ୍ଟ ନ ଥିବା ଅନୁମାନ କରି ଛାଡ଼ି ଦିଆଯାଇଛି । ଅନ୍ୟ ୬ ଜଣ ଅଭିଯୁକ୍ତ ଶିକାରୀଙ୍କୁ ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଓଡ଼ସିଂ ଗ୍ରାମର ଅରୁଣ ମାଝୀ, ଅଭୟ ମାଝୀ, ଗଣେଶ ପଟ୍ଟା, ସୁରେନ୍ଦ୍ର ପ୍ରଧାନ, କୁବେର ଖଣ୍ଡା, ଲାଇଝର ଗ୍ରାମର ମନୋଜ କୁଅଁର । ସେମାନଙ୍କ ପାଖରୁ ୨ଟି ଦେଶୀ ବନ୍ଧୁକ ଜବତ କରାଯାଇଛି । ବନ୍ୟପ୍ରାଣୀ ସଂରକ୍ଷଣ ଆଇନ, ୧୯୭୨ ଅନୁଯାୟୀ ଅଭିଯୁକ୍ତମାନଙ୍କ ବିରୋଧରେ କେସ୍ ନମ୍ବର ୨୦ ବିଡି, ୨୦୨୬-୨୭ ମାମଲା ରୁଜୁ କରାଯାଇଛି । ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ଫାଶୀମାଲ୍ ଡାକ୍ତରଖାନା ରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୁଚିଣ୍ଡା ଏସଡିଜେଏମ କୋର୍ଟକୁ ଚାଲାଣ କରାଯାଇଛି ।

## ଜଳିଗଲା ଚଳନ୍ତା ଆମ୍ବୁଲାନ୍ସ, ରୋଗୀ ଓ ଗାଡ଼ି କର୍ମଚାରୀ ସୁରକ୍ଷିତ

କଟକ(ନିପ୍ର): ଜଳିଗଲା ଚଳନ୍ତା ଆମ୍ବୁଲାନ୍ସ । ରୋଗୀ ଓ ଗାଡ଼ି କର୍ମଚାରୀ ସୁରକ୍ଷିତ । କଟକ ଖାନନଗର ଛକ ନିକଟରେ ଦୁର୍ଘଟଣା । ରବିବାର ବିଳମ୍ବିତ ରାତ୍ରିରେ ଆମ୍ବୁଲାନ୍ସଟି ଖାନନଗର ନୂଆ ବସଷ୍ଟାଣ୍ଡ ନିକଟରେ ପାର୍କିଂ କରିଥିଲା । ହଠାତ୍ ରାସ୍ତା ଉପରେ ନିଆଁ ଲାଗିଯାଇଥିଲା । ଏ ସମ୍ପର୍କରେ ପୋଲିସ କଣ୍ଟ୍ରୋଲ ରୁମରୁ ଖବରପାଇ ତୁରନ୍ତ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ । ତେବେ ନିଆଁ କିପରି ଲାଗିଲା କାରଣ ଅସ୍ପଷ୍ଟ ରହିଛି ବୋଲି ଅଗ୍ନିଶମ କର୍ମଚାରୀଙ୍କ ଠାରୁ ପ୍ରକାଶ ।

---

### ଆଳି ଗୌରାଙ୍ଗ ସେଠୀ ହତ୍ୟା ଘଟଣା

## ମୁଖ୍ୟ ଅଭିଯୁକ୍ତ ଗିରଫ: ମାରଣାସ୍ତ୍ର ଜବତ

କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଚର୍ଚ୍ଚିତ ଗୌରାଙ୍ଗ ସେଠୀ ହତ୍ୟାକାଣ୍ଡ ମାମଲାରେ ପୋଲିସକୁ ମିଳିଛି ବଡ଼ ସଫଳତା । ଘଟଣାର ମୁଖ୍ୟ ଆସାମୀମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିବା ବେଳେ, ହତ୍ୟାକାଣ୍ଡରେ ବ୍ୟବହୃତ ମରଣାସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀକୁ ମଧ୍ୟ ଜବତ କରିଛି ପୋଲିସ । ତେବେ ଏହି ମାମଲାରେ ଆହୁରି କିଛି ଆସାମୀ ଫେରାର ଥିବା ସୂଚନା ମିଳିଛି । ଗତ ମେ ୨୬ ତାରିଖରେ ଗାଡ଼ି କାଚ ଭାଙ୍ଗିବା ଘଟଣାକୁ କେନ୍ଦ୍ର କରି ଗୌରାଙ୍ଗ ସେଠୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଘଟଣା ପରେ ଦୁର୍ବୃତ୍ତମାନେ ଶବକୁ ଲୁଚାଇ ଦେଇଥିବା ବେଳେ, ପ୍ରାୟ ୧୦ ଦିନ ପରେ ଆଳି ଅଞ୍ଚଳର ପେଡପଡ଼ା ନିକଟସ୍ଥ ନମାଣିଆ ବିଲରୁ ମୃତଦେହ ଉଦ୍ଧାର ହୋଇଥିଲା । ଏହି ହତ୍ୟାକାଣ୍ଡରେ ଦୁର୍ବୃତ୍ତମାନେ ଏକ ନାଲି ରଙ୍ଗର ବୋଲେରୋ ଗାଡ଼ି ବ୍ୟବହାର କରିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି । ମାମଲାର ଲାଲ ରଙ୍ଗର ବୋଲେରୋ ଗାଡ଼ି (ନଂ ଓଡି-୦୨ ଇ-୪୬୪୪), ସିଜ ହୋଇଥିବା ସହ ୭ଟି ମୋବାଇଲ ଫୋନ ସହ ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତ ଲାଗିଥିବା ଲୁହା ରଡ୍, ବାଉଁଶ ବାଡ଼ି, ଏବଂ ଭଙ୍ଗା କାଚର ମଦ ବୋତଲ ଜବତ କରିଥିଲା । ଆଜି ଏହି ମାମଲାରେ ପ୍ରତାପ ମହାକୁଡ଼, ମନୋଜ ସାହୁ ଓରଫ ମାନିଆ (ସରପଞ୍ଚଙ୍କ ସ୍ୱାମୀ), ନଳିନୀକାନ୍ତ ସାହୁ ଓରଫ ବୟା ସାହୁ, ସଞ୍ଜୟ କବି ଓରଫ ବିକି, ବବୁଲୁ ଦାସ, ବବୁଲୁ ମହାକୁଡ଼, ଲିପୁ ମହାକୁଡ଼ ଏବଂ ଟୁଟୁନି ମହାକୁଡ଼ ଓରଫ ପ୍ରେମୋଜ ମହାକୁଡ଼ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସୂଚନା ଅନୁଯାୟୀ, ଏହି ମାମଲାରେ ଆହୁରି ୪ଜଣ ଆସାମୀ ଫେରାର ଅଛନ୍ତି ଏବଂ ସେମାନଙ୍କୁ ଧରିବା ପାଇଁ ପୋଲିସର ଚଢ଼ାଉ ଜାରି ରହିଛି । ତେବେ ଗୌରାଙ୍ଗ ସେଠୀ ହତ୍ୟାକାଣ୍ଡରେ ପୋଲିସର ଏହି ସଫଳତା ପରେ ମଧ ଫେରାର ଆସାମୀମାନଙ୍କ ଗିରଫକୁ ନେଇ ସମସ୍ତଙ୍କ ନଜର ରହିଛି । ବର୍ତ୍ତମାନ ପୋଲିସ ତଦନ୍ତ ଜାରି ରଖିଛି ।

---

## ବେଆଇନ ପଥରଚାଲାଣ କରି ଚାଳକ ଗିରଫ

ଭୁବନେଶ୍ୱର(ନିପ୍ର): ବେଆଇନ ପଥର ଚାଲାଣ କରୁଥିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଜଣେ ଟ୍ରକ୍ ଚାଳକଙ୍କୁ ଗିରଫ କରିଛି । ଗିରଫ ଟ୍ରକ ଚାଳକଙ୍କ ନାମ ପ୍ରକାଶ ବେହେରା (୨୫) ଓ ତାଙ୍କ ଘର ଚନ୍ଦକା ମେଣ୍ଢାଶାଳରେ ବୋଲି ଜଣାପଡ଼ିଛି । ଏନେଇ ଚନ୍ଦକା ଥାନାର ଏସଆଇ ଜ୍ୟୋସ୍ନାରାଣୀ ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ରବିବାର ସନ୍ଧ୍ୟା ପ୍ରାୟ ୬ଟା୪୫ ମିନିଟ ସମୟରେ ଏସଆଇ ଜ୍ୟୋସ୍ନାରାଣୀ ପ୍ରଧାନ ଅନ୍ୟ ପୋଲିସ କର୍ମଚାରୀମାନଙ୍କ ସହ ଆଇଆଇସି, ଚନ୍ଦକା ଥାନାଙ୍କ ନିର୍ଦ୍ଦେଶକ୍ରମେ ସନ୍ଧ୍ୟାକାଳୀନ ପାଟ୍ରୋଲିଂ, ଯାନବାହନ ଯାଞ୍ଚ, ବେଆଇନ ଖଣି ଚଢ଼ାଉ ଓ ଅବକାରୀ ଚଢ଼ାଉ କାର୍ଯ୍ୟରେ ନିୟୋଜିତ ଥିବାବେଳେ ଓରଙ୍ଗ ଅଞ୍ଚଳରୁ ଛତାବର ଅଭିମୁଖେ ଏକ ଟ୍ରକ ଯୋଗେ ବିନା ବୈଧ କାଗଜପତ୍ରରେ ଲେଟେରାଇଟ ପଥର ପରିବହନ କରାଯାଉଥିବା ସଂପର୍କରେ ନିର୍ଭରଯୋଗ୍ୟ ସୂଚନା ପାଇଥିଲେ । ଏହାପରେ ପୋଲିସ ଦଳ ମହୁଲା ଛକ ନିକଟରେ ନଜର ରଖି ସନ୍ଦିଗ୍ଧ ଟ୍ରକକୁ ପିଛା କରି ଅଟକାଇଥିଲେ । ଯାଞ୍ଚ ସମୟରେ ଗାଡ଼ି ଚାଳକ ଚନ୍ଦକା ଥାନା ଅନ୍ତର୍ଗତ ମେଣ୍ଢାଶାଳ ଗ୍ରାମର ପ୍ରକାଶ ବେହେରା ବୋଲି ନିଜର ପରିଚୟ ଦେଇଥିଲେ ।

### ଓସିଏସ୍ ପ୍ରିଲିମ୍ସରେ ଚଞ୍ଚକତା

# ମୋବାଇଲ୍ ଓ ଇଅରଫୋନ୍ ବ୍ୟବହାର: ୪ ଗିରଫ



କଟକ(ନିପ୍ର): କଟକ ସିଡିଏରେ ଏକ ଘରୋଇ କଲେଜରେ ଓସିଏସ୍ ପ୍ରିଲିମ୍ସ ପରୀକ୍ଷା ଚାଲୁଥିବା ବେଳେ ଜଣେ ପ୍ରାର୍ଥୀଙ୍କ ଚଞ୍ଚକତା ଧରାପଡ଼ିଛି । ଅନ୍ତବସ୍ତ୍ର ଭିତରେ ମୋବାଇଲ୍ ଲୁଚାଇ ଆଣିବା ସହିତ ଇଅରଫୋନ୍ ବ୍ୟବହାର କରୁଥିବା ବେଳେ ଉକ୍ତ ପ୍ରାର୍ଥୀଙ୍କୁ ପରୀକ୍ଷାକେନ୍ଦ୍ରରେ ଧରାଯାଇଛି । ତାଙ୍କୁ ଏଭଳି କାମରେ ସହଯୋଗ କରୁଥିବା ଆଉ ୩ ଜଣଙ୍କୁ ଧରିବା ପରେ ମର୍କତନଗର ଥାନା ପୁଲିସର ଜିମା ଦିଆଯାଇଛି । ଏହି ଘଟଣାକୁ ନେଇ ଓପିଏସ୍‌ସି ପକ୍ଷରୁ ସଂପୃକ୍ତ ପ୍ରାର୍ଥୀଙ୍କୁ ପରୀକ୍ଷା ଦେବାରୁ ବାଦ୍ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ଓଡ଼ିଶା ସିଭିଲ ସର୍ଭିସ୍ ପ୍ରିଲିମ୍ସ ପରୀକ୍ଷା ରବିବାର ବିଭିନ୍ନ ସ୍ଥାନରେ ହେଉଥିବା ବେଳେ କଟକର ସିଡିଏର ଏକ ଘରୋଇ ଇଂଜିନିୟରିଂ କଲେଜରେ ପରୀକ୍ଷା ହେଉଥିଲା । ତେବେ ପରୀକ୍ଷା ହଲ୍‌ରେ ଅବିନାଶ ରାଉତ ନାମକ ପ୍ରାର୍ଥୀ ଅନ୍ତଃବସ୍ତ୍ରରେ ମୋବାଇଲ୍ ଫୋନ୍ ରଖିଥିଲେ । ଏହା ସହିତ କାନରେ ଇଅରଫୋନ୍ ଲଗାଇଥିଲେ । ସିଡିଏ ଓ ବାଦାମବାଡ଼ି ଅଞ୍ଚଳରେ ତାଙ୍କର ସହଯୋଗୀ ସୌମ୍ୟରଂଜନ ସାହୁ, ଆଲେକ୍ସ, ରୂପେଶ ଛକି ରହିଥିଲେ । ପରୀକ୍ଷାକେନ୍ଦ୍ରରେ ଅବିନାଶ ପ୍ରଶ୍ନଗୁଡ଼ିକୁ ବଡ଼ ପାଟିରେ ପଢୁଥିଲେ । ବାହାରେ ଥିବା ତାଙ୍କର ତିନି ସହଯୋଗୀ ତାଙ୍କୁ ଉତ୍ତର ଡାକୁଥିଲେ । ଇଅରଫୋନ୍‌ରେ ଉତ୍ତର ଶୁଣି ଅବିନାଶ ଲେଖୁଥିଲେ । ତେବେ ବଡ଼ ପାଟିରେ ପ୍ରଶ୍ନ ବାରମ୍ବାର ପଢୁଥିବାରୁ ପରୀକ୍ଷକଙ୍କର ସନ୍ଦେହ ହୋଇଥିଲା । ଫଳରେ ସେ ଯାଞ୍ଚ କରିବାରୁ ଅବିନାଶଙ୍କ କାରନାମା ଜଣାପଡ଼ିଥିଲା । ତାଙ୍କୁ ମର୍କତନଗର ଥାନା ପୁଲିସ ଜିମା ଦିଆଯାଇଥିଲା । ପୁଲିସ ତାଙ୍କ ମୋବାଇଲ୍ ଫୋନ୍ ଯାଞ୍ଚ କରିବାରୁ ୩ ସହଯୋଗୀଙ୍କ ନାମ ପଦାକୁ ଆସିଥିଲା । ପୁଲିସ ଅବିନାଶଙ୍କ ସମେତ ତାଙ୍କର ୩ ସହଯୋଗୀଙ୍କୁ ପଚରାଉଚୁରା ପରେ ଗିରଫ କରିଛି । କେନ୍ଦ୍ର କର୍ତ୍ତୃପକ୍ଷ ଏ ନେଇ ଥାନାରେ ଏତଲା ଦେଇଛନ୍ତି । ସେହି ଆଧାରରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଉଲ୍ଲେଖଯୋଗ୍ୟ, ଅବିନାଶ ଏସ୍‌ସିବି ମେଡିକାଲ୍‌ରେ ଏକ ଆଉଟସୋର୍ସିଂ ସଂସ୍ଥା ମାଧ୍ୟମରେ କାର୍ଯ୍ୟରତ ଅଛନ୍ତି । ଗିରଫ ପରୀକ୍ଷାର୍ଥୀ ଅବିନାଶର ଘର ଚାଉଳିଆଗଞ୍ଜ ହୋଇଥିବା ବେଳେ ଅନ୍ୟ ୨ ଜଣ ଜଣେ ଢେଙ୍କାନାଳର ଓ ଅନ୍ୟ ଜଣେ ଝାଡ଼ଖଣ୍ଡର ଓ ସେମାନେ ସିଡିଏ ଅଂଚଳରେ ଭଡାରେ ରହି କମ୍ପିଟେଟିଭ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି ।

### ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ

# ମିଳିଲାଣି ୧ କେଜି ସୁନା, ୫ଟି ଆଲିସାନ କୋଠା ଓ ୧୪ ପ୍ଲଟ



କଟକ(ନିପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରାଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଚାଲିଥିବା ଭିଜିଲାନ୍ସ ତଦନ୍ତ ସମୟରେ ପୁଣି ବିପୁଳ ପରିମାଣର ସୁନା ରୁପା ଠାବ ହୋଇଛି । ଗତକାଲି ଗିରଫ ହୋଇଥିବା ଶ୍ରୀ ବେହେରାଙ୍କ ସମ୍ପତ୍ତି ସମ୍ପର୍କିତ ଖୋଜାଖୋଜି ବେଳେ ଆଜି ପଞ୍ଚମ ବ୍ୟାଙ୍କ ଲକରରୁ ଆଉ ୭୦୩ ଗ୍ରାମ ସୁନା ଅଳଙ୍କାର ଏବଂ ୩୭୫ ଗ୍ରାମ ରୂପା ଅଳଙ୍କାର ଜବତ କରାଯାଇଛି । ତାଙ୍କ ନିକଟରୁ ଏ ପର୍ଯ୍ୟନ୍ତ ମୋଟ ୧ କିଲୋ ୨୫୫ଗ୍ରାମ ସୁନା ଠାବ ହୋଇଥିବା ଜଣାପଡ଼ିଛି । ଏହା ପୂର୍ବରୁ ତାଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ କରାଯାଇ ବହୁ ମୂଲ୍ୟବାନ ସମ୍ପତ୍ତି ମଧ୍ୟରେ ୫ ଟି ଆଲିସାନ କୋଠା, ୧୪ ଟି ପ୍ଲଟ, ଲକରରୁ ଦୁଇ କୋଟିର ନଗଦ ଅର୍ଥ ଓ ବ୍ୟାଙ୍କ ଜମାର ସନ୍ଧାନ ମିଳିଥିଲା । ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ, ଆୟବହିର୍ଭୂତ ସମ୍ପତ୍ତି ମାମଲାରେ ତଦନ୍ତ ଜାରି ରହିଛି ଏବଂ ଜବତ ସମ୍ପତ୍ତିର ମୂଲ୍ୟାଙ୍କନ ସହ ଆର୍ଥିକ କାରବାରର ଯାଞ୍ଚ କରାଯାଉଛି । ତଦନ୍ତ ଶେଷ ପରେ ଆହୁରି ସମ୍ପତ୍ତି ପରିମାଣ ବଢିବ ବୋଲି ଆଶଙ୍କା କରାଯାଉଛି ।

### ଭିଜିଲାନ୍ସ ଜାଲରେ ଆଉ ଜଣେ ବାବୁଆଣି

## ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଭିବିଜି-ରାମଜି ଆସିଷ୍ଟାଣ୍ଟ



ଭବାନୀପାଟଣା(ନିପ୍ର): କଳାହାଣ୍ଡି ଜିଲ୍ଲାରେ ପୁଣି ଏକ ଦୁର୍ନୀତି ଘଟଣା ସାମ୍ନାକୁ ଆସିଛି । ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗର ଭିବିଜି-ରାମଜି ଆସିଷ୍ଟାଣ୍ଟ ପ୍ରିୟଙ୍କା ଜେନାଙ୍କୁ ୩୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ, ଭିଜିଲାନ୍ସ ରଙ୍ଗେହାତ ଧରିଛନ୍ତି । ଅଭିଯୋଗ ଅନୁଯାୟୀ,ଏକ ଫାର୍ମ ପଣ୍ଡ (ପୋଖରୀ) କାମ ଶେଷ ହେବା ପରେ ବିଲ୍ ପାସ୍ କରାଇଦେବା ନାଁରେ ସେ ଜଣେ ହିତାଧିକାରୀଙ୍କଠାରୁ ପିସି ଦାବି କରିଥିଲେ । ବିଲ୍ ପାସ୍ ପାଇଁ ୩୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭବାନୀପାଟଣା, ଇରିଗେସନ କଲୋନୀ ଛକ ନିକଟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲେ । ଘଟଣା ପରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

# ଅର୍ଜୁନ ହତ୍ୟାକାଣ୍ଡକୁ ପୂରିବ ୨୦ ଦିନ: ପୋଲିସ ହାତ ଖାଲି

### ହତ୍ୟାକାରୀଙ୍କୁ ଧରିବା ପାଇଁ ସ୍ତ୍ରୀ ପୋଲିସ କମିଶନର ଓ ମାନବାଧିକାରଙ୍କ ଦ୍ୱାରସ୍ଥ



ପିପିଲି(ନିପ୍ର): ସ୍ୱାମୀର ହତ୍ୟାକାରୀମାନଙ୍କୁ ଗିରଫ ଦାବିରେ ସ୍ତ୍ରୀ ସୋମବାର ଦିନ ପୋଲିସ କମିଶନର ଭୁବନେଶ୍ୱର ଏବଂ ମାନବାଧିକାର କମିଶନର ଓଡିଶାଙ୍କ ନିକଟରେ ଅଭିଯୋଗ କରିଥିବା ସୂଚନା ମିଳିଛି । ମୃତ ଅର୍ଜୁନ ମଲ୍ଲିକଙ୍କ ସ୍ତ୍ରୀ ସସ୍ମିତା ମଲ୍ଲିକଙ୍କ ଅଭିଯୋଗରୁ ଜଣାଯାଏ ଯେ ଆଜକୁ ୩୨ବର୍ଷ ହେବ ତାଙ୍କ ସ୍ୱାମୀ ଇଏଫ୍‌ସି ରିଟେଲ ସ୍ପେସ୍ ଲିମିଟେଡ୍‌ରେ କାର୍ଯ୍ୟ କରି ଆସୁଥିଲା । କାର୍ଯ୍ୟ ସମୟରେ ତାଠାରୁ ସଂସ୍ଥାର କେତେଜଣ ଯୁବକ ବନ୍ଧୁତା ସମ୍ପର୍କ ରଖି ସ୍ୱାମୀ ଅର୍ଜୁନଠାରୁ ବିଭିନ୍ନ ମିଛ ସତ କହି ସ୍ୱାମୀର ଦରମା ଟଙ୍କା ନେଇଥାନ୍ତି । ସେହି ଟଙ୍କାକୁ ତାକୁ ଫେରସ୍ତ କରନ୍ତି ନାହିଁ । ଏମିତିକି ଉକ୍ତ ଟଙ୍କାକୁ ନେଇ ମୋ ସ୍ୱାମୀ ସହିତ ଗଣ୍ଡଗୋଳ କରି ମରଣାନ୍ତକ ଆକ୍ରମଣ କରିଥାନ୍ତି । ଏନେଇ ଅର୍ଜୁନ ସଂସ୍ଥାର ମ୍ୟାନେଜରଙ୍କୁ ଜଣାଇବା ସହିତ ଅଭିଯୋଗ କାରିଣୀଙ୍କୁ ଫୋନ ଯୋଗେ ଜଣାଇଥାଏ । ମ୍ୟାନେଜର କଥା ବୁଝିବା ବଦଳରେ ସଂସ୍ଥାର ପିଲାଙ୍କୁ ଲଗାଇ ଅଧିକ ନିର୍ଯାତନା ଏବଂ ମାଡମାରି ଲହୁଲୁହାଣ କରିଥାଏ । ଅର୍ଜୁନ ସବୁ କଥା ସ୍ତ୍ରୀ ସସ୍ମିତାକୁ କହୁଥିବା ଜାଣି ମ୍ୟାନେଜର କୌଶଳ କ୍ରମେ ସ୍ୱାମୀକୁ ସବୁଦିନ ପାଇଁ ହଟାଇବାକୁ ଉଦେଶ୍ୟ ରଖି କମ୍ପାନୀ ଯୁବକମାନଙ୍କୁ ଲଗାଇ ତା -୨୦.୦୫. ୨୦୨୬ ରିଖ ବିଳମ୍ବିତ ରାତ୍ରୀରେ ସୁକଳ୍ପିତ ଭାବରେ ସଙ୍ଘବଦ୍ଧ ଭାବେ ହତ୍ୟାକରି ସ୍ୱାମୀର ମୃତ୍ୟୁ ଶରୀରକୁ ଟାଙ୍ଗୀ ଦେଇଥିଲେ । ଯାହା ଆତ୍ମହତ୍ୟା ରୂପ ନେବା ପାଇଁ ଯୋଜନା କରି ଗତ ମାସ ମଇଁ ୨୧ ତାରିଖ ସକାଳ ସମୟରେ ଶଶୁର ନବକିଶୋର ମଲ୍ଲିକଙ୍କୁ ଫୋନ ଯୋଗେ ଜଣାଇଥିଲେ ଯେ ତୁମ ପୁଅ ଆତ୍ମହତ୍ୟା କରିଛି, ତମେ ଶୀଘ୍ର ଆସ କହିବାରୁ ଅଭିଯୋଗ କାରିଣୀ ଓ ସମ୍ପର୍କୀୟ ମାନେ ପହଞ୍ଚି ଦେଖି ଜାଣିବାକୁ ପାଇଲୁକି ସଂସ୍ଥାର ମ୍ୟାନେଜରଙ୍କ ନିର୍ଦ୍ଦେଶରେ କେତେଜଣ ବ୍ୟକ୍ତିଙ୍କ ସହାୟତାରେ ହତ୍ୟା କରିଛନ୍ତି । ଏନେଇ ଅଭିଯୋଗ କାରିଣୀଙ୍କ ଶ୍ୱଶୁର ପାହାଳ ଥାନାରେ ଲିଖିତ ଅଭିଯୋଗ କରିବାରେ ପାହାଳ ଥାନା କେସ ନଂ - ୨୧୦/୨୦୨୬ ହତ୍ୟା ମାମଲା ଆଗତ କରିଥିଲେ ମଧ ଆଜିପର୍ଯ୍ୟନ୍ତ ପୋଲିସ ହତ୍ୟାକାରୀମାନଙ୍କୁ ଗିରଫ କରୁନାହାନ୍ତି । ଅଭିଯୋଗ କାରିଣୀ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲେ ଯେ ହତ୍ୟାକାଣ୍ଡ ଘଟଣାରେ ତଦନ୍ତ କାରି ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରିବର୍ତ୍ତେ ସେମାନଙ୍କୁ ସୁରକ୍ଷା ଦେଉଛନ୍ତି । ଯାହାକି ଅଭିଯୋଗ କାରିଣୀ ନ୍ୟାୟ ପାଇବାରୁ ବଂଚିତ ରହି ଶେଷରେ ପୋଲିସ କମିଶନର ଏବଂ ମାନବାଧିକାର କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

### ମୃତ୍ୟୁ ପୂର୍ବରୁ ଓଲା ଗାଡ଼ି ଭଡ଼ା କରି ତ୍ରୀଶୁଳିଆ ଯାଇଥିଲେ ଚନ୍ଦ୍ରିକା

# ପ୍ରେମିକକୁ ଖୋଜିବାକୁ ଟିମ୍ ଗଠିତ: ଡିସିପି

କଟକ(ନିପ୍ର): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକାଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛନ୍ତି କଟକ ଡିସିପି ଋଷିକେଶ ଡି. ଖିଲାରୀ । ଫେରାର୍ ଥିବା ଚନ୍ଦ୍ରିକାଙ୍କ ଓଏଏସ୍ ପ୍ରେମିକକୁ ଖୋଜିବା ପାଇଁ ପୁଲିସ ଉଦ୍ୟମ କରୁଛି । ଏଥିପାଇଁ ୨ଟି ଟିମ ଗଠନ କରାଯାଇଛି । ତେବେ ଏହା ମଧ୍ୟରେ ତଦନ୍ତକାରୀ ଟିମକୁ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ସେ କହିଛନ୍ତି ଘଟଣା ଦିନ ଚନ୍ଦ୍ରିକା ଓଲାଗାଡି ଭଡା କରି ତ୍ରୀଶୁଳିଆ ଯାଏଁ ଆସିଥିଲେ । ଏକଥା ଜଣା ପଡ଼ିବା ପରେ ତ୍ରୀଶୁଳିଆ ବଜାରରେ ଲାଗିଥିବା ବିଭିନ୍ନ ସିସିଟିଭ ଯାଞ୍ଚ କରୁଛି ପୋଲିସ । ଘଟଣା ସହିତ କେଉଁମାନେ ପରୋକ୍ଷରେ ସମ୍ପୃକ୍ତ ଅଛନ୍ତି ତାକୁ ମଧ ତଦନ୍ତ କରୁଛି ପୋଲିସ୍ । ସେପଟେ ଚନ୍ଦ୍ରିକାଙ୍କ ମୋବାଇଲ ଯାଞ୍ଚ ଚାଲିଛି । ଏସଏମଏସ ଏବଂ ଚାର୍ଟିଙ୍ଗରୁ କିଛି ପ୍ରମାଣ ମିଳିବାର ଆଶା କରାଯାଉଛି ବୋଲି କହିଛନ୍ତି କଟକ ଡିସିପି । ଅନ୍ୟପଟେ ଭୁବନେଶ୍ୱରରେ ରହୁଥିବା ମାମୁଁ ପୁଅ ଭଗବାନ ହାଁସଦା ବଡ଼ ଖୁଲାସା କରିଛନ୍ତି । ସେ କହିଛନ୍ତି ଯେ, ଭଉଣୀ ଚନ୍ଦ୍ରିକା ଭାରି ହସ ଖୁସିରେ ରୁହନ୍ତି । ଘଟଣା ପୂର୍ବରୁ ସେ ଭୁବନେଶ୍ୱର ଯାଇଥିବା ବେଳେ ସେଠାରେ ଭାଇଙ୍କ ସହିତ ୪ ତାରିଖ ଫିଲ୍ମ ଦେଖିବାକୁ ଯିବେ ବୋଲି ପ୍ଲାନ କରିଥିଲେ । ଏହା ସହିତ ଚନ୍ଦ୍ରିକା ମୁହଁ ଶୁଖାଇ ବସିଥିବା ବେଳେ ଭାଇ କାରଣ ପଚାରିଥିଲେ । ଚନ୍ଦ୍ରିକା କହିଥିଲେ ଜୀବନରେ କାହାକୁ ସହଜରେ ବିଶ୍ୱାସ କରିବୁ ନାହିଁ । କେବଳ ସେତିକି ନୁହେଁ ନିଜ ବାହାଘରକୁ ନେଇ ବେଶ ଖୁସି ରହିବା ସହିତ କିଭଳି ବାହାଘର ହେବ ସେ ନେଇ ମଧ ତାଙ୍କ ମାମୁଁ ପୁଅଙ୍କ ସହିତ ଆଲୋଚନା କରୁଥିଲେ । ଏପରିକି ଅନେକ ଥର ଚନ୍ଦ୍ରିକା ତାଙ୍କ ପୁରୁଷ ବନ୍ଧୁଙ୍କ ସହିତ ଭୁବନେଶ୍ୱରରେ ବୁଲିବାକୁ ଯାଇଥିବା କଥା କହିଛନ୍ତି ତାଙ୍କ ମାମୁଁ ପୁଅ । ଏହା ସହିତ ଚନ୍ଦ୍ରିକାଙ୍କ ମୃତ୍ୟୁକୁ ନେଇ ପ୍ରଶ୍ନ ଉଠାଇଛନ୍ତି ତାଙ୍କ ଭାଇ । ତାଙ୍କ ଭଉଣୀକୁ ମାରି ସେଠାରେ ଫୋପାଡ଼ି ଦିଆଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି । ସୂଚନାନୁସାରେ ମୃତଦେହ ମିଳିବାର ପୂର୍ବ ରାତିରେ ଚନ୍ଦ୍ରିକା ତାଙ୍କ ଓଏଏସ୍ ପ୍ରେମିକଙ୍କ ସହିତ ଦୀର୍ଘ ୧୦ ମିନିଟ୍ ପର୍ଯ୍ୟନ୍ତ ଫୋନରେ କଥା ହୋଇଥିଲେ । ତ୍ରିଶୂଳିଆ ଅଞ୍ଚଳରେ ଥିବା ବେଳେ ସେ ଏହି କଲ୍ କରିଥିଲେ । ଏହା ଥିଲା ତାଙ୍କର ଶେଷ କଲ୍ । କଲ୍ କଟିବା ପରେ ଫୋନ୍ କଟି ଯାଇଥିଲା । ସମ୍ଭବତଃ ଏହି କଲ୍ ଶେଷ ପରେ ଚନ୍ଦ୍ରିକାଙ୍କ ସହିତ କିଛି ଗୋଟେ ଅଘଟଣ ଘଟିଥିଲା । ପରଦିନ କାଠଯୋଡ଼ିରୁ ଚନ୍ଦ୍ରିକାଙ୍କର ମୃତଦେହକୁ ବାରଙ୍ଗ ପୁଲିସ ଠାବ କରିଥିଲା ।ତେବେ ଏହି କଲ୍ ରାତି ୯ଟାରୁ ୧୦ ମଧ୍ୟରେ କରାଯାଇଥିଲା । ଗୁରୁତ୍ୱପୂର୍ଣ୍ଣ ହେଉଛି ଚନ୍ଦ୍ରିକାଙ୍କ କଲ୍ ଶେଷ ପରେ ତାଙ୍କ ଓଏଏସ୍ ପ୍ରେମିକ ଅନ୍ୟ ଏକ କଲ୍ କରିଥିଲେ । ଏହି କଲ୍ ଟି ଥିଲା ଭୁବନେଶ୍ୱରରେ ରହୁଥିବା ତାଙ୍କର ନୂଆ ପ୍ରେମିକାଙ୍କ ପାଖକୁ । ଦୁହେଁ ପ୍ରାୟ ୫ ମିନିଟ୍ ପର୍ଯ୍ୟନ୍ତ କଥା ହୋଇଥିବା ଜଣାପଡ଼ିଛି । ବାରଙ୍ଗ ଥାନା ପୋଲିସ ଚନ୍ଦ୍ରିକାଙ୍କ ଓଏଏସ ପ୍ରେମିକଙ୍କର ନୂଆ ପ୍ରେମିକାଙ୍କୁ ପଚରାଉଚୁରା କରିଛି । ଆମେ ଦୁହେଁ କେବଳ ସାଙ୍ଗ ବୋଲି ସେହି ଝିଅଟି ପୋଲିସକୁ କହିଛି । ମାତ୍ର ଫୋନ୍ କଲ୍ ରେକର୍ଡ କିଛି ଭିନ୍ନ କହୁଥିବା ପୁଲିସ ଜାଣିବାକୁ ପାଇଛି । ଅନ୍ୟପଟେ ଚନ୍ଦ୍ରିକାଙ୍କ ଓ ଏଏସ୍ ପ୍ରେମିକ ଫେରାର୍ ଥିବାରୁ ତାଙ୍କ ବାପାଙ୍କୁ ପୋଲିସ ପଚରାଉଚରା କରିଛି । ପ୍ରେମିକଙ୍କ ବାପା ଜଣେ ପୁଲିସ କନଷ୍ଟେବଲ୍ । ସେ ମୟୂରଭଞ୍ଜର ଏକ ଥାନାରେ ଚାକିରି କରିଛନ୍ତି ବୋଲି ଜଣାପଡିଛି ।

### ଅଟୋ ଚାଳକଙ୍କ ଘରେ ପଶି ଚୋରି କରିବା ଘଟଣା

# ଅଭିଯୁକ୍ତଙ୍କୁ ତିନି ବର୍ଷ ସଜା

ପାରଳାଖେମୁଣ୍ଡି(ନିପ୍ର): ଦିନକୁ ଦିନ ସମାଜରେ ଚୋରି ବଢ଼ିବାରେ ଲାଗିଛି । ସେଇଭଳି ଏକ ମାମଲା ଗତବର୍ଷ ନଭେମ୍ବର ମାସରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ରାଣୀପେଣ୍ଠ ସ୍ଥିତ ସିମ୍ହା ନଗରରେ ଘଟିଯାଇଥିଲା; ଯେଉଁ ମାମଲାର ଶୁଣାଣି କରି ସୋମବାର ପାରଳାଖେମୁଣ୍ଡି ଏସଡ଼ିଜେଏମ୍ ସୁଶ୍ରୀ ଗାୟତ୍ରୀ ମିଶ୍ର ଅଭିଯୁକ୍ତ ସଞ୍ଜୟ ଗାନ୍ଧୀ କଲୋନୀ ନିବାସୀ ମଙ୍ଗଳମ ଚାଣ୍ଡି ଓ ଦୋଳବନ୍ଧ ନିବାସୀ ଏନ. ନାଗରାଜୁଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୫ ତଥା ୩୩୧(୩)ରେ ଦୋଷୀ ସାବ୍ୟସ୍ତ କରି ପୃଥକ ପୃଥକ ଭାବେ ତିନି ବର୍ଷର ସଶ୍ରମ କାରାଦଣ୍ଡ ସହ ଏକ ହଜାର ଟଙ୍କାର ଜୋରିମାନାରେ ଅଭିଯୁକ୍ତ ଦ୍ୱୟଙ୍କୁ ଦଣ୍ଡିତ କରିଛନ୍ତି । ସରକାରଙ୍କ ପକ୍ଷରୁ ଏପିପି କାଶୀନାଥ ଦାସ ଏହି ମାମଲାର ସଫଳ ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଏହି ମାମଲାଟିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଥିଲେ । ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବର ୨୦ ତାରିଖ ଦିନ ମଧ୍ୟାହ୍ନ ଦୁଇ ଘଣ୍ଟା ସମୟରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ରାଣୀପେଣ୍ଠ ସ୍ଥିତ ସିମ୍ହା ନଗରର ଏତଲାକାରି ଅଟୋ ଚାଳକ କର୍ଣ୍ଣମ ସୀମାଦ୍ରୀଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଉପରୋକ୍ତ ଦୁଇ ଆସାମୀ ଘରର ତାଲା ଭାଙ୍ଗି ଘର ଭିତରେ ପଶି ଚୋରି କରୁଥିଲେ । ଦିବା ପ୍ରାୟ ୨.୩୦ମିନିଟ ସମୟରେ ଯେତେବେଳେ ଏତଲାକାରି ଘରକୁ ଆସି ତାଲା ଭଙ୍ଗା ଯାଇଥିବାର ଦେଖିଲେ, ସେତିକିବେଳେ ସେ ପାଟି କରିବାରୁ ଘର ଭିତରୁ ଶବ୍ଦ ଆସିବା ଶୁଣି ବାହାରୁ କବାଟ ବନ୍ଦ କରିଦେଇଥିଲେ ଓ ସାହି ଲୋକ ଜମା ହେବା ପରେ ପୋଲିସକୁ ଖବର ଦେବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପୂର୍ବକ ସେଠାରେ ପହଞ୍ଚି କବାଟ ଖୋଲି ଦେଖିଥିଲେ ଯେ, ଉପରୋକ୍ତ ଦୁଇ ଆସାମୀ ଭିତରେ ରହିଛନ୍ତି । ପରେ ତାଙ୍କ ପାଖରୁ ଚୋରି ଜିନିଷ ଜବତ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲେ । ଏହି ମାମଲାକୁ ନେଇ ସେହି ଦିନ ସ୍ଥାନୀୟ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ମାମଲା ନମ୍ବର ୩୬୮ରେ ଏକ ମାମଲା ରୁଜୁ ହୋଇଥିଲା ।

# ଭୁବନେଶ୍ୱରରେ ପ୍ରବଳ ଛେଚିଲା



**ଭୁବନେଶ୍ୱର, ୮/୬(ନିପ୍ର):** ଦିନ ସାରା ଅସହ୍ୟ ଗୁଳୁଗୁଳି ଜନଜୀବନକ ଅସ୍ତବ୍ୟସ୍ତ କରୁଥିବାବେଳେ ଅପରାହ୍ଣରେ ତାଣ୍ଡବ ରଚୁଛି ଝଡ଼ବର୍ଷା । ମାତ୍ର କିଛି ସମୟ ଭିତରେ ଭୁବନେଶ୍ୱରରରେ ପ୍ରବଳ ଝଡ଼ ବର୍ଷା ସହିତ ଘଡଘଡ଼ି ବିଜୁଳି ଦେଖିବାକୁ ମିଳିଛି । ରାଜଧାନୀରେ ବଦଳିଲା ପାଗର ମିଜାଜ । ଅପରାହ୍ନରେ ଘୋଟି ଆସିଲା କଳାହାଣ୍ଡିଆ ମେଘ । ଏବେ ପ୍ରବଳ ବର୍ଷା। ରାଜଧାନୀ ବାସୀଙ୍କୁ ତାତିରୁ ମିଳିଲା ଆଶ୍ୱସ୍ତି। ଆଜି ଦିନରେ ଅସହ୍ୟ ଗରମରେ ଲୋକମାନେ ଛଟପଟ ହେଉଥିବା ବେଳେ, ଏବେ ପବନ, ଘଡ଼ଘଡ଼ି ସହ ବର୍ଷା ଗରମରୁ ତ୍ରାହି ଦେଇଛି। ଅନ୍ୟପଟରେ ଯାଜପୁରରେ କାଳବୈଶାଖୀ ତାଣ୍ଡବ । ବର୍ଷା ଓ ପବନରେ ଚାଳଛପର ଉଡ଼ିବା ସହ ଗଛ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। ଗତକାଲି କାଳବୈଶାଖୀ ଫଳରେ ଯାଜପୁର ବ୍ଲକ ଚଇନପୁର ପଂଚାୟତ ବିଦ୍ୟାଧରପୁର ସମେତ ବିଭିନ୍ନ ଅଞ୍ଚଳରେ ଅନେକ ଘର ଭାଂଗିଥିବା ବେଳେ, କେତେକ ଘର ଉପରେ ଗଛ ପଡି ରହିଛି । ବିଦ୍ୟାଧରପୁର ଗାଁରେ ଘର ଉପରେ ଗଛ ପଡି ରହିଥିବା ବେଳେ, ଲୋକମାନେ ଗଛ କାଟି ସଫା କରୁଛନ୍ତି। ଚାଳ ଘର ଛପର ଉଡେଇ ଦେଇଛି । ଅନ୍ୟପଟେ ବିଭିନ୍ନ ସ୍ଥାନ ରେ ଗତ କାଲିଠାରୁ ବିଦ୍ୟୁତ ସେବା ଠପ ହୋଇଯାଇଛି । ଯାହା ଫଳରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ।



ସୂଚନା ଭବନରେ ଉଦୟ ଓଡ଼ିଶା ପକ୍ଷରୁ ରଜ ମହୋତ୍ସବକୁ ଉଦଘାଟନ କରୁଛନ୍ତି ମେୟର ସୁଲୋଚନା ଦାସ (ଫଟୋ-ଦିନଲିପି)

## ସ୍ପଞ୍ଜ ଆଇରନ ଚୋରାଚାଲାଣ ବେଳେ ୬ ଟ୍ରକ ଧରା ପଡ଼ିଲା

**ଆଠଗଡ, ୮।୬(ନିପ୍ର):** ଆଠଗଡ ବ୍ଲକ ଅନ୍ତର୍ଗତ ଖୁଣ୍ଟୁଣୀ ରମ୍ଭେଇ ନିକଟରେ ଅବସ୍ଥିତ ବିକେ ଷ୍ଟିଲ କାରଖାନା ବାରମ୍ବାର ଘଟଣା ଅଘଟଣ ଘଟିବା ଏବଂ ଶ୍ରମିକ ମାନଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ ସହିତ ଗେଟ ଫାଟକରେ ତାଲା ପଡିବା ଭଳି ଘଟଣାକୁ ନେଇ କାରଖାନା ବନ୍ଦ ହୋଇଯିବା ଭଳି ଆଶଙ୍କା ସୃଷ୍ଟି ହୋଇଛି। ଗତକାଲି ବିକେ ଷ୍ଟିଲ କାରଖାନା ଭିତରୁ ୬ ଟି ଟ୍ରକରେ ସ୍ପଞ୍ଜ ଆଇରନ ଲୋଡ଼ିଂ ପଏଣ୍ଟରୁ ଲୋର୍ଡ ହୋଇ ବାହାରକୁ ଚାଲାଣ ସମୟରେ ବେଆଇନ ଚାଲାଣ କରୁଥିବା ଟ୍ରକଗୁଡ଼ିକୁ ଜବତ କରାଯାଇଥିଲା । ଏହି କାରବାର ପଛରେ ସ୍ଥାନୀୟ ଟ୍ରକ ମାଲିକ ଓ ବିକେ ଷ୍ଟିଲ କାରଖାନାର କିଛି ଉଚ୍ଚ ପଦସ୍ଥ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ ଲୁଟ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି । ଏହି ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କ ନିର୍ଦ୍ଦେଶରେ ୬ଟି ଟ୍ରକରେ ବେଆଇନ ଚାଲାଣ ହେଉଥିବା ଥିବା ଆସ (ପାଉଁଶ) ଲୋର୍ଡ ପରିବର୍ତ୍ତେ ମୂଲ୍ୟବାନ ସ୍ପଞ୍ଜ ଆଇରନ ଲୋର୍ଡ କରି ବାହାରକୁ ଆସୁଥିବା ବେଳେ କାରଖାନାର ସିକ୍ୟୁରିଟି ସିଫଟ ଚେଞ୍ଜ ହୋଇଯାଇଥିଲା । ସଦ୍ୟ ଡିଉଟି କରିବାକୁ ଆସିଥିବା ସିକ୍ୟୁରୀଟି ହାବୁଡ଼ରେ ଟ୍ରକଗୁଡିକ ଧରା ପଡ଼ିଯାଇଥିଲା। ସୌଭାଗ୍ୟକୁ ରାତି ସିଫଟର ସିକ୍ୟୁରୀଟି ଚାଲି ଯାଇଥିବା ବେଳେ ନୂଆ ସିକ୍ୟୁରୀଟି ପହଂଚିଯିବାରୁ ଚାଲାଣ ଯାଞ୍ଚ କରିବା ସମୟରେ ପ୍ରକୃତ ବେଆଇନ କାରବାରର ତଥ୍ୟ ପଦାକୁ ଆସିଥିଲା । ଏ ସମ୍ପର୍କରେ କାରଖାନାର ଜେନେରାଲ ମ୍ୟାନେଜର ସନ୍ତୋଷ ଖୁଣ୍ଟୁଣୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଖୁଣ୍ଟୁଣୀ ଥାନା ଅଧିକାରୀ ଜହର ଆବେଦନ ତଦନ୍ତ ଆରମ୍ଭ କରିଥିଲେ । ଲୋର୍ଡ ହୋଇଥିବା ସ୍ପଞ୍ଜ ଆଇରନ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କମ୍ପାନୀ ସୂତ୍ରରୁ ଜଣାପଡିଛି ।

## ନୂତନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଯୋଗଦାନ

କୁଚିଣ୍ଡା,୮/୬(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଗୋଷ୍ଠି ଶିକ୍ଷା ଅଧିକାରୀ ସୁଶ୍ରୀ ଗୀତା ପଧାନଙ୍କ ବାମରା ବ୍ଲକକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ସରିତା ସୋରଣିଆ ନୂତନ ଗୋଷ୍ଠି ଶିକ୍ଷା ଅଧିକାରୀ ଭାବେ ସୋମବାର ଯୋଗଦେଇଛନ୍ତି। ଏହି ଅବସରରେ ଗୋଷ୍ଠି ଶିକ୍ଷା ସମ୍ମିଳନୀ କକ୍ଷରେ ନୂତନଙ୍କୁ ସ୍ୱାଗତ କରାଯାଇଥିବା ବେଳେ ପୁରାତନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂତନ ଭାବେ ଯୋଗ ଦେଇଥିବା ଅଧିକାରୀ ସୋରଣିଆ କୁଚିଣ୍ଡା ବ୍ଲକକୁ ରାଜ୍ୟସ୍ତରରେ ଏକ ଅଗ୍ରଣୀ ବ୍ଲକ ଭାବେ ପରିଗଣିତ କରିବାକୁ ଏକ ସ୍ୱତନ୍ତ୍ର ଭିଜନ ପ୍ରସ୍ତୁତ କରିଥିବା କହିଥିଲେ। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ କୁମାର ଦାଶ ସଭା ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ, ସିଆରସିସି ଓ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଖେଳ ପଡ଼ିଆ ଉନ୍ନତିକରଣ ନାଁରେ ହେରଫେର !



ଗୋଲାମୁଣ୍ଡା, ୮/୬(ନିପ୍ର): ଆଜି ସାରା ଭାରତରେ କ୍ରୀଡ଼ାକୁ ନେଇ ସରକାର ଅତି ଗୁରୁତ୍ୱ ଦେଇଛନ୍ତି। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁ ସ୍ଥାନରେ ଖେଳ ପଡିଆ ଗୁଡିକ ନିର୍ମାଣ କରିବା ପାଇଁ କୋଟ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେକ ସ୍ଥାନରେ ଖେଳ ପଡିଆ ଉନ୍ନତିକରଣ ପାଇଁ ଆସୁଥିବା ଟଙ୍କା ହରିଲୁଟ ହେଉଥିବା ଖବର ସାମ୍ନାକୁ ଆସିଛି । ଏଭଳି ଖବର କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚିଚିଆ ପଞ୍ଚାୟତର ଶିବମନ୍ଦିର ଖେଳ ପଡିଆରେ ଦେଖିବାକୁ ମିଳିଛି । ସୂଚନାରୁ ପ୍ରକାଶ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ଖେଳ ପଡିଆ କାମର ଉନ୍ନତି କରଣ ପାଇଁ ୧୦ ଲକ୍ଷ୍ୟ ଟଙ୍କା ମଞ୍ଜୁର ହୋଇଥିଲା। ସେଥି ମଧ୍ୟରୁ ମନରେଗା କାମ ପାଇଁ ଟ୫୭୦୬୧୨,ଗାଁ ସାଥି ପାଇଁ ଟ୧୮୦୦, ମେଟେରିଆଲ କାମ ପାଇଁ ଟ ୪୧୪୩୩୦, ମୋଟ ୯୮୬୭୪୨ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡିଛି। କାମ ଚାଲୁଅଛି ବୋଲି ୧୩୨୫୮ ଟଙ୍କା ଖର୍ଚ୍ଚ ନ କରି ଛାଡି ଦେଇଛନ୍ତି। ଯାହାକି କି ମନରେଗା ଏମଆଇଏସ ତଥ୍ୟ ରିପୋର୍ଟରୁ ଜଣାପଡିଛି । ତେବେ ଖେଳ ପଡିଆରେ ସେ ଭଳିଆ କାମ ହୋଇଥିବା କୌଣସି ସଂକେତ ଦେଖା ଯାଉନାହିଁ। ପଞ୍ଚାୟତ ଦାୟିତ୍ୱରେ ଥିବା ଅଧିକାରୀମାନେ କାମ ନ କରି ସମସ୍ତ ଟଙ୍କା ହରିଲୁଟ କରିଥିବା ସନ୍ଦେହ ଉପୁଜିଛି। ଏ ଭଳିଆ ପଞ୍ଚାୟତ ଅଧିକାରୀମାନେ ହେବେ ତେବେ ଉନ୍ନତି ବଦଳରେ ଅବନତି ଆଡକୁ ଗତି କରିବ ବୋଲି ଆଶଙ୍କା କରାଯାଉଛି । ଏ ନେଇ ବିଡ଼ିଓଙ୍କୁ ଫୋନ ଯୋଗାଯୋଗ କରାଯାଇଥିଲା। ୨୦୨୨-୨୦୨୩ ଆର୍ଥିକ ବର୍ଷର କଥା ମୁଁ ଜାଣିନି ତଥାପି ତଦନ୍ତ କରି କହିବି ବୋଲି ପ୍ରକାଶ କରିଥିଲେ।

## କାଳବୈଶାଖୀର ତାଣ୍ଡବ: ବ୍ୟାପକ କ୍ଷୟକ୍ଷତି,ବିଦ୍ୟୁତ୍ ସେବା ବାଧାପ୍ରାପ୍ତ

**ନିରାକାରପୁର,୮/୬(ନିପ୍ର):** ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଓ ଏହାର ଆଖପାଖ ଅଞ୍ଚଳରେ ଆଜି ଅପରାହ୍ନରେ କାଳବୈଶାଖୀ ପ୍ରଳୟ ସୃଷ୍ଟି କରିଛି। ହଠାତ୍ ଆକାଶ ମେଘାଚ୍ଛନ୍ନ ହେବା ସହ ପ୍ରବଳ ବେଗରେ ବହିଥିବା ଝଡ଼ପବନ ଯୋଗୁଁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ହଠାତ୍ ପାଗ ବଦଳିବା ସହ ଜୋରରେ କାଳବୈଶାଖୀ ଝଡ଼ ମାଡ଼ି ଆସିଥିଲା। ଏହି ପବନର ବେଗ ଏତେ ଅଧିକ ଥିଲା ଯେ ନିରାକାରପୁର ଆଞ୍ଚଳିକ ପ୍ରମୁଖ ରାସ୍ତା ପାର୍ଶ୍ୱରେ ଥିବା ବହୁ ସଂଖ୍ୟାରେ ଗଛ ଉପୁଡ଼ି ପଡ଼ିଛି। ଅନେକ ସ୍ଥାନରେ ଗଛର ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିବାରୁ ଯାତାୟାତ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା। ଏହା ସହିତ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଅନେକ ଲୋକଙ୍କ ଘରର ଚାଳ ଓ ଆଜବେଷ୍ଟସ ଛପର ଉଡ଼ିଯାଇଥିବା ଦେଖିବାକୁ ମିଳିଛି। କାଳବୈଶାଖୀ ପ୍ରଭାବରେ ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ମୁଖ୍ୟ ବିଦ୍ୟୁତ୍ ଖୁଣ୍ଟ ଓ ତାର ଉପରେ ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିବାରୁ ଖୁଣ୍ଟଗୁଡ଼ିକ ଭାଙ୍ଗିରୁଜି ଯାଇଛି। ଫଳରେ ସମଗ୍ର ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଦୀର୍ଘ ସମୟ ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହେବା ଫଳରେ ସାଧାରଣ ଜୀବନଯାତ୍ରା ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟରେ ନିୟୋଜିତ ହୋଇଥିବା ଜଣାପଡ଼ିଛି।

## ସାମସଫ୍ଟ କମ୍ପ୍ୟୁଟର ଏଜୁକେସନ ପକ୍ଷରୁ ସାର୍ଟିଫିକେଟ ବିତରଣ ଓ ସ୍ୱାଗତ ଉତ୍ସବ

ପୁରୀ, ୮/୬(ନିପ୍ର): ସାମସଫ୍ଟ କମ୍ପ୍ୟୁଟର ଏଡୁକେସନ ପକ୍ଷରୁ ସଫଳତାର ସହ ପାଠ୍ୟକ୍ରମ ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ବିତରଣ ଏବଂ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଏକ ଭବ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା, ଦକ୍ଷତା ବିକାଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଓ ବିଶିଷ୍ଟ ଅତିଥିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ଼ଃ ଶଙ୍କର୍ଷଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍ଦେଶ୍ୟ କରି କହିଥିଲେ ଯେ, ବର୍ତ୍ତମାନର ଡିଜିଟାଲ ଯୁଗରେ କମ୍ପ୍ୟୁଟର ଶିକ୍ଷା ଓ ବୈଷୟିକ ଜ୍ଞାନର ଗୁରୁତ୍ୱ ଦିନକୁ ଦିନ ବୃଦ୍ଧି ପାଉଛି। କେବଳ ପାଠ୍ୟପୁସ୍ତକ ଜ୍ଞାନ ନୁହେଁ, ବରଂ ପ୍ରଯୁକ୍ତିଗତ ଦକ୍ଷତା ହିଁ ଭବିଷ୍ୟତରେ ସଫଳତାର ମୂଳ ଆଧାର ହୋଇପାରିବ। ସେ ଛାତ୍ରଛାତ୍ରୀଙ୍କୁ ନିଷ୍ଠା ଓ ପରିଶ୍ରମ ସହିତ ନିଜ ଲକ୍ଷ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଅତିଥି ଭାବେ ଯୋଗଦେଇଥିବା ଅଧାପିକା ସଂଘମିତ୍ରା ମହାପାତ୍ର ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟର ଜ୍ଞାନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ବର୍ତ୍ତମାନ ସମୟରେ ପ୍ରତ୍ୟେକ କ୍ଷେତ୍ରରେ ପ୍ରଯୁକ୍ତିର ବ୍ୟବହାର ବଢୁଥିବାରୁ ଯୁବପିଢ଼ିଙ୍କ ପାଇଁ କମ୍ପ୍ୟୁଟର ଶିକ୍ଷା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ସେହିପରି କିଟ ବିଶ୍ୱବିଦ୍ୟାଳୟର ଅଧାପକ ଡ଼ଃ ପ୍ରଦ୍ୟୁମ୍ନ ସାଥୁଆ ଛାତ୍ରଛାତ୍ରୀଙ୍କୁ ନିଜର ଦକ୍ଷତା ବୃଦ୍ଧି କରିବା ସହ ନୂତନ ନୂତନ ପ୍ରଯୁକ୍ତି ସମ୍ପର୍କରେ ସଚେତନ ରହିବାକୁ ଆହ୍ୱାନ କରିଥିଲେ।

## ବଡ଼ଦାଣ୍ଡ ପାଲଟିଛି ମୁକ୍ତଆକାଶର ଗୋଦାମ



ପୁରୀ, ୮/୬(ନିପ୍ର): ବଡ଼ ଡାକ୍ତରଖାନା ଛକ ଠାରୁ ସରଧାବାଲି ପର୍ଯ୍ୟନ୍ତ ରାସ୍ତା ର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ କ୍ୟାଭିନି, ଠେଲା ଦୋକାନୀ ପସରା ମେଲେଇ ବ୍ୟବସାୟ କରୁଥିବା ଯୋଗୁଁ ସାଧାରଣ ଚଳପ୍ରଚଳରେ ପ୍ରତିବନ୍ଧକ ସୃଷ୍ଟି ହେଉଛି, ସେହିପରି ବସଙ୍ଗ ଠାରୁ ସରଧାବାଲି ପର୍ଯ୍ୟନ୍ତ ରାସ୍ତାକୁ ରିକସା ଠେଲାଗାଡ଼ି, ଭଙ୍ଗା ଅଟୋ, ଡେକରସେନ ବାଉଁଶ ଗଦାଇ ରଖି ରାସ୍ତା ଅବରୋଧ କରୁଥିଲେ ମଧ୍ୟ ପୌରସଂସ୍ଥା ସମସ୍ତ ବିଷୟ ଜାଣୁଥିଲେ ମଧ୍ୟ ନିରବ ଦ୍ରଷ୍ଟା ସାଜୁଥିବାର ଅଭିଯୋଗ ହେଉଛି, ସେହିପରି ଠେଲାଗାଡ଼ି ଦୋକାନୀ ମାନଙ୍କୁ ବେଆଇନି ଭାବେ ବିଦ୍ୟୁତ ସଂଯୋଗ ଦେଇ ଅର୍ଥ ଆଦାୟ କରୁଥିବାର ଅଭିଯୋଗ ଜନସାଧାରଣରେ ହେଉଛି। ପୁରୀ ମହାନଗର ନିଗମ କେମିଶନର ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି ।

## ଭଦ୍ରକରେ ସିଏମ୍ ଟ୍ରଫି ଜୋନ୍-୩ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

ଭଦ୍ରକ,୮/୬(ନିପ୍ର): ଭଦ୍ରକ ଜିଲ୍ଲାରେ ଆୟୋଜିତ ସିଏମ୍ ଟ୍ରଫି ଜୋନ୍-୩ ଭଲିବଲ୍ ପ୍ରତିଯୋଗିତା ଜୁନ୍ ୭ ତାରିଖ ସଂଧ୍ୟାରେ ଭଦ୍ରକ କଲେଜ ପଡିଆ ଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲାପାଳ ଦିଲୀପ ରାଉତରାଏ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜୋନ୍-୩ ଅନ୍ତର୍ଗତ ଫାଇନାଲ୍ ପ୍ରତିଯୋଗିତାରେ ବାଳକ ବିଭାଗରେ କେନ୍ଦ୍ରାପଡ଼ା ଦଳ ଯାଜପୁର ଜିଲ୍ଲାକୁ ୨-୦ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ୍ ହୋଇଥିବା ବେଳେ ବାଳିକା ବିଭାଗରେ କେନ୍ଦ୍ରାପଡ଼ା ଦଳ ବାଲେଶ୍ୱରକୁ ୨-୧ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି। ଉଭୟ ବାଳକ ଓ ବାଳିକା ବିଭାଗର ଚାମ୍ପିଅନ୍ ଦଳଙ୍କୁ ଟ୍ରଫି ଏବଂ ରନର୍ସ-ଅପ୍ ଦଳଙ୍କୁ ପଦକ ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାକୁ ସୁଚାରୁ ଭାବେ ପରିଚାଳନା କରିଥିବା ସମସ୍ତ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଆଥଲେଟିକ୍ ସଂଘ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ରାଜ୍ୟ ସରକାରଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଭାବେ ସିଏମ୍ ଟ୍ରଫିର ଭୂମିକାକୁ ପ୍ରଶଂସା କରିବା ସହ ଉପସ୍ଥିତ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଉଭୟ ଚାମ୍ପିୟନ୍ ଦଳ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ରାଜ୍ୟସ୍ତରୀୟ ସେମିଫାଇନାଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯାତ୍ରା କରିଛନ୍ତି।

**DECLARATION**

I, Parthasarathi Mohapatra, S/o-Kshirod Mohapatra, At- Nuagan, PO- Teragan, PS-Marshaghai, Dist.-Kendrapara-754224, do hereby declare that, I have purchased the half share i.e. A0.14 dec.from southern side out of A0.28 dec. appertaining to Plot No. 251 under Khata No. 568 of Mouza-Nuagan of deceased recorded tenant Shantilata Mohanty from her legal heirs namely Ashok Kumar Mohanty, Aswin Kumar Mohanty, Asit Kumar Mohanty, Sarojini Mohanty, Manorama Mohanty & Mamata Mohanty vide Regd. Sale Deed No. 10962301516 dt.13.10.2023 and after purchase I am in peaceful and continuous possession over the same since from the date of purchase and I have mutated & converted the purchased to homestead status & ROR to the above purchase has been prepared & issued in my favour bearing Khata No. 637/851, Plot No. 251/2675 – A0.14 dec. of Mouza-Teragan. Now I am going to construct house by incurring loan over said plot. If there is any objection to that effect from another recorded tenant Sakuntala Mohanty or her legal representatives, then kindly object before the Manager, UCO Bank, Marshaghai Branch within 15 days of publication of this declaration.

**Parthasarathi Mohapatra**
**Mob: 9230500841**

## କେବେ ବାସ୍ତବ ରୂପରେଖ ପାଇବ ଖଳିବକଟା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

ଭାପୁର,୮/୬(ନିପ୍ର): ଏକ ଜନମଙ୍ଗଳ ରାଷ୍ଟ୍ରରେ ଜନସାଧାରଣଙ୍କ ସମାସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ କରିପାରିଲେ ଜନସାଧାରଣ ଖୁସିରେ ଜୀବନ ଅତିବାହିତ କରିଥାନ୍ତି। ଜନସାଧାରଣଙ୍କ ସମାସ୍ୟା ଦେଖାରେଖା କରିବା ପାଇଁ ସରକାର ତୃଣମୂଳସ୍ତର ପର୍ଯ୍ୟନ୍ତ ସମସ୍ତ ବିଭାଗରେ ପଦାଧିକାରୀ ନିଯୁକ୍ତି କରିଛନ୍ତି। ହେଲେ ସେହି ପଦାଧିକାରୀମାନେ ହୁଅନ୍ତୁ କି ରାଜନେତାମାନେ ହୁଅନ୍ତୁ ସେମାନେ ଲୋକଙ୍କ ପ୍ରକୃତ ସେବା ଯୋଗାଇଦେବା ଦେଖିବାକୁ ମିଳୁନାହିଁ। ରାଜ୍ୟ ସରକାର ରାଜ୍ୟର ଅନ୍ୟୂନ ତିରିଶ ଭାଗ ଚାଷ ଜମିରେ ଜଳ ସେଚନ ସୁବିଧା ଯୋଗାଇଦେବା ପାଇଁ ଘୋଷଣା କରିଛନ୍ତି। ବୃହତ୍ତ ଜଳସେଚନ ପ୍ରକଳ୍ପ ପରିବର୍ତ୍ତେ ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କରି ଜଳସେଚନ ସୁବିଧା ଯୋଗାଇ ଦେବା ଲକ୍ଷରେ ବିଭିନ୍ନ ପ୍ରକଳ୍ପ ଆରମ୍ଭ କରୁଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଉଁଶବାଟୀ ଗାଁ ନିକଟରେ ଥିବା ଗୋଶିଙ୍ଗ ପାହାଡ ପାଦ ଦେଶରେ ରହିଛି ଏକ ବିସ୍ତୀର୍ଣ୍ଣ ପଡିଆ। ଯାହାକୁ ଗ୍ରାମବାସୀମାନେ ଖଳିବକଟା ପଡିଆ କୁହନ୍ତି। ଏହା ପ୍ରାୟ ଦୁଇ ଶହ ଏକର ଅଞ୍ଚଳ ହେବ ବୋଲି ଅନୁମାନ କରାଯାଉଛି। ଏହି ପଡିଆ ଦେଇ ଗୋଶିଙ୍ଗ ପାହାଡରୁ ବୋହି ଆସୁଛି ଏକ ଝରଣା। ଏହି ପଡିଆକୁ ବନ୍ଧ ପକାଇ ଶରଣା ପାଣି ସହ ଗୋଶିଙ୍ଗ ପାହାଡର ବୋହି ଯାଉଥିବା ପାଣିକୁ ଅଟକାଇ ରଖାଗଲେ ଏହା ଜିଲ୍ଲାର ଅନ୍ୟତମ ବୃହତ୍ତ ଜଳଭଣ୍ଡାର ହୋଇପାରନ୍ତା। ଏ ନେଇ ନା ସ୍ଥାନୀୟ ଜନସାଧାରଣ ଦୃଢ଼ ଦାବି କରୁଛନ୍ତି ନା ସ୍ଥାନୀୟ ନେତୃତ୍ୱ ଏ ନେଇ ଆଗ୍ରହ ଦେଖାଉଛନ୍ତି। ଏଭଳି ଏକ ସମ୍ଭାବନାପୂର୍ଣ୍ଣ ବିସ୍ତୃତ ଜଙ୍ଗଲ ତଳିଆ ଅଞ୍ଚଳ କଥା କ୍ଷୁଦ୍ର ଜଳସେଚନ ବିଭାଗ ଜାଣିବ ବା କିପରି। ଯଦିଓ ଥରେ ଦୁଇଥର ବିଭାଗୀୟ ଅଧିକାରୀଙ୍କୁ ଏ ନେଇ ଅବଗତ କରାଯାଇଛି ସେ କଥାକୁ ବିଭାଗୀୟ ବାବୁମାନେ ଏତେଟା ଗୁରୁତ୍ୱ ଦେଇ ନାହାନ୍ତି। ଏହି ଅଞ୍ଚଳରେ ମୃତ୍ତିକା ସରକ୍ଷଣ ବିଭାଗ ଦୁଇ ତିନୋଟି ଛୋଟ ଛୋଟ ପଥର ବନ୍ଧକରି ମୃତ୍ତିକାକ୍ଷୟ ରୋକିବା ପାଇଁ ଚେଷ୍ଟା କରିଛି। ମାତ୍ର ଏଠାରେ ଏକ ଜଳସେଚନ ପ୍ରକଳ୍ପ କରାଗଲେ ବାଉଁଶବାଟୀ, ରାକମା ପଞ୍ଚାୟତର ଶତାଧିକ ଏକର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ପାରନ୍ତା। ଏ ନେଇ ଏହି ପଞ୍ଚାୟତର ଯୁବ ରାଜନେତା କହିଛନ୍ତି ଯେ ଏ ବିଷୟରେ ମୁଁ ଜିଲ୍ଲା ପରିଷଦ ବୈଠକରେ ଦାବି ଉପସ୍ଥାପନ କରିବି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରେ ସେ କହିଲେ ଯେ ଆମ ବିଭାଗ ତରଫରୁ ଉକ୍ତ ଅଞ୍ଚଳ ଦେଖିବା ପରେ ପ୍ରକଳ୍ପ ହେବାର ସୁଯୋଗ ଥିଲେ ଆମେ ସରକାରଙ୍କ ନଜରକୁ ଆଣିବୁ। ଏ ନେଇ ସ୍ଥାନୀୟ ବିଧାୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



## କାଳବୈଶାଖୀର ତାଣ୍ଡବ: ଜନଜୀବନ ପ୍ରଭାବିତ

**ଆଠଗଡ଼, ୮।୬(ନିପ୍ର):** ସୋମବାର ଅପରାହ୍ନରେ ଆଠଗଡ଼ରେ କାଳବୈଶାଖୀ ତାଣ୍ଡବ ରଚିଛି। ବର୍ଷା ସହ ପବନ ଓ କେତେକ ସ୍ଥାନରେ କୁଆପଥର ମାଡ଼ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କାଳବୈଶାଖୀ ବର୍ଷା ଯୋଗୁଁ ଆଠଗଡ଼ବାସୀ ସାମାନ୍ୟ ଆଶ୍ୱସ୍ତି ମିଳିଛି। କାଳବୈଶାଖୀର ପବନର ପ୍ରଭାବ ଏତେ ପ୍ରଭାବଶାଳୀ ଥିଲା ଯେ ବହୁ ସ୍ଥାନରେ ଅନେକ ବଡବଡ ଗଛ ଭାଙ୍ଗିବା ସହିତ ଚାଳଛପର ଘର ଏବଂ ଆଜବେଷ୍ଟସ ଉଡ଼ାଇ ନେଇଥିବା ବେଳେ ଅନେକ ଦୋକାନ ଘର ଭାଙ୍ଗିଥିବା ଜଣାପଡିଛି। ଦୋକାନ ଘର ଟିଣ ଆଜବେଷ୍ଟ ଉଡି ଗଛରେ ଲାଗିଛି। ଏହାର ପ୍ରଭାବରେ ଜଣେ ବ୍ୟକ୍ତି ଆହାତ ହୋଇ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କାଳବୈଶାଖୀ ତାଣ୍ଡବରେ ବଡ ବଡ ଗଛ ଭାଙ୍ଗି ରାସ୍ତା ଉପରେ ପଡି ରାସ୍ତା ଅବରୋଧ ହୋଇଛି। ଫଳରେ ଲୋକମାନେ ଯାତାୟତରେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆଠଗଡ଼ରେ ଦୀର୍ଘ ସମୟଧରି ଲାଇନ୍ ଆସିବା ସମ୍ଭବ ହୋଇପାରି ନ ଥିଲା। କେତେବେଳେ ବିଦ୍ୟୁତ ଆସିବ ତାହା ସଠିକ୍ ଭାବେ ଜାଣି ନ ପାରି ରାତିରେ ବିଦ୍ୟୁତ ଆସିବାକୁ ନେଇ ଆଶଙ୍କାରେ ଜନସାଧାରଣ ଥିଲେ । କିନ୍ତୁ ଅଗ୍ନିଶମ ବାହିନୀର କର୍ମଚାରୀ ଏବଂ ବିଦ୍ୟୁତ ବିଭାଗର କର୍ମଚାରୀମାନଙ୍କ ଅକ୍ଲାନ୍ତ ପରିଶ୍ରମ ପାଇଁ ବହୁ ବିଳମ୍ବରେ ବିଦ୍ୟୁତ ଯୋଗାଣ ସମ୍ଭବ ହୋଇଥିଲା। କାଳବୈଶାଖୀ ପ୍ରଭାବରେ ବେପାର ବଣିଜ ସମ୍ପୁର୍ଣ୍ଣ ବାଧାପ୍ରାପ୍ତ ହେବା ସହ ଗାଡ଼ି ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା।



## ଧକ୍କା ଦେଇ ଓଲଟିଲା ପଥର ବୋଝେଇ ହାଇୱା, ୨ ଆହତ



**ହିଞ୍ଜିଳିକାଟୁ, ୮।୬(ନିପ୍ର):** ହିଞ୍ଜିଳି ଥାନା ଶ୍ୟାମଳାଇ - ବୁରୁପୋଡା ମଧ୍ୟବର୍ତ୍ତୀ ରାସ୍ତାରେ ରାସ୍ତା ପାର୍ଶ୍ୱରେ ଖଜୁରୀ ତାଡି ବିକ୍ରି କରୁଥିବା ଜଣେ ଯୁବକଙ୍କୁ ଧକ୍କା ଦେଇ ଏକ ପଥର ବୋଝେଇ ହାଇୱା (ଓଡି୦୭ଏଆର ୯୨୦୪) ରାସ୍ତା ପାର୍ଶ୍ୱକୁ ଓଲଟି ପଡିଛି। ଦୁର୍ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ରାସ୍ତା ପାର୍ଶ୍ୱରେ ଖଜୁରୀ ତାଡି ବିକ୍ରି କରୁଥିବା ଶେରଗଡ ଥାନା ଆମ୍ବୁଆବାଡି ଗ୍ରାମର ବାଲୁଙ୍କେଶ୍ୱର ବେହେରା ଓ ହାଇୱା ଚାଳକ ହିଞ୍ଜିଳି ଥାନା ବି. ନୂଆଁପଲ୍ଲୀ ଗ୍ରାମର ରବିନ୍ଦ୍ର ସ୍ୱାଇଁ (୨୬) । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ବାଲୁଙ୍କେଶ୍ୱରଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ହାଇୱା ଚାଳକଙ୍କୁ ଚିକିତ୍ସା ପରେ ଥାନାରେ ଅଟକ ରଖି ପୁଲିସ ପଚରାଉଚୁରା କରୁଛି। ପଥର ବୋଝେଇ କରି ହାଇୱାଟି ଶେରଗଡ ଠାରୁ ହିଞ୍ଜିଳିକାଟୁ ଅଭିମୁଖେ ଯାଉଥିବା ବେଳେ ହିଞ୍ଜିଳି ଥାନା ଶ୍ୟାମଳାଇ-ବୁରୁପୋଡା ଗ୍ରାମ ମଧ୍ୟବର୍ତ୍ତୀ ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଖଜୁରୀ ତାଡି ବିକ୍ରି କରୁଥିବା ଯୁବକଙ୍କୁ ଧକ୍କା ଦେଇ ହାଇୱାଟି ରାସ୍ୱା ପ୍ୱାର୍ଶ୍ୱକୁ ଓଲଟି ପଡିଥିଲା ।

**AFFIDAVIT**

By the virtue of an affidavit made before Executive Magistrate, Balasore, Odisha on dt:01.06.2026 declare that I BINAPANI BARIK, At:Rautara, Po: Pratappur, Ps: Baliapal, Dist: Balasore, PIN:756083 has been changed my son's name from GOPINATH BARIK to DEEPAK BARIK. Henceforth he will be known as DEEPAK BARIK for all purposes.

**BINAPANI BARIK**

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ